ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୫/୨୦୨୨ (୧୪ ପୃଷ୍ଠା) Bhubaneswar, Monday, July 25/2022 Page 14 ₹ 7.00 ★★★★

୪୮ଶ ଭାଗ ୨୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ଭର୍ଷ୍ଟାପେନ୍‌ଙ୍କୁ ଟାଇଟଲ

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫ୍ରେଞ୍ଚ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଚାମ୍ପିୟନ ହୋଇଛନ୍ତି।

୧୨

୧୦

ଇତିହାସପ୍ରେମୀ ଜାହ୍ନବୀ

ସ୍କୁଲ ସମୟରେ ଇତିହାସ ପଢ଼ିବା ଖୁବ୍ ପସନ୍ଦ ଥିବା ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର କହିଛନ୍ତି।

ଆଧାର-ଭୋଟର କାର୍ଡ ଲିଙ୍କ୍ ଶୁଣାଣି ଆଜି

ନୂଆଦିଲ୍ଲୀ,୨୪।୭

- ■ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କଂଗ୍ରେସ
- ■ ପ୍ରିଭେସି, ସମାନତା ଅଧିକାର ଉଲ୍ଲଂଘନ ଆଶଙ୍କା
- ■ ୨୪ ମିନିଟରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା ବିଲ୍

ଆଧାର ସହ ଭୋଟର ପରିଚୟପତ୍ରର ସଂଯୋଗ ପାଇଁ ଉଦ୍ଦିଷ୍ଟ ଆଇନକୁ ସୁପ୍ରିମକୋର୍ଟରେ କଂଗ୍ରେସ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଛି। ବିରୋଧୀ ଦଳର ଯୁକ୍ତି ହେଲା, ଆଧାର-ଭୋଟର କାର୍ଡ ସଂଯୋଗୀକରଣ ନେଇ ଅତି ତରବରିଆ ଭାବେ ବିନା କୌଣସି ବିତର୍କରେ ପାର୍ଲାମେଣ୍ଟରେ ଆଇନ ଗୃହୀତ କରାଯାଇଛି। ଏହାଦ୍ୱାରା ବହୁ ସଂଖ୍ୟକ ଭୋଟର ମତଦାନ ଅଧିକାରରୁ ବଞ୍ଚିତ ହେବେ। ଏହି ଆଇନକୁ ଅସାମ୍ବିଧାନିକ ତଥା ନାଗରିକଙ୍କ ପ୍ରିଭେସି (ବ୍ୟକ୍ତିଗତ ଅନ୍ତରଙ୍ଗ ତଥ୍ୟ) ଓ ସମାନତା ଅଧିକାର ଉଲ୍ଲଂଘନକାରୀ ଭାବେ ଅଭିହିତ କରି ରଦ୍ଦ ପାଇଁ କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲା ନିଜ ପିଟିଶନରେ ଦାବି କରିଛନ୍ତି। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରିବେ।

ପ୍ରଥମେ ଆଧାର ସହ ନିର୍ବାଚନୀ ତଥ୍ୟ ସଂଯୋଗୀକରଣ ପ୍ରକଳ୍ପକୁ ନିର୍ବାଚନ କମିଶନ (ଇସି) ନିର୍ବାଚନୀ ସଂସ୍କାର ପ୍ରକ୍ରିୟାର ଏକ ଅଂଶବିଶେଷ ଭାବେ ଆରମ୍ଭ କରିଥିଲେ। ଭୋଟର ତାଲିକାରେ ଜାଲିଆତି ରୋକି ତ୍ରୁଟିମୁକ୍ତ କରିବା ଏବଂ ବିଭିନ୍ନ ରାଜ୍ୟରେ ଜଣେ ଭୋଟରଙ୍କୁ ମତଦାନରୁ ରୋକିବା ଏହାର ଉଦ୍ଦେଶ୍ୟ ବୋଲି ସେତେବେଳେ ଇସିଙ୍କ ପକ୍ଷରୁ କୁହାଯାଇଥିଲା। ପାର୍ଲାମେଣ୍ଟର ଶୀତ ଅଧିବେଶନ ବେଳେ ୨୦୨୧ ଡିସେମ୍ବର ୨୦ରେ କେନ୍ଦ୍ର ସରକାର ନିର୍ବାଚନ ଆଇନ (ସଂଶୋଧନ), ୨୦୨୧ ବିଲ୍‌କୁ ଲୋକ ସଭାରେ ଉପସ୍ଥାପନ କରିଥିଲେ। ଆଇନମନ୍ତ୍ରୀ କିରେନ୍ ରିଜିଜୁଙ୍କ ପକ୍ଷରୁ ଆଗତ ଉକ୍ତ ବିଧେୟକକୁ ବିଜେଡି ସମେତ କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ଟିଏମ୍‌ସି, ୱାଇଏସ୍‌ଆର୍‌ସିପି, ବିଏସ୍‌ପି, ଶିବସେନା ପ୍ରମୁଖ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିଲେ। ତେବେ ରିଜିଜୁ ଏହାକୁ ନିର୍ବାଚନ ସଂସ୍କାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ଭୋଟର ପରିଚୟପତ୍ର ସହ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି କହିଥିଲେ। ରାଜ୍ୟ ସଭାରେ ବିଲ୍ ଉପରେ ବିତର୍କ ବେଳେ ଟିଏମ୍‌ସି ☞ପୃଷ୍ଠା-୪

ନୀରଜଙ୍କ ଚମକ

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଜିତିଲେ ରୌପ୍ୟ ପଦକ

- ■ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ
- ■ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ
- ■ ୨୦୧୮ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ
- ■ ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ
- ■ ୨୦୧୬ ସାଉଥ୍ ଏସିଆନ ଗେମ୍ସ ଓ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ

ଇଉଜିନ, ୨୪।୭(ପି.ଟି.)

ଅଲିମ୍ପିକ୍ ଚାମ୍ପିୟନ ନୀରଜ ଚୋପ୍ରା ନିଜ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ଇତିହାସ ରଚିଛନ୍ତି ଏହି ଭାରତୀୟ ଆଥ୍‌ଲେଟ। ଏଠାରେ ଅନୁଷ୍ଠିତ ଜାଭେଲିନ୍ ଥ୍ରୋ ଫାଇନାଲରେ ୮୮.୧୩ ମିଟର କ୍ଲିୟର କରି ଏହି ନିଆରା ସଫଳତା ପାଇଛନ୍ତି ୨୪ ବର୍ଷୀୟ ନୀରଜ। ଭାରତର ପ୍ରଥମ ପୁରୁଷ ଏବଂ ଦ୍ୱିତୀୟ ଆଥ୍‌ଲେଟ ଭାବେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଭାରତର ପ୍ରଥମ ଆଥ୍‌ଲେଟ ଭାବେ କିମ୍ବଦନ୍ତୀ ମହିଳା ଲଙ୍ଗଜମ୍ପର ଅଞ୍ଜୁ ବବି ଜର୍ଜ ୨୦୦୩ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଐତିହାସିକ ସଫଳତା ପାଇଁ ନୀରଜଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ସମେତ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ଆଡିଲେ ସୁମାରିୱାଲାଙ୍କଠାରୁ ରୌପ୍ୟ ପଦକ ଗ୍ରହଣ କରିଥିଲେ ନୀରଜ। ସେଠାରେ ଷ୍ଟାଣ୍ଡରେ ଉପସ୍ଥିତ ଥିବା ଭାରତୀୟ ଏବଂ ଅନ୍ୟ ଆଥ୍‌ଲେଟମାନେ ନୀରଜଙ୍କୁ ଉତ୍ସାହିତ କରିଥିଲେ।

ବିଶ୍ୱ ଚାମ୍ପିୟନଶିପ୍ ଜାଭେଲିନ ଥ୍ରୋ ଫାଇନାଲରେ ନୀରଜ ନିଜ ପ୍ରଥମ ଉଦ୍ୟମରେ ୮୨.୩୯ ମିଟର ଥ୍ରୋ କରିଥିଲେ ହେଁ ତାହା ଫାଉଲ୍ ହୋଇଥିଲା। ୩ ରାଉଣ୍ଡ ଶେଷରେ ସେ ସର୍ବାଧିକ ୮୬.୩୭ ମିଟର ଥ୍ରୋ ସହିତ ୪ର୍ଥ ସ୍ଥାନରେ ରହିଥିଲେ। ମାତ୍ର ଧୈର୍ଯ୍ୟ ହରାଇ ନ ଥିଲେ ହରିୟାଣା ପାନିପଥ ନିକଟସ୍ଥ ଖଣ୍ଡ୍ରା ଗ୍ରାମର କୃଷକଙ୍କ ପୁତ୍ର ନୀରଜ। ସେ ୪ର୍ଥ ରାଉଣ୍ଡ ବେଳକୁ ନିଜ ରିଦିମ ଫେରି ପାଇଥିଲେ ଏବଂ ୮୮.୧୩ ମିଟର ଥ୍ରୋ କରିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୪ର୍ଥ ଶ୍ରେଷ୍ଠ ପ୍ରଦର୍ଶନ। ଏଥିସହିତ ସେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ। ୫ମ ଏବଂ ୬ଷ୍ଠ ତଥା ଅନ୍ତିମ ଥ୍ରୋ ☞ପୃଷ୍ଠା-୪

ପ୍ରଜ୍ଞା ମିଶ୍ର ରାଜ୍ୟ ଟପ୍ପର

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ

- ■ ପାସ୍ ହାର ୯୯.୩୮%, ଓଡ଼ିଶାରେ ୯୯.୪୭%
- ■ ୧୮ ଛାତ୍ରୀଛାତ୍ର ସର୍ବଭାରତୀୟ ଟପ୍ପର

କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ଇ) ଦ୍ୱାରା ପରିଚାଳିତ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ ଓଡ଼ିଶାର

ପ୍ରଜ୍ଞା ମିଶ୍ର

ପାସ୍ ହାର ଅଧିକ ରହିଛି। ଦେଶରେ ପାସ୍ ହାର ୯୯.୩୮% ଥିବାବେଳେ ଓଡ଼ିଶାରେ ୯୯.୪୭% ରହିଛି। ଏଥର ବି ଛାତ୍ରୀମାନେ ଆଗରେ ରହିଛନ୍ତି। ୯୯.୫୨% ଛାତ୍ରୀ ଓ ୯୯.୨୬% ଛାତ୍ର ପାସ୍ କରିଛନ୍ତି। ୧୮ଜଣ ଛାତ୍ରୀଛାତ୍ର ୯୯.୭୫% ମାର୍କ ରଖି ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେହିଭଳି ୫୮ଜଣ ଛାତ୍ରୀଛାତ୍ର ୯୯.୫% ସହ ଦ୍ୱିତୀୟ ଏବଂ ଓଡ଼ିଶାର ଛାତ୍ରୀ ପ୍ରଜ୍ଞା ମିଶ୍ରଙ୍କ ସହ ୭୮ଜଣ ଛାତ୍ରୀଛାତ୍ର ୯୯.୨୫% ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବ୍ରହ୍ମପୁର ଡି ପଲ୍ ସ୍କୁଲ ଛାତ୍ରୀ ପ୍ରଜ୍ଞା ୯୯.୨୫% ସହ ରାଜ୍ୟ ଟପ୍ପର ହୋଇଥିବାବେଳେ ଉକ୍ତ ସ୍କୁଲ ଛାତ୍ରୀ ସୌମ୍ୟା ପଟ୍ଟନାୟକ ଓ ରାଉରକେଲା ଚିନ୍ମୟ ବିଦ୍ୟାଳୟ ଛାତ୍ର ଲଳିତେନ୍ଦୁ ଜଗଜ୍ୟୋତି ମିଶ୍ର ୯୮.୭୫% ରଖି ଦ୍ୱିତୀୟ ଏବଂ ରାଉରକେଲା ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲ ଛାତ୍ରୀ ସ୍ନେହା ମିଶ୍ର ୯୮.୫୦% ସହ ☞ପୃଷ୍ଠା-୪

ଦୁଇ ହାତୀ କଙ୍କାଳ ଜବତ

ଭୁବନେଶ୍ୱର/ସମ୍ବଲପୁର ୨୪।୭(ବ୍ୟୁରୋ)

ଆଠଗଡ଼ ପରେ ସମ୍ବଲପୁର

ଆଠଗଡ଼ ବନଖଣ୍ଡରେ ୪ ହାତୀ କଙ୍କାଳ ମାଟି ତଳୁ ବାହାରିବା ଘଟଣାରେ ଏସ୍‌ଆଇଟି ତଦନ୍ତ ନ ସରୁଣୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସମ୍ବଲପୁର ବନଖଣ୍ଡର ଦୁଇଟି ସ୍ଥାନରୁ ଦୁଇ ଅର୍ଦ୍ଧ ଦଗ୍ଧ ହାତୀ କଙ୍କାଳ ଜବତ କରିଛି। ପୃଥକ ସ୍ଥାନରୁ ପାଉଁଶ, ଅଧାପୋଡ଼ା ହାଡ଼ ମିଳିଛି। ଗଛ ଗଣ୍ଡିରେ କିରୋସିନ, ପେଟ୍ରୋଲ କିମ୍ବା ଡିଜେଲ ପକାଇ ହାତୀକୁ ପୋଡ଼ାଯାଇଛି। ପୂରା ଘଟଣାକ୍ରମ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହି ସ୍ପର୍ଶକାତର ଘଟଣାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତେବେ ଶିକାର ନା ଆଉ କିଛି କାରଣରୁ ହାତୀଦ୍ୱୟର ମୃତ୍ୟୁ ଘଟିଛି ତାହାର ମଧ୍ୟ ଖୋଳତାଡ଼ କରୁଛି ଏସ୍‌ଟିଏଫ୍।

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଅନ୍ତର୍ଗତ କାଲୋଗାଁ ସେକ୍ସନରେ ମୃତ ଦୁଇ ହାତୀକୁ ପୋଡ଼ି ଦିଆଯାଇଥିବା ଗୋଇନ୍ଦା ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍‌ର ୪ଜଣିଆ ଟିମ୍ ଉକ୍ତ ବନଖଣ୍ଡରେ ଦୁଇଦିନ ଡେରା ପକେଇବା ସହ ସୂଚନା ଆଧାରରେ କାଲୋଗାଁ ଜଙ୍ଗଲରେ ଉକ୍ତ ଦୁଇଟି ସ୍ଥାନକୁ ଚିହ୍ନଟ କରିଥିଲା। ଟିମ୍ ସହ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଥିଲେ। ରବିବାର ସକାଳୁ ଦୁଇଜଣ ସରକାରୀ ସାକ୍ଷୀଙ୍କୁ ସାଙ୍ଗରେ ନେଇ ଧମା ଓ ଯୁଯୁମୁରା ରେଞ୍ଜ ଅଧିକାରୀଙ୍କ ସହିତ ଏସ୍‌ଟିଏଫ୍ ଟିମ୍ ଜଙ୍ଗଲ ଭିତରକୁ ଯାଇଥିଲା। ପୋଷ୍ଟମର୍ଟମ କରିବା ପାଇଁ ଯୁଯୁମୁରା ବ୍ଲକ ଭେଟରିନାରି ଅଧିକାରୀ ଡା. ଅମ୍ରିତ ସାହୁ ମଧ୍ୟ ସେମାନଙ୍କ ସହ ଥିଲେ। ଜଙ୍ଗଲ ଭିତରେ ପ୍ରାୟ ଏକ ଘଣ୍ଟା ଚାଲି ଚାଲି ଯିବା ପରେ ହେଡୁଆ ସୁଖା ପାହାଡ଼ ପାଦ ଦେଶରେ ଏକ ପ୍ରାପ୍ତ ବୟସ୍କ ହାତୀର ଦର ପୋଡ଼ା ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ଶୂନ ଉତ୍ତରଦାୟିତ୍ୱ

ଆଜି ଶପଥ ନେବେ ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ପିନ୍ଧିବେ ସାନ୍ତାଳୀ ଶାଢ଼ି

ନୂଆଦିଲ୍ଲୀ, ୨୪।୭: ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ନେବେ। ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଏହି ଉତ୍ସବ ପାଇଁ ଆୟୋଜନ ହୋଇଛି। ଏଥିରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟାନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏନ୍. ଭି. ରମନା, ☞ପୃଷ୍ଠା-୪

ପାଇଖାନାରେ ନାବାଳିକାଙ୍କୁ ଜାଳିଦେଲେ

ଖଇରା, ୨୪।୭(ଡି.ଏନ.ଏ.)

ଏକତରଫା ପ୍ରେମରୁ ବୀଭତ୍ସକାଣ୍ଡ

ବାଲେଶ୍ୱର ଜିଲା ଖଇରା ଥାନା କୁରୁଣ୍ଡା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମରେ ରବିବାର ସକାଳେ ଏକ ବୀଭତ୍ସକାଣ୍ଡ ଘଟିଛି। ପ୍ରେମ ନିବେଦନ କରି ବିଫଳ ହେବା ପରେ ଜଣେ ବିବାହିତା ଯୁବକ ବର୍ବରତାର ସୀମା ଟପିଯାଇଛନ୍ତି। ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ରାସ୍ତା ଉପରୁ ଟେକିନେଇ ଅଭିଯୁକ୍ତ ନିଜ ଘର ପଛପଟ ପାଇଖାନା ଭିତରେ ଚୁଟି କାଟିବା ପରେ କିରୋସିନ ଢାଳି ନିଆଁ ଲଗାଇ ଜୀଅନ୍ତା ଜାଳି ଦେଇଛନ୍ତି। ଏସବୁ କାଣ୍ଡ ଘଟାଇବା ପରେ ନିଜେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକେ ପହଞ୍ଚିବା ବେଳକୁ ଛାତ୍ରୀଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସମ୍ପୃକ୍ତ ଯୁବକ ହେଲେ ଦୟାନିଧି ଜେନା(୩୩)। ପୋଲିସ ତାଙ୍କୁ ଗିରଫ କରିବା ପରେ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରିଛି । ମୃତ ଛାତ୍ରୀ ଜ୍ୟୋତ୍ସ୍ନାଙ୍କ ମା' ଲକ୍ଷ୍ମୀପ୍ରିୟା ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୯୭/୨୨) ରୁଜୁ କରି ସମ୍ପୃକ୍ତ ଯୁବକଙ୍କ ସ୍ତ୍ରୀ ତିଳୋତ୍ତମା ଜେନାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

ଅଭିଯୋଗ ଅନୁଯାୟୀ, ଜ୍ୟୋତ୍ସ୍ନା କୁରୁଣ୍ଡା ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ସେ ଦୟାନିଧିଙ୍କ ସ୍ତ୍ରୀ ତିଳୋତ୍ତମାଙ୍କ ନିକଟରେ ଟ୍ୟୁଶନ ହେଉଥିଲେ। ଦୟାନିଧି ପୂର୍ବରୁ ଜ୍ୟୋତ୍ସ୍ନାଙ୍କୁ ପ୍ରେମ ନିବେଦନ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଥିଲେ। ହେଲେ ଛାତ୍ରୀ ଜଣଙ୍କ ଏଥିରେ ରାଜି ହୋଇ ନ ଥିଲେ। ଏ ବିଷୟରେ ସେ ତାଙ୍କ ଘରେ ଜଣାଇବା ପରେ ପରିବାର ଲୋକେ ମାସେ ହେଲା ତାଙ୍କ ଟ୍ୟୁଶନ ବନ୍ଦ କରି ଦେଇଥିଲେ।

ଜ୍ୟୋତ୍ସ୍ନା ଜେନା

ରବିବାର ସକାଳେ ମା'ଙ୍କ କହିବା ଅନୁସାରେ ଜ୍ୟୋତ୍ସ୍ନା ଦୋକାନରୁ କିଛି ଜିନିଷ ଆଣିବାକୁ ଦୟାନିଧିଙ୍କ ଘର ଆଗ ରାସ୍ତା ଦେଇ ଯାଉଥିଲେ। ଏତିକିବେଳେ ବାଡିପଟେ ଲୁଚି ରହିଥିବା ଦୟାନିଧି ଜ୍ୟୋତ୍ସ୍ନାଙ୍କୁ ରାସ୍ତାରୁ ବଳପୂର୍ବକ ତାଙ୍କ ପାଟିରେ ହାତ ଦେଇ ଘର ପଛପଟ ପାଇଖାନାକୁ ନେଇଯାଇ ବନ୍ଦ କରିଦେଇଥିଲେ। ସେଠାରେ ଚୁଟି କାଟିବା ପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଜ୍ୟୋତ୍ସ୍ନା ଜଳୁଥିବା ବେଳେ ଦୟାନିଧି ନିଜେ କୀଟନାଶକ ପିଇ ଦେଇଥିଲେ। ପାଟିଶୁଣି ତିଳୋତ୍ତମା ଓ ଗ୍ରାମବାସୀ ଦୌଡି ଆସି ☞ପୃଷ୍ଠା-୪

କଂଗ୍ରେସକୁ ଇରାନୀଙ୍କ ଲିଗାଲ୍ ନୋଟିସ

କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ୧୮ ବର୍ଷୀୟା ଝିଅ ଜୋଇଶ୍ ଇରାନୀ ଗୋଆରେ ବେଆଇନ ଭାବେ ଏକ ବାର୍ ଚଳାଉଥିବା ନେଇ ଶନିବାର ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଓ ପୱନ ଖେରା ଅଭିଯୋଗ ଆଣି କେନ୍ଦ୍ର କ୍ୟାବିନେଟ୍‌ରୁ ତାଙ୍କୁ ବରଖାସ୍ତ ଦାବି କରିଥିଲେ। ଇରାନୀ ରବିବାର ଏହାକୁ ଭିତ୍ତିହୀନ ଓ ମିଥ୍ୟା ଅଭିଯୋଗ ଅଭିହିତ କରି ଉଭୟଙ୍କୁ କ୍ଷମା ମାଗିବାକୁ କହିଛନ୍ତି। ଏ ନେଇ ସେ ଦୁଇ କଂଗ୍ରେସ ନେତାଙ୍କୁ ଆଇନଗତ ନୋଟିସ୍ ପଠାଇଛନ୍ତି।

ଏଲ୍‌ଏସି ଉପରେ ଚାଇନା ନଜର

■ ଅକ୍ସାଇ ଚୀନ, ପୂର୍ବ ଲଦାଖରେ ବେଜିଂର ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ଯୋଜନା

■ ଭାରତର ଚିନ୍ତା ବଢ଼ାଇଲା ଜି୬୯୫ ନ୍ୟାଶନାଲ ଏକ୍ସପ୍ରେସ୍‌ୱେ

ନୂଆଦିଲ୍ଲୀ, ୨୪।୭

ଭାରତ-ଚାଇନା ମଧ୍ୟରେ ରହିଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଉପରେ ନଜର ରଖି ବେଜିଂ ବିବାଦୀୟ କ୍ଷେତ୍ର ଅକ୍ସାଇ ଚୀନ ଓ ପୂର୍ବ ଲଦାଖରେ ରାସ୍ତା ନିର୍ମାଣ ଯୋଜନା କରୁଛି। ଚାଇନା ଜି୨୧୯ ଅଧୀନରେ ଅକ୍ସାଇ ଚୀନ ରିଜିୟନ୍‌ରେ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ୧୯୫୫ରେ ଶେଷ କରିଥିଲା। ଏହାର ଦ୍ୱିତୀୟ ପ୍ରକଳ୍ପ ଜି୬୯୫କୁ ୨୦୩୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଏବେ ଲକ୍ଷ୍ୟ ରଖାଯାଇଛି। ଦୁଇ ପଡ଼ୋଶୀ ମଧ୍ୟରେ ସୀମା ବିବାଦକୁ ନେଇ ଆଲୋଚନା ଛିଣ୍ଡୁ ନ ଥିବାବେଳେ ଏହି ବିଷୟ ଜଣାପଡ଼ିବା ପରେ ଭାରତର ପ୍ରତିରକ୍ଷା ଓ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପ୍ରସ୍ତାବିତ ରାଜପଥ ଚାଇନାର ଶିଞ୍ଜିଆଙ୍ଗ୍ ପ୍ରଦେଶ ସହ ତିବ୍ଦତକୁ ଯୋଡ଼ିବ। ଏହି ସଡ଼କ ପ୍ରକଳ୍ପ ସମ୍ପୃକ୍ତ ଅଞ୍ଚଳରେ ଚାଇନାର ପ୍ରତିରକ୍ଷା ସଂଯୋଗୀକରଣକୁ ମଜଭୁତ କରିବ, ଯାହାକି ଭାରତ ପାଇଁ ଚିନ୍ତା ବୃଦ୍ଧିର କାରଣ ସାଜିଛି। ବେଜିଂ ଏହାକୁ ଜି୬୯୫ ନ୍ୟାଶନାଲ ଏକ୍ସପ୍ରେସ୍‌ୱେ ନାମକରଣ କରିଛି। ଚାଇନାର ନୂଆ ଯୋଜନା ଅନୁଯାୟୀ ଉକ୍ତ ଜାତୀୟ କାର୍ଯ୍ୟକ୍ରମରେ ୩୪୫ଟି ଭିତ୍ତିଭୂମି ପ୍ରକଳ୍ପ ରହିଛି। ଏଥିରେ ୨୦୩୫ ସୁଦ୍ଧା ୪,୬୧,୦୦୦ କି.ମି. ହାଇୱେ ଏବଂ ମୋଟରୱେ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଚାଇନା ଯେତେବେଳେ ବି ଚାହିଁବ, ଏଲ୍‌ଏସିରେ ଥିବା ରଣନୈତିକ ସ୍ଥାନଗୁଡ଼ିକୁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟ ଏବଂ ସାମରିକ ଉପକରଣ ପ୍ରେରଣ କରିପାରିବ। ଅନ୍ୟପକ୍ଷେ ନୂଆଦିଲ୍ଲୀ ଏହି ରିପୋର୍ଟ ତଥା ଘଟଣାକ୍ରମ ଉପରେ ଅନୁଧ୍ୟାନ କରୁଛି। ଏଲ୍‌ଏସି ସଂଲଗ୍ନ ଅଞ୍ଚଳରେ ଭାରତ ପଟୁ ମଧ୍ୟ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଯବାନଙ୍କ ଗତିବିଧିକୁ ସୁଗମ ତଥା ଅଧିକ ସକ୍ରିୟ କରିବା ପାଇଁ ରାସ୍ତା ଓ ସୁଡ଼ଙ୍ଗ କରାଯାଉଥିବା ନେଇ ଭାରତୀୟ ପ୍ରତିରକ୍ଷା ଓ ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

୨୦୨୦ ମେ' ୫ରେ ଭାରତ-ଚାଇନା ସୈନ୍ୟଙ୍କ ସଂଘର୍ଷର ପ୍ରାୟ ୨୪ ମାସ ପରେ ମଧ୍ୟ ସୀମା ବିବାଦକୁ ନେଇ ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଗତ ୧୭ ତାରିଖରେ ଅନୁଷ୍ଠିତ କର୍ପ୍ସ କମାଣ୍ଡରସ୍ତରୀୟ ଆଲୋଚନା ମଧ୍ୟ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଚାଇନା ଏଲ୍‌ଏସିରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରୁ ବୋଲି ଭାରତୀୟ ସେନା ଦାବି କରିଥିବାବେଳେ ପ୍ରତିପକ୍ଷ ରାଜି ହୋଇ ନ ଥିଲା।

ଲଦାଖ ସୀମାରେ ଚାଇନା ଯୁଦ୍ଧବିମାନ

ଭାରତକୁ ଉସୁକାଇବା ପାଇଁ ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନା ପୁଣି ଉଡ଼ାଇଛି ଯୁଦ୍ଧବିମାନ। ଭାରତୀୟ ସୀମାର ପୂର୍ବ ଲଦାଖ ସେକ୍ଟରରେ ରବିବାର ଚାଇନା ବାୟୁସେନାର ଫାଇଟର ଜେଟ୍ ଉଡ଼ାଣ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଭାରତୀୟ ବାୟୁସେନା ଏହା ଉପରେ କଡ଼ା ନଜର ରଖିଛି। ବାୟୁସୀମା ଲଂଘି କୌଣସି ପ୍ରକାର ଦୁଃସାହସିକ ପଦକ୍ଷେପ ନେଲେ ଚାଇନାକୁ କଡ଼ା ଜବାବ ଦିଆଯିବ ବୋଲି ଭାରତ ପକ୍ଷରୁ କୁହାଯାଇଛି।

ନେହେରୁଙ୍କ ଉଦ୍ଦେଶ୍ୟ ଖରାପ ନ ଥିଲା: ରାଜନାଥ

ଜମ୍ମୁ, ୨୪।୭

ଚାଇନା ପ୍ରସଙ୍ଗରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନୀତିରେ ତ୍ରୁଟି ଥାଇପାରେ, କିନ୍ତୁ ତାଙ୍କ ଉଦ୍ଦେଶ୍ୟ କେବେହେଲେ ଖରାପ ନ ଥିଲା। ନେହେରୁଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଯାଇ ନ ପାରେ ବୋଲି ରବିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସ୍ପଷ୍ଟ କରିଛନ୍ତି।

ଭାରତ-ଚାଇନା ସୀମା ବିବାଦ ପାଇଁ ଅନେକ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଦାୟୀ କରାଯାଇଥାଏ। ବିଶେଷକରି ଭାଜପା ନେତାମାନେ କଂଗ୍ରେସ ଓ ନେହେରୁଙ୍କୁ ଏଥିପାଇଁ ଦୋଷ ଦେଇଥାଆନ୍ତି। ହେଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର 'କାର୍ଗିଲ ବିଜୟ ଦିବସ' ସ୍ମୃତିରେ ଜମ୍ମୁରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ଖଣ୍ଡନ କରିଛନ୍ତି। ରାଜନାଥ କହିଛନ୍ତି, ୧୯୯୯ ଯୁଦ୍ଧରେ ଆମର ଅନେକ ବୀର ଯବାନ ପ୍ରାଣବଳି ଦେଇଥିଲେ। ସେମାନଙ୍କ ପ୍ରତି ମଥାନତ କରୁଛି। ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଥିଲେ, ୧୯୬୨ ଯୁଦ୍ଧ ବେଳେ ଲଦାଖରେ ଆମ ଅଞ୍ଚଳକୁ ଚାଇନା କବ୍‌ଜା କରିନେଇଥିଲା। ସେତେବେଳେ ପଣ୍ଡିତ ନେହେରୁ ଆମର ପ୍ରଧାନମନ୍ତ୍ରୀ ଥିବାରୁ ଅନେକେ ଏଥିପାଇଁ ତାଙ୍କୁ ଦାୟୀ କରିଥାଆନ୍ତି। ତାଙ୍କ ନୀତିରେ ତ୍ରୁଟି ଥାଇପାରେ, ଉଦ୍ଦେଶ୍ୟ ଖରାପ ବୋଲି କହିପାରିବା ନାହିଁ। ଆଜିର ଭାରତ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର। ଆତ୍ମନିର୍ଭରଶୀଳ ଭାରତ ନିକଟରେ ସବୁ ପ୍ରକାର ଅସ୍ତ୍ରଶସ୍ତ୍ର ରହିଛି। କେହି ଆମକୁ ଖରାପ ଦୃଷ୍ଟିରେ ଦେଖିଲେ ତାହାର ଉପଯୁକ୍ତ ଜବାବ ଦିଆଯିବ ବୋଲି ରାଜନାଥ ଉଭୟ ଚାଇନା ଓ ପାକିସ୍ତାନକୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ସେହିପରି ତିନିସେନା ମଧ୍ୟରେ ସମନ୍ୱୟକୁ ତ୍ୱରାନ୍ୱିତ କରିବା ପାଇଁ ମିଳିତ ଥିଏଟର କମାଣ୍ଡସ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି।

ତିନିସେନାକୁ ନେଇ ପ୍ରତିଷ୍ଠା ହେବ ଥିଏଟର କମାଣ୍ଡସ



ସଂକ୍ଷେପରେ

ବାଣ ବିସ୍ଫୋରଣରେ ଗଲା ୬ ଜୀବନ

ପାଟନା, ୨୪।୭: ବିହାରର ସରନ ଜିଲା ଖୁଦାଇବାଗ୍ ଗ୍ରାମରେ ରବିବାର ମଧ୍ୟାହ୍ନରେ ଜଣେ ବେପାରୀଙ୍କ ଘରେ ଥିବା ବାଣ ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୫ ଜଣ ଅଛନ୍ତି। ଆଉ ୮ ଜଣ ଗୁରୁତର ହୋଇଛନ୍ତି। ନିଆଁ ଲାଗି ସେଠାରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିବା ପରେ ଦୁଇ ମହଲା ବିଶିଷ୍ଟ ସମ୍ପୂର୍ଣ୍ଣ ଘର ଧସି ଯାଇଥିଲା। ପାଖରେ ଥିବା ଆଉ ଦୁଇଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଦୀର୍ଘଦିନ ହେଲା ବାଣ ତିଆରି କରାଯାଉଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଦୁଇ ପୃଥକ୍ ଫରେନ୍ସିକ୍ ଏକ୍ସପର୍ଟ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସ୍ଥାନୀୟ ଏସ୍‌ପି କହିଛନ୍ତି।

୧ କି.ମି. ଉଚ୍ଚରୁ ଖସିଲା କାର୍: ୪ ମୃତ

ଶ୍ରୀନଗର, ୨୪।୭: ଜମ୍ମୁ କଶ୍ମୀର ରାମବାନ ଜିଲା ରାମସୁ ଅଞ୍ଚଳରେ ପ୍ରାୟ ୧ କିଲୋମିଟର ଉଚ୍ଚ ଘାଟିରୁ କାର୍ ଖସି ୪ ଜଣଙ୍କ ମୃତ୍ୟୁ ହୋଇଛି। କାର୍‌ରେ ଥିବା ଯାତ୍ରୀ ଏକ ବିବାହ ଉତ୍ସବ ସାରି ନୀଲରୁ ଶଗନ ଅଭିମୁଖେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନାନୁସାରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇଜଣ ପ୍ରାଣ ହରାଇଛନ୍ତି।

ସିଂହ ଆକ୍ରମଣରେ ଯୁବକ ମୃତ

ଅହମ୍ମଦାବାଦ, ୨୪।୭: ସିଂହ ଆକ୍ରମଣରେ ଗୁଜରାଟର ଅମ୍ରେଲି ଜିଲାରେ ଶନିବାର ଜଣେ ୧୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଭାୟଦେଶ ପୟାର ମଧ୍ୟପ୍ରଦେଶର ଜଣେ ଶ୍ରମିକ ବୋଲି ଜଣାପଡ଼ିଛି। ସେ ତୁଲସିଶ୍ୟାମ୍ ରେଞ୍ଜ୍ ଅଧୀନ ନାନିଧାରୀ ଗ୍ରାମକୁ ଫେରୁଥିବାବେଳେ ହଠାତ୍ ସିଂହଟି ତାଙ୍କୁ ସେଠାରୁ ଟାଣି ନେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବନ ଅଧିକାରୀମାନେ ଖୋଜାଖୋଜି କରିବାପରେ ତାଙ୍କ ମୃତଦେହ ମିଳିଥିଲା। ଦୀର୍ଘ ଘଣ୍ଟାର ଉଦ୍ୟମ ପରେ ଏହି ୮ ବର୍ଷୀୟ ଏସୀୟ ସିଂହକୁ ରବିବାର ସକାଳେ ଟ୍ରାଙ୍କୁଲାଇଜ କରାଯାଇ ରେସ୍‌କ୍ୟୁ ସେଣ୍ଟରକୁ ନିଆଯାଇଥିବା ଗିର ଉପ ବନ ସଂରକ୍ଷକ ରାଜଦୀପସିଂ ଝାଲା କହିଛନ୍ତି।

ସ୍ତ୍ରୀହନ୍ତାଙ୍କୁ ମୃତ୍ୟୁଦଣ୍ଡ

ଲାଇଭ୍ ଭିଡିଓରେ ହତ୍ୟା କରିଥିଲେ

ବେଜିଂ, ୨୪।୭: ଲାଇଭ୍ ଭିଡିଓରେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ବ୍ୟକ୍ତିଙ୍କୁ ଚାଇନାର ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ ଜୁନ୍‌ରେ ଚାଇନାର ଟାଙ୍ଗ ଲୁ' ସ୍ତ୍ରୀ ଲାମୁଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଟାଙ୍ଗ ପୁଣିଥରେ ଲାମୁଙ୍କୁ ବିବାହ କରିବାକୁ ଜିଦ୍ କରିଥିଲେ। ଏଥିରେ ଲାମୁ ରାଜି ହୋଇ ନ ଥିଲେ। ମହିଳା ଜଣକ ଏକ ଲାଇଭ୍ ଭିଡିଓ କରୁଥିବାବେଳେ ଟାଙ୍ଗ ତାଙ୍କ ଉପରେ ଗ୍ୟାସୋଲିନ୍ ଢାଳ ନିଆଁ ଲଗାଇ ଦେଇଥିଲେ। ୨୦୨୦ ସେପ୍ଟେମ୍ବରରୁ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଟାଙ୍ଗ ଜେଲ୍‌ରେ ଅଛନ୍ତି। ଲାମୁ ଜଣେ କୃଷକ। ସେ ମନୋରଞ୍ଜନ ପାଇଁ ଛୋଟ ଭିଡିଓ ତିଆରି କରି ତାକୁ ସୋସିଆଲ ମିଡିଆରେ ଶେୟାର କରନ୍ତି।

ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷା ଜରୁରୀ

ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବିଦାୟୀ ବାର୍ତ୍ତା

ନୂଆଦିଲ୍ଲୀ, ୨୪।୭

ପ୍ରକୃତି ମାତା ସଙ୍କଟରେ ପଡ଼ିଛି। ଜଳବାୟୁ ସଙ୍କଟ ପୃଥିବୀର ଭବିଷ୍ୟତକୁ ବିପଦରେ ପକାଇପାରେ। ତେଣୁ ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ରବିବାର ଜାତି ଉଦ୍ଦେଶ୍ୟରେ ନିଜ ବିଦାୟୀ ଅଭିଭାଷଣରେ କହିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ଶେଷ ଟେଲିଭିଜନ ବାର୍ତ୍ତାରେ ରାଷ୍ଟ୍ରକୁ ସମ୍ବୋଧିତ କରି କହିଛନ୍ତି, ଏକବିଂଶ ଶତାବ୍ଦୀରେ ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଭାରତ ପ୍ରସ୍ତୁତ ହେଉଛି। ଦେଶର ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଛନ୍ତି, ଏସବୁ ସମେତ ଆର୍ଥିକ ସଂସ୍କାର ନାଗରିକମାନଙ୍କୁ ଭବିଷ୍ୟତରେ ସେମାନଙ୍କ ସାମର୍ଥ୍ୟକୁ ଆବିଷ୍କାର କରି ସୁଖଦ ଅନୁଭୂତିର ସୁଯୋଗ ଦେବ। ମହାମାରୀ ମୁକାବିଲା ପାଇଁ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେଇଛନ୍ତି। ଜାତୀୟ ଶିକ୍ଷା ନୀତି ଯୁବ ଭାରତୀୟମାନଙ୍କୁ ଐତିହ୍ୟ ସହ ଯୋଡ଼ି ଏକବିଂଶ ଶତାବ୍ଦୀ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବ ବୋଲି କୋବିନ୍ଦ ଆଶା ବ୍ୟକ୍ତ କରିଛନ୍ତି।



ଅବସରର ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ସମ୍ବୋଧନ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

ଆମେରିକାର ସାନ୍ ଡିଏଗୋରେ ରବିବାର କମିକ୍-କନ୍ ଇଣ୍ଟରନ୍ୟାଶନାଲ ଶୀର୍ଷକ ପୁସ୍ତକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ଅନ୍ୟା ଆଷ୍ଟୋନ୍ ନାମ୍ନୀ ଜଣେ କଳାକାର ସାଇବର୍ଗ (ଅସାଧାରଣ ଶକ୍ତିର ଅଧିକାରୀ ଥିବା କାଳ୍ପନିକ ବ୍ୟକ୍ତି) ବେଶରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

ଇଡି ରିମାଣ୍ଡରେ ଅର୍ପିତା

କୋଲକାତା, ୨୪।୭

ମନିଲଣ୍ଡରିଂ ଅଭିଯୋଗରେ ଗିରଫ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କୁ ରବିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିନିକିଆ ରିମାଣ୍ଡରେ ନେଇଛି। ସୋମବାର ତାଙ୍କୁ ମନିଲଣ୍ଡରିଂ ନିରୋଧୀ ଆଇନ୍ (ପିଏମ୍‌ଏଲ୍‌ଏ) କୋର୍ଟରେ ହାଜର କରାଯିବ। ଗିରଫ ଅର୍ପିତାଙ୍କୁ ରବିବାର ମେଡିକାଲ ଚେକ୍‌ଅପ୍ ପାଇଁ ନିଆଯିବା ପରେ ବଙ୍କଶାଲ କୋର୍ଟରେ ହାଜର କରାଯାଇଥିଲା। ଏ ମାମଲାରେ କୋର୍ଟ ନିଜ ରାୟ ସଂରକ୍ଷିତ ରଖିଥିବା କୁହାଯାଇଛି। ସହଯୋଗୀ ଅର୍ପିତାଙ୍କ ଘରୁ ନଗଦ ୨୧ କୋଟି ଟଙ୍କା ମିଳିବା ପରେ ଇଡି ଶନିବାର ତାଙ୍କୁ ଗିରଫ କରିଥିଲା।

ଭାରତକୁ ମଙ୍କିପକ୍ସ ବିପଦ

ନୂଆଦିଲ୍ଲୀ, ୨୪।୭

ଚତୁର୍ଥ ସଂକ୍ରମିତ ଦିଲ୍ଲୀରୁ ଚିହ୍ନଟ

■ ୭୫ ଦେଶକୁ ବ୍ୟାପିଲାଣି ଭୂତାଣୁ

ଦେଶରେ ଗତ ୧୪ ତାରିଖରେ କେରଳରୁ ପ୍ରଥମ ମଙ୍କିପକ୍ସ ମାମଲା ଚିହ୍ନଟ ହେବା ପରଠାରୁ ଏହି ଭୂତାଣୁଜନିତ ରୋଗ ଧୀରେ ଧୀରେ ମାଡ଼ିବାରେ ଲାଗିଲାଣି। ରବିବାର ଦିଲ୍ଲୀରୁ ଜଣେ ୩୪ ବର୍ଷୀୟ ଯୁବକ ସଂକ୍ରମିତ ହେବା ପରେ ମୋଟ ମଙ୍କିପକ୍ସ ମାମଲା ଏବେ ୪କୁ ବୃଦ୍ଧି ପାଇଛି। ଚିନ୍ତାର ବିଷୟ ହେଉଛି ଚତୁର୍ଥ ସଂକ୍ରମିତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ବିଦେଶ ଗସ୍ତ କରି ନ ଥିଲେ ହେଁ ତାଙ୍କ ଶରୀରରେ ଏହି ଭୂତାଣୁ ଚିହ୍ନଟ ହେବା ଗୋଷ୍ଠୀ ସଂକ୍ରମଣର ବିପଦ ବଢ଼ାଇଛି। ୭୫ ଦେଶରେ ପ୍ରାୟ ୧୭ ହଜାର ଲୋକ ଏହି ଭାଇରସ୍‌ରେ ଆକ୍ରାନ୍ତ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଶନିବାର ମଙ୍କିପକ୍ସକୁ ବୈଶ୍ୱିକ ସ୍ୱାସ୍ଥ୍ୟ ପରିସ୍ଥିତି ବା ଗ୍ଲୋବାଲ ହେଲ୍‌ଥ ଏମର୍ଜେନ୍ସି ଘୋଷଣା କରିଥିଲା।

ପଶ୍ଚିମ ଦିଲ୍ଲୀର ବାସିନ୍ଦା ଏହି ଯୁବକ ଜଣକ ନିକଟରେ ହିମାଚଳ ପ୍ରଦେଶର ମନାଲିରେ ଏକ ପାର୍ଟିରେ ଯୋଗ ଦେଇଥିଲେ। ୩ ଦିନ ପୂର୍ବରୁ ତାଙ୍କ ଶରୀରରେ ମଙ୍କିପକ୍ସର ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ଲୋକ ନାୟକ ଜୟପ୍ରକାଶ ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇ ନମୁନା ପରୀକ୍ଷଣ ପାଇଁ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଥିଲା। ଶନିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ କ୍ୱାରାଣ୍ଟାଇନରେ ରଖାଯାଇଛି। ଏହା ପୂର୍ବରୁ କେବଳ କେରଳରୁ ୩ ଜଣ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା

ଦେଶରେ ଚତୁର୍ଥ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହେବା ପରେ କେନ୍ଦ୍ର ସରକାର ରବିବାର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଜ୍ଞାନ ମହାନିର୍ଦ୍ଦେଶାଳୟ (ଡିଜିଏଚ୍‌ଏସ୍) ପକ୍ଷରୁ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ(ଏନ୍‌ସିଡିସି) ଏବଂ ଆଇସିଏମ୍‌ଆର୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ମଙ୍କିପକ୍ସକୁ ଅଧିକ ବ୍ୟାପିବାରୁ ରୋକିବା ପାଇଁ ଏଥିରେ ଯୋଜନା ପ୍ରସ୍ତୁତ କରାଯାଇଛି। ଦିଲ୍ଲୀରୁ ସଂକ୍ରମିତ ଚିହ୍ନଟ ହେବା ପରେ ଲୋକ ନାୟକ ଜୟପ୍ରକାଶ ହସ୍ପିଟାଲରେ ଏକ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ଖୋଲାଯାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି।

କେତେ ଘାତକ, କିପରି ବ୍ୟାପେ

୧୯୭୦ରେ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋରେ ପ୍ରଥମ ମଙ୍କିପକ୍ସ ଭୂତାଣୁ ଚିହ୍ନଟ ହୋଇଥିଲା। ପରେ ଏହା କେବଳ ୯ ଆଫ୍ରିକୀୟ ଦେଶରେ ସୀମିତ ଥିଲା। କିନ୍ତୁ ଚଳିତ ବର୍ଷ ୟୁରୋପ ସମେତ ଏସିଆରେ ମଧ୍ୟ ଏହି ଭୂତାଣୁରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଗୋଷ୍ଠୀ ସଂକ୍ରମଣରୁ ମାମଲା ବୃଦ୍ଧି ପାଉଥିବା ଆଶଙ୍କା କରି ଡବ୍ଲ୍ୟୁଏଚ୍‌ଓ ଏହାକୁ ଚିନ୍ତାଜନକ ବୋଲି କହିଛି। ମଙ୍କିପକ୍ସରେ ସଂକ୍ରମିତ ହେଲେ ପ୍ରଥମେ ସେହି ବ୍ୟକ୍ତିଙ୍କଠାରେ ଜ୍ୱର ସହ ଲିମ୍ଫ ନୋଡ୍ ଫୁଲିଥାଏ। ଏଥ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୭,୪୯,୦୮,୦୧୭	୬୪,୦୨,୮୭୧	୫୪,୪୪,୮୯,୮୯୨
ଭାରତ	୪,୩୮,୮୮,୭୫୫	୫,୨୬,୦୩୩	୪,୩୨,୧୦,୫୨୨
ଓଡ଼ିଶା	୧୩,୦୬,୫୧୦	୯୧୩୨(+୫୩)	୧୨,୯୦,୬୬୩

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ସ୍ୱାମୀଙ୍କ ବେକରେ ଶିକୁଳି ବାନ୍ଧି ରଖ: ପ୍ରକୃତି

ବାବୁସାନ୍-ତୃପ୍ତି-ପ୍ରକୃତି ହାଇଡ୍ରାମା

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ଭୁବନେଶ୍ୱର ରାସ୍ତାରେ ଶନିବାର ସକାଳେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ୍ ମହାନ୍ତି, ତାଙ୍କ ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ହୋଇଥିବା ହାଇଡ୍ରାମାକୁ ନେଇ ରବିବାର ଦିନତମାମ ଅନେକ ଚର୍ଚ୍ଚା ଓ ପ୍ରତିକ୍ରିୟା ଶୁଣିବାକୁ ମିଳିଛି। ଫିଲ୍ମ ଷ୍ଟାର ପରିବାରଙ୍କ ଘରୋଇ କଳି ବଢ଼ିବାରେ ଲାଗିଛି। ଗଣମାଧ୍ୟମ ଜରିଆରେ ଉଭୟ ପରିବାର ସଦସ୍ୟଙ୍କ ପକ୍ଷରୁ ଆରୋପ ପ୍ରତ୍ୟାରୋପ କରାଯାଇଛି। ଇନ୍‌ଷ୍ଟାଗ୍ରାମରେ ଭିଡିଓ ଜାରି କରି ପ୍ରକୃତି ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଭାଇରାଲ ହୋଇଥିବା ଘଟଣାର ଭିଡିଓ ଆପଣମାନେ ଦେଖିସାରିବେଣି। କିଛି ଲୋକ ମଜା ନେଉଛନ୍ତି ଏବଂ କେତେଜଣ ସମର୍ଥନ କରୁଛନ୍ତି। ବିନା କଥାବାର୍ତ୍ତାରେ ଜଣେ ନାରୀ ଆଉ ଜଣେ ନାରୀଙ୍କୁ ନିର୍ଯାତନା ଦେଲେ ଏବଂ ଆକ୍ରମଣ କଲେ। ସେ ୮ଜଣ ଗୁଣ୍ଡା ନେଇକି ଆସିଲେ। ତାଙ୍କ ବାପା ମୋ ଶାର୍ଟ ଭିଡ଼ାଭିଡ଼ି କଲେ ଓ ସମସ୍ତେ ମିଶି ମୋତେ ନିର୍ଯାତନା ଦେଲେ। ଆପଣମାନେ ଭିଡିଓରେ ଦେଖିଥିବେ, ସେହି ସମୟରେ ମୁଁ ସାହାଯ୍ୟ ମାଗୁଥିଲି, ସାହାଯ୍ୟ କରିବା ତ ଦୂରର କଥା, ସେଠି ଲୋକମାନେ ମୋ ସହ ସେଲ୍‌ଫି ନେଉଥିଲେ। ଆମେ କିଭଳି ସମାଜରେ ରହୁଛେ, ସତରେ ଭାବିଲା ବେଳକୁ ବହୁତ ଆଶ୍ଚର୍ଯ୍ୟ ଲାଗୁଛି। ଯାହା ବି ହେଉ ମୁଁ ଭାଙ୍ଗିଯିବି ନାହିଁ। ଗୋଟେ ଫିଲ୍ମ ନିର୍ମାଣ କରିବା ପାଇଁ ମୁଁ ବାହାରକୁ ଯାଉଥିଲି। ଏହା ମୋର ବଡ଼ ପ୍ରୋଜେକ୍ଟ। ଦୁର୍ଭାଗ୍ୟବଶତଃ ଯାହାହେଲା ଭଲହେଲା। ଜଣା ପଡ଼ିଗଲା କିଏ କେମିତି। ମୋ ଉପରେ ବହୁତ ଜଣ ଘର ଭାଙ୍ଗିବାଠୁ ଆରମ୍ଭ କରି ଅନେକ ଅଭିଯୋଗ ଆଣିସାରିଲେଣି। କେହି କାହା ଘର ଭାଙ୍ଗି ପାରନ୍ତିନି। ଏହା ପୂର୍ବରୁ ଭାଙ୍ଗି ଯାଇଛି। ଯଦି ତୁମେ ତୁମର ସ୍ୱାମୀକୁ ବାହାରେ କାମ କରିବାକୁ ଚାହୁଁନାହଁ, ବେକରେ ଗୋଟେ ଶିକୁଳି ପକାଇ ଘରେ ରଖିଦିଅ ବୋଲି ପ୍ରକୃତି ତୃପ୍ତିଙ୍କ ନାମ ନ ନେଇ କହିଛନ୍ତି। ସେ କହିବାବେଳେ କାନ୍ଦି ପକାଉଥିବା ଦେଖିବାକୁ ମିଳିଛି। ସେ ଆହୁରି କହିଥିଲେ ଯେ, ଅନ୍ୟ ଝିଅକୁ ଟଣାଓଟରା କରି ରାସ୍ତାରେ ନିଜେ ଅପଦସ୍ଥ ହେଲ। ସେଭଳି କରିକି କ'ଣ ମିଳିଲା, ମୁଁ ବୁଝିପାରୁ ନାହିଁ। ମତେ ବଦନାମ କଲ, ବହୁତ ଭଲ। ମୁଁ ବହୁତ କାମ କରିଛି, କାମ କରିବି। ମୁଁ ମୋ ରାଜ୍ୟ ପାଇଁ ଯେତିକି ସୁନାମ ଅର୍ଜନ କରିବା କଥା କରିସାରିଛି। ଆହୁରି ବହୁତ କରିବି, ମୁଁ ଅଟକି ବି ନାହିଁ। ମୁଁ ଏକୁଟିଆ ଝିଅ ସେଠି ସମସ୍ତଙ୍କ ସାମ୍ନାରେ ଲଢ଼ିକି ଆସିଛି। ମୁଁ ସମସ୍ତଙ୍କୁ କହି ରଖୁଛି, ସବୁ ଝିଅ ଏଭଳି ପରିସ୍ଥିତିର ସାମ୍ନା କଲେ ଭାଙ୍ଗି ପଡ଼ନ୍ତୁନି। ମୋ ସମ୍ମାନ, ପରିବାରର ଶିକ୍ଷାକୁ ରକ୍ଷା କରି ମୁଁ ସେଠି ଚୁପ୍ ରହିଲି। ମୋ ବାପା ଓ ମା' ଆଇନର ଆଶ୍ରୟ ନେଇଛନ୍ତି। ଆକ୍ରମଣ ବିରୋଧରେ ଯାହା ବି ଆଇନର ବ୍ୟବସ୍ଥା ଅଛି, ତାହା ହେବ। ମୋତେ ଯେଉଁମାନେ ସମର୍ଥନ କରିଛନ୍ତି ତାଙ୍କୁ ବହୁତ ଧନ୍ୟବାଦ। ରିଲ୍ ଲାଇଫ୍ ହିରୋଇନରୁ ମୋତେ ରିଏଲ୍ ଲାଇଫ୍ ହିରୋଇନ ବନେଇଦେଲେ। ମୁଁ ଅଟକିବି ନାହିଁ। ମତେ ଯେତେ ଭାଙ୍ଗି ପକାଇଲେ ବି ମୁଁ ଯୋଡ଼ି ହେଇ ପୁଣି ଥରେ ଛିଡ଼ା ହେବି ବୋଲି ପ୍ରକୃତି କହିଛନ୍ତି।

'ଖରାପ ସଙ୍ଗତରେ ପୁଅ ପଡ଼ିଗଲା'

ଘଟଣାକୁ ନେଇ ବାବୁସାନ୍‌ଙ୍କ ମା' ଅପରାଜିତା ମହାନ୍ତି ଗଣମାଧ୍ୟମ ଜରିଆରେ ନାଁ ନ ନେଇ ଅନେକ କଥା କହିଛନ୍ତି। ସେ କହିଛନ୍ତି, ୬ ଦିନ ହେଲା ମୁଁ ନ ଥିଲି। ଗଣମାଧ୍ୟମ ଦ୍ୱାରା ଘଟଣା ବିଷୟରେ ଜାଣି ଭୁବନେଶ୍ୱରକୁ ଆସିଲି। ସାରା ଓଡ଼ିଶା ଆମ ପରିବାର ଏବଂ ଓଡ଼ିଆ ଫିଲ୍ମ ଜଗତ ସହ ଅଛନ୍ତି। ସିଏ ହେଉଛି ପ୍ରକୃତ ବନ୍ଧୁ, ଯିଏ ଜଣେ ବନ୍ଧୁଙ୍କୁ ଶାରୀରିକ, ମାନସିକ, ଆର୍ଥିକ ଏବଂ ପାରିବାରିକ ପ୍ରସଙ୍ଗରେ ସାହାଯ୍ୟ କରେ। ବନ୍ଧୁ କେବେ କ୍ଷତି ହେବାକୁ ଦିଏନାହିଁ। ଯଦି ବନ୍ଧୁ ଦ୍ୱାରା ଏସବୁ କ୍ଷତି ହେଲା ସେ କ'ଣ ପ୍ରକୃତ ବନ୍ଧୁ କି? ସେ କେବେ ବି ବନ୍ଧୁ ନୁହେଁ। ବାବୁସାନ୍ ଗୋଟିଏ ବହୁତ ଭଲ ଛୁଆ, ବହୁତ ସ୍ନେହୀ ଏବଂ ଗେହ୍ଲା। ସେ ବହୁତ ଭଲପାଇବା ଚାହେଁ। ତା'ର ମୋ ସାଙ୍ଗରେ କଳି, ଆଦର, ଗେଲ ସବୁ ଥାଏ। ଓଡ଼ିଆ ଇଣ୍ଡଷ୍ଟ୍ରିକୁ ନେଇ ତା'ର ବହୁତ ସ୍ୱପ୍ନ। କାମକୁ ନେଇ ମୋ ସହ ଆଲୋଚନା କରେ। ହେଲେ ଦେଢ଼/ ୨ ବର୍ଷ ମଧ୍ୟରେ କୋଭିଡ ସମୟରେ ସେ କେଉଁ ସଙ୍ଗତରେ ପଡ଼ିଲା, କ'ଣ ତା ସାଙ୍ଗରେ ହେଲା, ମୁଁ କିଛି ବି ଜାଣି ପାରିଲି ନାହିଁ। ତା'ର ଚରିତ୍ର ପୂରା ବଦଳିଗଲା। ତା' ବ୍ୟବହାରକୁ ନେଇ ବୁଝାଇବାକୁ ଚାହେଁ। ସେହି ସମୟରେ ସେ କିଛି ଖରାପ ସଙ୍ଗତରେ ପଡ଼ିଗଲା, ଫଳରେ ସର୍ବନାଶ ହେଲା। ନିଜକୁ ବୁଝିପାରିଲାନି, କେଉଁଟା ଠିକ୍ କେଉଁଟା ଭୁଲ୍ ଜାଣିପାରିଲାନି। ଯେଉଁମାନଙ୍କୁ ସେ ଏତେ ଭଲପାଏ ତାଙ୍କ କଥା ପସନ୍ଦ ହେଲାନି। ବାବୁସାନ୍ କିଭଳି ତା' ସ୍ତ୍ରୀ ଓ ଛୁଆଙ୍କ ପାଖକୁ ଫେରିଆସୁ ସେନେଇ ଓଡ଼ିଶାବାସୀ ଆଶୀର୍ବାଦ କରନ୍ତୁ ବୋଲି ଅପରାଜିତା କହିଛନ୍ତି।

ଅପରାଜିତାଙ୍କୁ ଟାର୍ଗେଟ୍ କଲେ ପ୍ରକୃତିଙ୍କ ମା'

ପ୍ରକୃତିଙ୍କ ମା' କୃଷ୍ଣପ୍ରିୟା ମିଶ୍ର ଘଟଣାକୁ ନେଇ ଅପରାଜିତାଙ୍କୁ ଗଣମାଧ୍ୟମ ଜରିଆରେ ଟାର୍ଗେଟ କରିଛନ୍ତି। ପ୍ରତିକ୍ରିୟାରେ କୃଷ୍ଣପ୍ରିୟା କହିଛନ୍ତି, ବାବୁସାନ୍‌ଙ୍କଠୁ ପ୍ରକୃତି ୫ପଇସା ଆଣିନାହିଁ। ଅନେକ ସମୟରେ ପ୍ରକୃତି ହେଲେ ବାବୁସାନ୍‌ଙ୍କୁ ଆର୍ଥିକ ସାହାଯ୍ୟ କରିଛି। ତାଙ୍କ ବୋହୂ ତୃପ୍ତି ଏବଂ ସମୁଦୀ ଲଳିତ ଗୁଣ୍ଡା ଆଣିକି ଗୋଟେ ଝିଅକୁ ରାସ୍ତାରେ ଆକ୍ରମଣ କଲେ। ଏହାକୁ ନେଇ ଅପରାଜିତା କିପରି ଚୁପ୍ ରହିଲେ। ସେ ଜଣେ ନାରୀ ନେତ୍ରୀ। ମହିଳାଙ୍କ ଉପରେ ଆକ୍ରମଣ ହେଲେ, ସେ ସ୍ୱର ଉତ୍ତୋଳନ କରୁଛନ୍ତି। ଏହା କ'ଣ ଜଣେ ନାରୀ ନେତ୍ରୀଙ୍କ ପକ୍ଷରେ ଶୋଭାପାଉଛି କି ବୋଲି ସେ ପ୍ରଶ୍ନ କରିଛନ୍ତି।

'ମତେ କେହି ବ୍ଲାକ୍‌ମେଲ୍ କରିନାହାନ୍ତି'

ବୈବାହିକ ଜୀବନ ଖୁସିରେ ଚାଲୁଥିବା ବେଳେ ପ୍ରକୃତି ଭିତରେ ପଶି ପରିବାରରେ ଅଶାନ୍ତି ସୃଷ୍ଟି କରିଥିଲେ ବୋଲି ବାବୁସାନ୍‌ଙ୍କ ସ୍ତ୍ରୀ ତୃପ୍ତି କହିଥିଲେ। ଏପରି କି ସମ୍ମାନକୁ ତଳେ ପକାଇବାକୁ ପ୍ରକୃତି ବ୍ଲାକ୍‌ମେଲ୍ କରିଥିଲେ ବୋଲି ସେ କହିଥିଲେ। ହେଲେ ବାବୁସାନ୍ ରବିବାର ସନ୍ଧ୍ୟାରେ ଏକ ଭିଡିଓ ଛାଡ଼ିଛନ୍ତି। ସେଥିରେ ନାଁ ନ ନେଇ ସେ ପରୋକ୍ଷରେ ପ୍ରକୃତିଙ୍କୁ ଜଣେ ଭଲ ସାଙ୍ଗ ବୋଲି କହିବା ସହ ତାଙ୍କୁ କେହି ବ୍ଲାକ୍‌ମେଲ୍ କରି ନ ଥିଲେ ବୋଲି କହିଛନ୍ତି। ବାବୁସାନ କହିଛନ୍ତି, ମୁଁ ଚେନ୍ନାଇ ଆସିଥିଲି ଉତ୍କଳ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ। କିନ୍ତୁ ମୋ ପ୍ରଯୋଜକ ମନା କରିଛନ୍ତି, ତେଣୁ ମୁଁ ଯାଇପାରୁନାହିଁ। ଯେଉଁ ଭାଇରାଲ ଭିଡିଓଟି ଆପଣ ଦେଖୁଛନ୍ତି, ସେ ଭିଡିଓରେ ଯିଏ ଅଛନ୍ତି ସେ ମୋର ବହୁତ ଭଲ ସାଙ୍ଗ। ନା ସିଏ ମତେ ବ୍ଲାକ୍‌ମେଲ୍ କରୁଛନ୍ତି, ନା ସିଏ ମୋ ଠୁ ପଇସା ନେଇଛନ୍ତି, ନା ସିଏ ମତେ ହଇରାଣ କରୁଛନ୍ତି। ସେ ସବୁବେଳେ ମତେ ସପୋର୍ଟ କରିଛନ୍ତି ବୋଲି ବାବୁସାନ୍ କହିଛନ୍ତି। ସୂଚନାଥାଉ କି ବାବୁସାନ୍ ଶନିବାର କହିଥିଲେ ଯେ, ପ୍ରକୃତି ତାଙ୍କର କେବଳ ଭଲ ବନ୍ଧୁ। ଏଣିକି ଆଉ ସେ ପ୍ରକୃତିଙ୍କ ସହ ଆଉ ଫିଲ୍ମ କରିବେ ନାହିଁ। ଏପରିକି ଦରକାର ପଡ଼ିଲେ ଆଉ କୌଣସି ଅଭିନେତ୍ରୀଙ୍କ ସହ ଫିଲ୍ମ କରିବେ ନାହିଁ ବୋଲି କହିବା ସହ ସ୍ତ୍ରୀଙ୍କ ବିରୋଧରେ କିଛି ଅଭିଯୋଗ ନାହିଁ ବୋଲି ଜଣାଇଥିଲେ।

୭ ଜଣଙ୍କ ବୟାନ ରେକର୍ଡ କଲା ପୋଲିସ

ବାବୁସାନ୍, ପ୍ରକୃତିଙ୍କୁ ଥାନାକୁ ଡକରା

ଖାରବେଳନଗର ଥାନାରେ ଘଟଣାକୁ ନେଇ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ଏଯାବତ୍ ୭ ଜଣଙ୍କ ବୟାନ ରେକର୍ଡ କରିଛି। ସେମାନେ ହେଲେ ବାବୁସାନ୍‌ଙ୍କ ମା' ଅପରାଜିତା, ସ୍ତ୍ରୀ ତୃପ୍ତି, ଶ୍ୱଶୁର ଲଳିତ ଶତପଥୀ, ମାଉସୀ ସଙ୍ଗୀତା ପ୍ରହରାଜ, ମଉସା ଅଶୋକ ପ୍ରହରାଜ, ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ଓ ମା' କୃଷ୍ଣପ୍ରିୟା ମିଶ୍ର। ଅନ୍ୟପକ୍ଷରେ ପୋଲିସ ଟିମ୍ ରବିବାର ପୂର୍ବାହ୍ନରେ ଘଟଣା ଘଟିଥିବା ସତ୍ୟନଗରସ୍ଥିତ ଏକ ଗେଷ୍ଟ ହାଉସ୍ ସାମ୍ନାକୁ ଯାଇ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ସହ ଆଲୋଚନା କରି ବୟାନ ରେକର୍ଡ କରିଛନ୍ତି। ଖାରବେଳନଗର ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ପ୍ରକୃତି ଓ ବାବୁସାନ୍‌ଙ୍କୁ ଥାନାକୁ ଡକାଯାଇଛି। ସେମାନେ ଥାନାକୁ ଆସିଲେ ଘଟଣା ନେଇ ପଚରାଉଚରା କରାଯିବ ବୋଲି ସ୍ୱାଇଁ କହିଛନ୍ତି।

'ଅଭିଯୋଗ ଆସିଲେ କାଉନସେଲିଂ କରାଯିବ'

ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଘଟଣା ସମ୍ପର୍କରେ ଗଣମାଧ୍ୟମ ଜରିଆରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ମାମଲାରେ କାଉନସେଲିଂର ଆବଶ୍ୟକତା ରହିଛି ବୋଲି ମୁଁ ଅନୁଧ୍ୟାନ କରୁଛି। ଅଭିଯୋଗ ଆସିଲେ କାଉନସେଲିଂ କରିବୁ ଏବଂ ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ଅଧ୍ୟକ୍ଷା ବେହେରା କହିଛନ୍ତି।

ପୂର୍ବତନ ଲୋକ ସଭା ସଦସ୍ୟ ସୁବାସ ଚନ୍ଦ୍ର ନାୟକଙ୍କ ପରଲୋକ

ଭବାନୀପାଟଣା,୨୪।୭(ସ୍ୱ.ପ୍ର.)

ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା

କଳାହାଣ୍ଡିର ପୂର୍ବତନ ଏମ୍‌ପି, ସଂଗ୍ରାମୀ ନେତା ତଥା ଖବରଦାତା ସୁବାସ ଚନ୍ଦ୍ର ନାୟକଙ୍କ ହୃଦ୍‌ଘାତରେ ରବିବାର ଭବାନୀପାଟଣାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଜିଲାର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ସୁବାସ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ସମୟରେ କଂଗ୍ରେସର ଏମ୍‌ପି ଥିଲେ। ସାଇକେଲରେ ସଂସଦ ଭବନକୁ ଯାଇ ସେ ସମସ୍ତଙ୍କଠାରୁ ପ୍ରଶଂସା ପାଇଥିଲେ, ପୁନଶ୍ଚ ନିର୍ବାଚିତ ହେବା ପରେ ସଂସଦ ଭବନରେ ପ୍ରଥମ ଦିନ ହିଁ ସେ ପାହାଚରେ ମୁଣ୍ଡିଆ ମାରି ସଂସଦକୁ ମନ୍ଦିର ବୋଲି ବର୍ଣ୍ଣନା କରି ସେହି ସମୟରେ ଚର୍ଚ୍ଚିତ ହୋଇଥିଲେ। ହସ୍ପିଟାଲର କର୍ମଚାରୀ ଭାବେ ନିଜର କ୍ୟାରିୟର ଆରମ୍ଭ କରି ପରେ ଅଧାରୁ ଚାକିରି ଛାଡ଼ି ସାମ୍ବାଦିକତା ଓ ପ୍ରିଣ୍ଟିଙ୍ଗ ପ୍ରେସ କରିଥିଲେ। ସେ ପୂର୍ବରୁ କର୍ମଚାରୀ ସଂଘର ସମ୍ପାଦକ ରହି କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ଲଢୁଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜାଗ୍ରତ ଓ କନଭେନର ଥିଲେ। ସେ ରାଜୀବ ଗାନ୍ଧୀଙ୍କ କଳାହାଣ୍ଡି ଗସ୍ତ ସମୟରେ ଭିନ୍ନକ୍ଷମମାନଙ୍କୁ ନେଇ ରାଜୀବଙ୍କୁ ସ୍ୱାଗତ କରି ତାଙ୍କ ନଜରକୁ ଆସିଥିଲେ। ଏହା ପରେ ଅନ୍ୟ ନେତାଙ୍କୁ ପଛରେ ପକାଇ ଲୋକ ସଭା ସଦସ୍ୟ ଭାବେ ଟିକେଟ ପାଇଥିଲେ। ରାଜୀବ ଗାନ୍ଧୀ ହିଁ ତାଙ୍କୁ ୧୯୯୧ ଲୋକ ସଭା ନିର୍ବାଚନ ପାଇଁ ଟିକେଟ ଦେଇଥିଲେ। ରାଜୀବଙ୍କ ମୃତ୍ୟୁ ପରେ ସୁବାସ ବହୁତ ଭୋଟରେ ବିଜୟୀ ହୋଇଥିଲେ। ସେ ଶ୍ରୀମା ଅରବିନ୍ଦଙ୍କ ଭକ୍ତ ଥିଲେ। ୨୦୦୯ରେ କଳାହାଣ୍ଡି ଲୋକ ସଭା ଆସନ ପାଇଁ ତାଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଟିକେଟ ଦିଆଯାଇଥିଲା। ମାତ୍ର ସେ ନିର୍ବାଚନରେ ପରାସ୍ତ ହୋଇଥିଲେ। ସୁବାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି। ବିରୋଧୀଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ଅନେକ ନେତା ଶୋକପ୍ରକାଶ କରିଛନ୍ତି।

ROYAL PUBLIC SCHOOL
Kesura, Koradakanta, Bhubaneswar-6
(Affiliated to CBSE, New Delhi)
(Affiliation up to Senior Secondary Level)
ADMISSION OPEN
for Std.- XI (Science)
Hostel & Bus facility available
Special Coaching for JEE/NEET by National Level experts

For Admission, Contact :
Mob : 9438041059, 9438297706, 9439339359

ଧରିତ୍ରୀ DHARITRI
GUPTA DISTRIBUTORS
ଅଦ୍ଭୁତ ବନ୍ଧନ
ରାଖୀ ବାର୍ତ୍ତା ପ୍ରତିଯୋଗିତା
15 Gold Coins & 40 Silver Coins to be won
In association with:
CHANDI BHANDAR®
Win Big
Loaded with 60 Attractive Prizes
GREEN CHILLY Outdoor Catering
PANDA TRAVEL MART
Cut the Coupon & Send it to: Dharitri, B-15, Industrial Estate Rasulgarh, Bhubaneswar - 751010
or
Click the Photo of the filled Message & send it to: rakhimessagecontest@dharitri.com Whatsapp No.: 9692975378
ଆମର ପ୍ରିୟ ପାଠିକା/ପାଠକ। 'ରାଖୀ ପୂର୍ଣ୍ଣିମା' ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ହେଉଛି ଏକ ସ୍ୱତନ୍ତ୍ର 'ବାର୍ତ୍ତା ପ୍ରତିଯୋଗିତା'। ସୃଜନଶୀଳ ତଥା ଭାବନାତ୍ମକ ଏବଂ ଚାତୁର୍ଯ୍ୟ ଥିବା ବାର୍ତ୍ତାକୁ ପୁରସ୍କାର ଲାଗି ଅଗ୍ରାଧିକାର ମିଳିବ। ଆପଣଙ୍କ ବାର୍ତ୍ତା ୪୦ଟି ଶବ୍ଦ ଭିତରେ ସୀମିତ ରହିବା ଆବଶ୍ୟକ। ନିଜ ନାମ, ଯୋଗାଯୋଗ ଠିକଣା ଓ ମୋବାଇଲ ନମ୍ବର ସ୍ପଷ୍ଟ ହସ୍ତାକ୍ଷରରେ ଉଲ୍ଲେଖ ରହିବା ଜରୁରୀ। ବାର୍ତ୍ତା ପହଞ୍ଚିବାର ଶେଷ ତାରିଖ ୬ ଅଗଷ୍ଟ ୨୦୨୨। ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ।
MESSAGE COUPON
ବାର୍ତ୍ତା
ନାମ:..... ବୟସ:.....
ଠିକଣା:.....
..... ମୋବାଇଲ ନଂ. .....
"BASIC T & Cs":
*T & C apply
The Dharitri Management reserves the right to decide on the qualification and basis for winning messages.

ବ୍ୟାଙ୍କ ଆକାଉଣ୍ଟରେ ଦୁଇ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ କୌଣସି ଦେଣନେଣ ନ ହେବା କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ନିଷ୍କ୍ରିୟ ହୋଇଯାଏ ।

ନିଜର ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟକୁ ପୁନର୍ବାର ସକ୍ରିୟ କରିବା ପାଇଁ ନିଜର ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରନ୍ତୁ କିମ୍ବା ୱେବସାଇଟ ଭିଜିଟ କରନ୍ତୁ ।*
ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !
ଅଧିକ ସୂଚନା ପାଇଁ, 14440 ରେ ମିସ୍‌ଡ କଲ ଦିଅନ୍ତୁ
କିମ୍ବା https://rbikehtahai.rbi.org.in/ud କୁ ଯାଆନ୍ତୁ
ଫିଡ୍‌ବ୍ୟାକ ଦେବା ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
*ନିୟମ ଓ ସର୍ତ୍ତାବଳୀ ପ୍ରଯୁଜ୍ୟ
ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ଆଜିର ମନ୍ତବ୍ୟ

ଭାରତ ଉପରେ କୌଣସି ଦେଶ କୁଦୃଷ୍ଟି ପକାଇଲେ ଆମ ସଶସ୍ତ୍ର ବଳ ଉଚିତ ଜବାବ ଦେବା ପାଇଁ ପ୍ରସ୍ତୁତ। ଭାରତ ଯେକୌଣସି ଯୁଦ୍ଧରେ ବିଜୟ ହାସଲ ଲାଗି ସମର୍ଥ। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

ଜନ୍ମଦିନର ଶୁଭେଚ୍ଛା

ରାନୀ
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଛାତ୍ରୀଙ୍କୁ ମାଡ଼ ଘଟଣାରେ ଶିକ୍ଷକ ନିଲମ୍ବିତ

ବାସୁଦେବପୁର,୨୪।୭(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଦେଇପୁର କ୍ଲଷ୍ଟର ସୁନାମୁହିଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ମାଡ଼ ଘଟଣାରେ ଶିକ୍ଷକ କଳ୍ପତରୁ ମଲିକଙ୍କୁ ରବିବାର ନିଲମ୍ବନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଶିକ୍ଷକ ମଲିକଙ୍କୁ ନିଲମ୍ବନ କରିଥିବା ବିଦେଇପୁର କ୍ଲଷ୍ଟର ସିଆର୍‌ସିସି ଶରତ ଓଝା ସୂଚନା ଦେଇଛନ୍ତି। କ୍ଲଷ୍ଟର ସିଆର୍‌ସିସିଙ୍କୁ ଶିକ୍ଷକଙ୍କ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏନେଇ ଶିକ୍ଷକ ମଲିକଙ୍କୁ ଅବଗତ କରି ଦିଆଯିବ ବୋଲି ବିଇଓ ଜଗବନ୍ଧୁ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷକ ମଲିକ ଶନିବାର ପାଠ ପଢ଼ାଉଥିବା ବେଳେ ୧୪ଜଣ ଛାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ସେମାନଙ୍କ ମଧ୍ୟରୁ ଆହତ ୪ ଛାତ୍ରୀ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ଘଟଣାକୁ ନେଇ ଅଭିଭାବକମାନେ ସ୍କୁଲରେ ପହଞ୍ଚି ଶିକ୍ଷକ ମଲିକଙ୍କୁ ଅଟକ ରଖିଥିଲେ। ପରେ କଷିଆ ସାମୁଦ୍ରିକ ଥାନା ପୋଲିସ ତାଙ୍କୁ ଥାନାକୁ ନେଇ ପ୍ରାଥମିକ ତଦନ୍ତ ପରେ ଛାଡ଼ି ଦେଇଥିଲା। ଶିକ୍ଷକ ଛାତ୍ରୀମାନଙ୍କୁ ମାଡ଼ ମାରିବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା।

ଦୁର୍ଲଭ ବୃକ୍ଷ ଗବେଷଣାରେ ୨ ଯୁବ ଓଡ଼ିଆ

ପୁରୀ ଅଫିସ,୨୪।୭

ହିମାଳୟର ଘଞ୍ଚ ଜଙ୍ଗଲରେ ଚାଲିଛି ଅନୁସନ୍ଧାନ

ହିମାଳୟ ପାଦଦେଶର ଘଞ୍ଚ ଜଙ୍ଗଲରେ ବିଲୁପ୍ତ ପ୍ରାୟ ଔଷଧୀୟ ବୃକ୍ଷରାଜିର ଅନୁସନ୍ଧାନ କରୁଛନ୍ତି ଦୁଇଜଣ ଓଡ଼ିଆ ଯୁବ ଗବେଷକ। ସେମାନେ ହେଲେ ପୁରୀର ବିଭୂତି ଭୂଷଣ ଚମ୍ପତି ଓ ଯାଜପୁରର ପ୍ରଭାତ କୁମାର ଦାସ। ଭାରତ ସରକାରଙ୍କ ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗର ଏକ ପ୍ରକଳ୍ପ ଅଧୀନରେ ଏହି ଗବେଷଣା କରାଯାଉଛି। ଏହି ପ୍ରକଳ୍ପ ଅନ୍ତର୍ଗତ ପ୍ରଥମ ସୋପାନରେ ହିମାଳୟର ପାର୍ବତ୍ୟାଞ୍ଚଳରୁ ଗବେଷକମାନେ ବୃକ୍ଷ ନମୁନା ସଂଗ୍ରହ କରିଛନ୍ତି। ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଏହି ଦୁଇ ଯୁବ ଗବେଷକଙ୍କୁ ପ୍ରକଳ୍ପର ଏକ ସହଯୋଗୀ କେନ୍ଦ୍ରୀୟ ଅନୁଷ୍ଠାନ ହିମାଳୟ ବନ ଅନୁସନ୍ଧାନ ପ୍ରତିଷ୍ଠାନ ସହାୟତା ଯୋଗାଇ ଦେଉଛି। ତେବେ ସମ୍ପୃକ୍ତ ଔଷଧୀୟ ବୃକ୍ଷର ସନ୍ଧାନ ପରେ ଏହାର ସଂରକ୍ଷଣ ଉପରେ କାର୍ଯ୍ୟ କରାଯିବବୋଲି ବିଭୂତି କହିଛନ୍ତି।

classifieds Everyday

0674-2580101, 2549302

real estate

to-let

SALE

ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। **9437765989.** D-73289

Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ **sqft.-980/**ରେ ମିଳୁଛି। **9937006862.** D-73284

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272. D-73277

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & Collegeକୁ** ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73541

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

Shoproom (10'x10') infront of Bijupattnaik College mainroad Jayadevvihar, Bhubaneswar. Contact: 9938511622. D-1090

healthcare

Full body massage in homely atmospher all therapy. Mob: 8114881641. D-73406

Refreshing your mind and body with the best therapy, 7873794731. D-872

Relief SPA full body massage both ladies and gents. 8280185642. D-1073

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Newly open SPA positively health benifit with expert. Contact: 7749976301. D-73845

Newly opened full body massage center by expert therapist. 7381172169. D-73622

Relax, Refresh your body, Mind at Saikrupa Spa with best therapies. 8984068077. D-980

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଘିଅ ସରସର ଗୁଡ଼ ସରସର
ଫୁଲୁଥାଏ ବିରିବରା,
ତୁଚ୍ଛା ପଲମରେ ଫୁଲି ମରୁଥାଏ
ନିଲଠା ଚିତଉ ଫଡା।

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଘର ଭଣ ଭଣ ଦୁଆରେ ତାଟି,
ସାହୁ ପତିଆରା ଝିଅ ଦିଓଟି।

ଘରର ଅବସ୍ଥା ଦୟନୀୟ, ସେଥିରେ ବଢ଼ନ୍ତା ଝିଅ। କେତେବେଳେ କେଉଁକଥା। ଏପରିସ୍ଥଳେ ସାହୁକାର ଭୟରେ ଝିଅ ଦୁଇଟିଙ୍କୁ ଘରେ ଛାଡ଼ି ବାହାରକୁ ଯାଉ ନ ଥିବା ଗରିବ ଖାତକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ନୀରଜଙ୍କ ଚମକ...

ପ୍ରଥମ ପୃଷ୍ଠାରୁ...

ଅବସରରେ ଫାଉଲ୍ କରିବାରୁ ୮୮.୧୩ ମିଟରକୁ ବିଚାରକୁ ନିଆଯାଇଥିଲା। ଗତଥରର ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସ ୯୦.୫୪ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ପାଇଥିଲେ। ଅଲିମ୍ପିକ୍ ରୌପ୍ୟ ବିଜେତା ଚେକ୍ ରିପବ୍ଲିକ୍‌ର ଜାକୁବ ଭାଡ୍ଲେଚ୍ ୮୮.୦୯ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଜାଭେଲିନ୍ ଇତିହାସରେ ଦ୍ୱିତୀୟ ବ୍ୟକ୍ତି ଭାବେ ପିଟର୍ସ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଥିଲେ। ତାଙ୍କ ପୂର୍ବରୁ ଚେକ୍ ରିପବ୍ଲିକ୍‌ର ଜାନ୍ ଜେଲେଜ୍‌ନି ୧୯୯୩ ଓ ୧୯୯୫ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ପିଟର୍ସ ଏଠାରେ ଫାଇନାଲ ଅବସରରେ ନିଜ ଦକ୍ଷତା ଦେଖାଇଥିଲେ। ସେ ୩ ଥର ୯୦ ମିଟରରୁ ଊର୍ଦ୍ଧ୍ୱ ଥ୍ରୋ କରିଥିଲେ। ସେ ପ୍ରଥମ ଉଦ୍ୟମରେ ୯୦.୨୧, ଦ୍ୱିତୀୟରେ ୯୦.୪୬ ଏବଂ ୬ଷ୍ଠ ଉଦ୍ୟମରେ ୯୦.୫୪ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ।

କ୍ୱାଲିଫିକେଶନ ରାଉଣ୍ଡର ଗ୍ରୁପ୍ 'ଏ'ରେ ୮୮.୩୯ ମିଟର ଥ୍ରୋ କରିବା ସହିତ ନୀରଜ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ତୃତୀୟ ଶ୍ରେଷ୍ଠ ଥ୍ରୋ। ପିଟର୍ସ ୮୯.୯୧ ମିଟର ସହିତ ଏହି ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରିଥିଲେ। ପ୍ରଦର୍ଶନଭିତ୍ତିରେ ଦୁଇଜଣଯାକ ଜାଭେଲିନ ଥ୍ରୋୟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟଙ୍କ ମଧ୍ୟରେ ରୋହିତ ଯାଦବ ୭୮.୭୨ ମିଟର ସହିତ ୧୦ମ ସ୍ଥାନରେ ରହିଥିଲେ। କ୍ୱାଲିଫିକେଶନ ରାଉଣ୍ଡରେ ସେ ୮୦.୪୨ ମିଟର କ୍ଲିୟର କରିଥିବାରୁ ଓଭରଅଲ୍ ୧୧ତମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।

ଗତବର୍ଷ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ୮୭.୫୮ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଐତିହାସିକ ସଫଳତା ପାଇଥିଲେ। ଅଲିମ୍ପିକ୍ସରେ ଆଥ୍‌ଲେଟିକ୍ସ ଇଭେଣ୍ଟରୁ ଭାରତର ଏହା ଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ଅଭିନବ ବିନ୍ଦ୍ରାଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ନୀରଜ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ତାରକା ଶୁଟର ବିନ୍ଦ୍ରା ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଅଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍ ସଫଳତା ବ୍ୟତୀତ ନୀରଜ ୨୦୧୮ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ, ୨୦୧୬ ସାଉଥ୍ ଏସିଆନ ଗେମ୍ସ ଓ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

ପାଇଖାନାରେ ନାବାଳିକାଙ୍କୁ ...

ଉଦ୍ଧାର କରିବା ବେଳକୁ ଜ୍ୟୋତ୍ସ୍ନାଙ୍କ ମୃତ୍ୟୁ ହୋଇସାରିଥିଲା। ଖବରପାଇ ନୀଳଗିରି ଏସ୍‌ଡିପିଓ ରିତେଶ ମହାପାତ୍ର ଓ ଖଇରା ଆଇଆଇସି ଗଣେଶ୍ୱର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ଦଳୀୟ ନେତା ରାଜେଶ ମହାକୁଡଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏଭଳି ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି। ଏଥିସହ ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପୂର୍ବରୁ ପୋଲିସ ତରବରିଆ ଭାବେ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ନେଇ ପୋଲିସର କାର୍ଯ୍ୟକଳାପ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେହିଭଳି ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟ କମଳିନୀ ମାଝି, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ମହାନ୍ତି ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଆଧାର-ଭୋଟର କାର୍ଡ ...

ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଅଧ୍ୟକ୍ଷଙ୍କ ଆଡ଼କୁ ରୁଲ୍ ବୁକ୍ ଫିଙ୍ଗି ଗୃହରୁ ନିଲମ୍ବିତ ହୋଇଥିଲେ। ଉକ୍ତ ବିଲ୍‌କୁ ଧ୍ୱନିମତରେ ମାତ୍ର ୨୪ ମିନିଟ ମଧ୍ୟରେ ଉଭୟ ଗୃହରେ ଯେପରି ଭାବେ ଗୃହୀତ କରାଯାଇଥିଲା, ତାକୁ ନେଇ ସବୁ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ। ଏନେଇ କଂଗ୍ରେସ ଏମ୍‌ପି ଶଶୀ ଥରୁର କହିଛନ୍ତି, ନାଗରିକତ୍ୱ ନୁହେଁ, ବରଂ ବାସିନ୍ଦା ପ୍ରମାଣପତ୍ର ଭାବେ ଆଧାର ଅଣାଯାଇଥିଲା। କିନ୍ତୁ ସରକାରଙ୍କ ଏହି ଆଇନ ଯୋଗୁ ଜଣେ ଅଣନାଗରିକ ମଧ୍ୟ ମତଦାନ ଅଧିକାର ପାଇପାରିବେ। ସୁପ୍ରିମକୋର୍ଟରେ ରଣଦୀପ ସୂର୍ଯ୍ୟେୱାଲାଙ୍କ ପିଟିଶନର ଶୁଣାଣି ସୋମବାର କରାଯିବ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ଏହାର ବିଚାର କରିବେ।

ପ୍ରଜ୍ଞା ମିଶ୍ର ରାଜ୍ୟ ...

ପ୍ରଥମ ପୃଷ୍ଠାରୁ...

ରାଜ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଗତବର୍ଷ କରୋନା ପାଇଁ ପରୀକ୍ଷା ହୋଇ ନ ଥିଲା। ଏଥର କରୋନା ସଂକ୍ରମଣ କମିଯାଇଥିବାରୁ ଅଫ୍‌ଲାଇନ ପରୀକ୍ଷା ପାଇଁ କାଉନସିଲ ନିଷ୍ପତ୍ତି ନେଇଥିଲା। ଏପ୍ରିଲ ୬ ରୁ ଜୁନ୍ ୧୩ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସାରା ଦେଶରୁ ମୋଟ ୯୬,୯୪୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିଭଳି ରାଜ୍ୟରେ ଥିବା ମୋଟ ୨୬ ସ୍କୁଲରୁ ୧,୮୭୧ଜଣ ଛାତ୍ରୀଛାତ୍ର ଦ୍ୱାଦଶ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରେ ୯୨୨ଜଣ ଛାତ୍ରୀ ଓ ୯୪୯ଜଣ ଛାତ୍ର ଥିଲେ। ତେବେ ୧,୮୬୧ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୯୯.୪୭% ରହିଛି। ଝିଅଙ୍କ ପାସ୍ ହାର ୯୯.୬୭% ଓ ପୁଅଙ୍କ ପାସ୍ ହାର ୯୯.୨୬% ରହିଛି। ପରୀକ୍ଷା ଦେଇଥିବା ସମସ୍ତ ୧୨୫ଜଣ ଏସ୍‌ସି ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୮୫ଜଣ ଏସ୍‌ଟି ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପାସ୍ ହାର ୯୯.୬୫% ରହିଛି। ସେହିଭଳି ୨୦୭ଜଣ ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଏବଂ ସମସ୍ତ ପିଲା ପାସ୍ ହୋଇଥିବା କାଉନ୍‌ସିଲ ପକ୍ଷରୁ ସୂଚନା ଦିଆଯାଇଛି।

ଆଇଜରରେ ଗବେଷଣାତ୍ମକ ପଢିବା ଲକ୍ଷ୍ୟ

ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ରାଜ୍ୟସ୍ତରରେ ପ୍ରଥମ ର୍ୟାଙ୍କ ହାସଲ କରିଛି। ମୋର ୯୯.୨୫% ମାର୍କ ରହିଛି। ପରୀକ୍ଷା ପାଇଁ ଯଥେଷ୍ଟ ପରିଶ୍ରମ କରିଥିଲି। ସ୍କୁଲ ଏବଂ ଘରେ ପାଠପଢାକୁ ଅଧିକ ଗୁରୁତ୍ୱ ଦେଉଥିଲି। ଶିକ୍ଷୟିତ୍ରୀ, ଶିକ୍ଷକମାନେ କୌଣସି ବିଷୟରେ ସନ୍ଦେହ ହେଲେ ବୁଝାଇବାରେ ସହଯୋଗ କରୁଥିଲେ। ପରିବାର ସଦସ୍ୟ ମଧ୍ୟ ପୂର୍ଣ୍ଣ ସହଯୋଗ କରୁଥିଲେ। କେବେ ଭାବି ନ ଥିଲି ରାଜ୍ୟସ୍ତରରେ ର୍ୟାଙ୍କ ହାସଲ କରିବି। ବହୁତ ଖୁସି ଅଛି। ଆଗକୁ ଯୁକ୍ତ ୩ ବିଜ୍ଞାନ ବିଭାଗରେ ପାଠ ପଢିବି। ଆଇଜରରେ ଗବେଷଣାତ୍ମକ ପାଠ ପଢିବା ମୋର ଲକ୍ଷ୍ୟ।

-ପ୍ରଜ୍ଞା ମିଶ୍ର, ଡି ପଲ୍ ସ୍କୁଲ, ବ୍ରହ୍ମପୁର

ଆଇଏଏସ୍ ଅଫିସର ହେବି

ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ରାଜ୍ୟସ୍ତରରେ ଦ୍ୱିତୀୟ ର୍ୟାଙ୍କ ହାସଲ କରିଛି। ୯୮.୭୫% ରଖିଛି। ପରୀକ୍ଷା ପାଇଁ ପାଠ ପଢ଼ିବା ବେଳେ କେଉଁଦିନ କେତେ ସମୟ ମଧ୍ୟରେ କେଉଁ ବିଷୟ ସରିବ ସେ ନେଇ ଅଧିକ ଧ୍ୟାନ ଦେଉଥିଲି। ପ୍ରଶ୍ନର କିଭଳି ଉତ୍ତର ଦେବି ସେ ନେଇ ଅଧିକ ପ୍ରସ୍ତୁତ ହେଉଥିଲି। ପରିବାରର ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରୁଥିଲେ। ଯଦ୍ୱାରା ଆଜି ସଫଳତାର ଶୀର୍ଷରେ ପହଞ୍ଚି ପାରିଛି। ଆଗକୁ ଯୁକ୍ତ ୩ କଳାରେ ଅର୍ଥନୀତି(ସମ୍ମାନ)ରେ ଅଧ୍ୟୟନ କରିବି। ସିଭିଲ ସର୍ଭିସ ପରୀକ୍ଷା ପାଇଁ ଲକ୍ଷ୍ୟ ରଖି ପଢ଼ିବି। ଆଇଏଏସ ଅଫିସର ହେବାକୁ ମୋର ଇଚ୍ଛା।

-ସୌମ୍ୟା ପଟ୍ଟନାୟକ,ଡି ପଲ ସ୍କୁଲ, ବ୍ରହ୍ମପୁର

ସଫଳତାରେ ବହୁତ ଖୁସି

ମୁଁ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ସ୍କୁଲ ଲାଇବ୍ରେରି ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ସହଯୋଗ ନେଉଥିଲି। ସିବିଏସ୍‌ସି ପରୀକ୍ଷାରେ ଭଲ ମାର୍କ ରଖି କୌଣସି ଆଇଆଇଟିରେ ସ୍ଥାନ ପାଇବି ଏବଂ ଜଣେ ସଫ୍ଟୱେୟାର ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖି ପରିଶ୍ରମ କରୁଥିଲି। ଏହି ସଫଳତାରେ ମୁ ବହୁତ ଖୁସି। ନିଜ ଭିତରେ ଥିବା ଦକ୍ଷତାକୁ ପରଖି ନିଷ୍ଠାର ସହ କଠୋର ପରିଶ୍ରମ କଲେ ସଫଳତା ମିଳିଥାଏ ।

-ଲଳିତେନ୍ଦୁ ଜଗଜ୍ୟୋତି ମିଶ୍ର, ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲ, ରାଉରକେଲା

କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ

ମୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରିଥିଲି। ପାଠ ସମ୍ବନ୍ଧୀୟ କୌଣସି ସନ୍ଦେହ ରହିଲେ ତୁରନ୍ତ ଅଧ୍ୟାପିକା ଅଧ୍ୟାପକଙ୍କଠାରୁ ତାହା ବୁଝୁଥିଲି। ଏଥିସହ ମା' ବାପା ମୋତେ ଗାଇଡ କରୁଥିଲେ। ରେଜଲ୍ଟରେ ମୁ ବହୁତ ଖୁସି ଅଛି। ଭବିଷ୍ୟତରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ମୋ ସଫଳତାର ଶ୍ରେୟ ମା' ବାପାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଦେବି।

-ସ୍ନେହା ମିଶ୍ର, ସେଣ୍ଟ ଜେସେଫ କନଭେଣ୍ଟ ସ୍କୁଲ, ରାଉରକେଲା

ଦୁଇ ହାତୀ କଙ୍କାଳ ...

କଙ୍କାଳ ଜବତ କରିଥିଲା ଏସ୍‌ଟିଏଫ୍। ଏକାଧିକ ହାଡ଼, ଖପୁରି ପୋଡ଼ି ପାଉଁଶ ହୋଇ ଯାଇଥିଲାବେଳେ କିଛି ହାଡ଼ ଅଧା ପୋଡ଼ା ଅବସ୍ଥାରେ ପଡ଼ିଥିଲା। ତାହାର ନମୁନା ସଂଗ୍ରହ କରି ଓୟୁଏଟିସ୍ଥିତ ସେଣ୍ଟର୍ ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥକୁ ପଠାଇବା ପାଇଁ ଏସ୍‌ଟିଏ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀଠାରେ ନିଜ ଦଳର ଏମ୍‌ପିମାନଙ୍କ ସହ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି (ବାମ)। ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିବା ମୟୂରଭଞ୍ଜ ଜିଲା ଭାଜପାର ବିଧାୟକମାନେ।

ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

କହିଲେ ମୁଁ ଅତ୍ୟନ୍ତ ଖୁସି

- ■ ମୁଖ୍ୟମନ୍ତ୍ରୀଙ୍କ ସହ ରହିଲେ ସବୁ ବିଜେଡି ଏମ୍‌ପି
- ■ ଦ୍ରୌପଦୀଙ୍କୁ ଭେଟିଲେ ମୟୂରଭଞ୍ଜ ଜିଲାର ୬ ଭାଜପା ବିଧାୟକ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ସୋମବାର ଶପଥ ନେବେ। ଏଥିଯୋଗୁ ବ୍ୟାପକ ଆୟୋଜନ କରାଯାଇଛି। ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାରଠାରୁ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ରବିବାର ବିଜେଡି ଏମ୍‌ପିମାନଙ୍କ ସହିତ ଯାଇ ମୁର୍ମୁଙ୍କୁ ସାକ୍ଷାତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ବିଜେଡିର ସମସ୍ତ ଲୋକ ସଭା ଏବଂ ରାଜ୍ୟ ସଭା ଏମ୍‌ପିମାନେ ଏହି ଅବସରରେ ଉପସ୍ଥିତ ଥିଲେ। ନବୀନ ଏବଂ ମୁର୍ମୁଙ୍କ ସହ ଫଟୋ ଉଠାଇବା ବେଳେ ବିଜେଡି ଏମ୍‌ପିମାନେ ବେଶ୍ ଉତ୍ସାହିତ ଥିବାର ଦେଖିବାକୁ ମଧ୍ୟ ମିଳିଛି। ପର୍ଯ୍ୟାୟକ୍ରମେ ସମସ୍ତ ବିଜେଡି ଏମ୍‌ପିମାନେ ମୁର୍ମୁଙ୍କ ସହ ଫଟୋ ଉଠାଇଥିବା ଦେଖିବାକୁ ମିଳିଥିଲା। ନବୀନ କହିଛନ୍ତି ଯେ, ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଲି। ଓଡ଼ିଆ ଝିଅ ରାଷ୍ଟ୍ରପତି ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି। ଆମେ ସମସ୍ତେ ତାଙ୍କ ଲାଗି ଗର୍ବିତ ବୋଲି ନବୀନ କହିଛନ୍ତି। ଏମ୍‌ପିମାନେ ମଧ୍ୟ ଭେଟିବା ପରେ ଖୁସିଥିବା କହିଛନ୍ତି। ଏହିସମୟରେ ପାରମ୍ପରିକ ନୃତ୍ୟ କଳାରେ ସମ୍ପୂର୍ଣ୍ଣ ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା। ସେହିପରି ମୁର୍ମୁଙ୍କ ଶପଥ ଉତ୍ସବରେ ଯୋଗଦେବା ଲାଗି ମୟୂରଭଞ୍ଜ ଜିଲାର ୬ଜଣ ଭାଜପା ବିଧାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଢ଼େଇ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଲି, ସରସକଣା ବିଧାୟକ ବୁଢାନ୍ ମୁର୍ମୁ, ଯଶୀପୁର ବିଧାୟକ ଗଣେଶ ରାମସିଂହ ଖୁଣ୍ଟିଆ ରହିଛନ୍ତି। ବିଧାୟକମାନେ ଦିଲ୍ଲୀରେ ପହଞ୍ଚିବା ପରେ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

ଶପଥ ଉତ୍ସବରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ, ବିଜେଡିର ସମସ୍ତ ଏମ୍‌ପି

ଭାଜପାର ସବୁ ଏମ୍‌ପି, ୬ ବିଧାୟକ ଯୋଗଦେବେ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କର ବିଜୟ ପରେ ସାରା ଦେଶରେ ଖୁସିର ମାହୋଲ ଦେଖିବାକୁ ମିଳିଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଭାଜପା ପକ୍ଷରୁ ମଧ୍ୟ ଅନେକ ସ୍ଥାନରେ ବର୍ତ୍ତମାନ ସୁଦ୍ଧା ବିଜୟ ଉତ୍ସବ ପାଳନ ଚାଲିଛି। ସୋମବାର ମୁର୍ମୁଙ୍କ ଶପଥ ଉତ୍ସବ କାର୍ଯ୍ୟକ୍ରମ ଥିବାବେଳେ ଓଡ଼ିଶାରୁ ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ଯେଉଁମାନଙ୍କୁ ନିମନ୍ତ୍ରଣ ପତ୍ର ମିଳିଛି ସମସ୍ତେ ଦିଲ୍ଲୀ ଗସ୍ତ କରିସାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନୂଆଦିଲ୍ଲୀ ଯାଇଛନ୍ତି। ସେହିପରି ରାଜ୍ୟପାଳ ଗଣେଶୀ ଲାଲ୍ ମଧ୍ୟ ଦିଲ୍ଲୀ ଗସ୍ତରେ ଅଛନ୍ତି। ଅନ୍ୟପଟେ ନବୀନ ରବିବାର ନିଜ ଏମ୍‌ପିମାନଙ୍କ ସହିତ ଯାଇ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ମୁତାବକ ନବୀନଙ୍କ ସମେତ ସମସ୍ତ ଏମ୍‌ପିଙ୍କୁ ଶପଥ ଉତ୍ସବରେ ସାମିଲ ହେବା ଲାଗି ନିମନ୍ତ୍ରଣ ପତ୍ର ମିଳିଥିବା ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ କହିଛନ୍ତି। ସେହିପରି ଭାଜପାର ମଧ୍ୟ ସମସ୍ତ ଏମ୍‌ପିଙ୍କ ସମେତ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ, ମୟୂରଭଞ୍ଜର ୬ଜଣ ଭାଜପା ବିଧାୟକ ଉପସ୍ଥିତ ରହିବେ। ତେବେ ରାଷ୍ଟ୍ରପତିଙ୍କ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୟୂରଭଞ୍ଜ ଜିଲାର ଆହୁରି କିଛି ଲୋକଙ୍କୁ ନିମନ୍ତ୍ରଣ ମିଳିଛି। ସେମାନଙ୍କ ମଧ୍ୟରେ ମୁର୍ମୁଙ୍କ ଜଣେ ବନ୍ଧୁ ଏବଂ ସମ୍ପର୍କୀୟ ରହିଛନ୍ତି। ଅନ୍ୟ କେତେଜଣ ନିମନ୍ତ୍ରଣ ନ ପାଇବା ସତ୍ତ୍ୱେ ଦିଲ୍ଲୀଠାରେ ଡେରା ପକାଇଥିବା ଜଣାପଡଛି।

ବରଗଡ଼-ନୂଆପଡ଼ା ନୂତନ ରେଲୱେ ଲାଇନ କାମକୁ ଅନୁମୋଦନ

ରେଳମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଭାଜପା ଏମ୍‌ପି, ବିଧାୟକ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଜନସାଧାରଣଙ୍କ ବହୁ ଦିନର ଆଶା ଆକାଂକ୍ଷା ଓ ଦାବି ପ୍ରତି କେନ୍ଦ୍ର ସରକାର ମୋହର ମାରି ବରଗଡ଼ରୁ ନୂଆପଡ଼ା ପର୍ଯ୍ୟନ୍ତ ନୂତନ ରେଲୱେ ଲାଇନକୁ ଅନୁମୋଦନ କରିଛନ୍ତି। ଏଥିଲାଗି ନୂଆଦିଲ୍ଲୀ ରେଲୱେ ଭବନରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏମ୍‌ପି ବସନ୍ତ ପଣ୍ଡା ଏବଂ ଭାଜପା ନେତା ପ୍ରଦୀପ ପୁରୋହିତ ପଦ୍ମପୁର ଓ ନୂଆପଡ଼ାବାସୀଙ୍କ ତରଫରୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ତୁରନ୍ତ ଯେଭଳି ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ସେଥିପାଇଁ ମନ୍ତ୍ରୀଙ୍କୁ ସମସ୍ତେ ଅନୁରୋଧ କରିଛନ୍ତି। ପ୍ରାଥମିକତା ଭିତ୍ତିରେ ଶୀଘ୍ର ଏହି ନିର୍ମାଣ କାର୍ଯ୍ୟ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ନଭର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଭାଜପା ମୁଖ୍ୟମନ୍ତ୍ରୀଙ୍କୁ ମୋଦିଙ୍କ ମନ୍ତ୍ରଣା

ନୂଆଦିଲ୍ଲୀ,୨୪।୭: ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଭାଜପା ପ୍ରସ୍ତୁତି ଆରମ୍ଭ କରିଛି। ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ଶାସିତ ୧୮ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ଯୋଗଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସୁଶାସନ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ୪ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମଧ୍ୟ ସାମିଲ ଥିଲେ।

ଚିନି କଳ ପୁନରୁଦ୍ଧାରରେ ସରକାର ବିଫଳ

- ■ ରାଜ୍ୟରେ ୫ରୁ ୪ ସମବାୟ ଭିତ୍ତିକ ଶିଳ୍ପ ଅଚଳ: ମନ୍ତ୍ରୀ
- ■ ଏଥିରେ ବହୁ ଦୁର୍ନୀତି କରାଯାଇଛି: ସାଲୁଜା
- ■ ସବୁ ଉପଭୋଗ କରନ୍ତି, ହେଲେ କେହି ଉତ୍ତରଦାୟୀ ରୁହନ୍ତିନି: ମହାଲିଙ୍ଗ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ରାଜ୍ୟରେ ମୋଟ ୫ଟି ସମବାୟ ଭିତ୍ତିକ ଶିଳ୍ପ ଥିବାବେଳେ ମାତ୍ର ଗୋଟିଏ ଚାଲିଛି। ବିଧାନସଭାରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ ରଖିଥିବା ଉତ୍ତରରୁ ହିଁ ସମବାୟ ଭିତ୍ତିକ ଶିଳ୍ପଗୁଡିକର ଉନ୍ନତୀକରଣ ଲାଗି ସରକାରଙ୍କ ଆନ୍ତରିକତା କେତେ ରହିଛି ସେକଥା ସ୍ପଷ୍ଟ ଜଣାପଡୁଛି। ତେବେ ଗତ ୨୦ ତାରିଖରେ ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ଏହି ଉତ୍ତର ରଖିଛନ୍ତି। ଅନ୍ୟପକ୍ଷରେ ସମବାୟ ଶିଳ୍ପର ଏଭଳି ଅବସ୍ଥା ଯୋଗୁ ବିରୋଧୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ମନ୍ତ୍ରୀ ତାଙ୍କ ଉତ୍ତରରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଗୋଟିଏ ସମବାୟ ଭିତ୍ତିକ ଶିଳ୍ପ ଯଥା ଆସିକା ସମବାୟ ଚିନିକଳ ଚାଲୁଛି। ବରଗଡ଼ ସ୍ଥିତ ବରଗଡ଼ ସମବାୟ ଚିନିକଳ ଲିଃ, ବଲାଙ୍ଗୀର ସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଲିଃ, ବଡମ୍ବା ଚିନିକଳ ଲିଃ, କଟକ ଓ ନୟାଗଡ଼ ସମବାୟ ଚିନିକଳ ଲିଃ ଅଚଳ ଅବସ୍ଥାରେ ରହିଛି। ସେଥିରୁ ବିଜୟାନନ୍ଦ ଚିନିକଳ ଉପରେ ୫୨ କୋଟି ୨୩ ଲକ୍ଷ ଟଙ୍କାର ଋଣ ବକେୟା ଅଛି। ଋଣ ପରିଶୋଧ ଲାଗି ରାଜ୍ୟ ସମବାୟ ବ୍ୟାଙ୍କ ଉକ୍ତ କଳର ନିଲାମ ପ୍ରକ୍ରିୟା ଜାରି ରଖିଛି। ହେଲେ ତାହା କେଉଁ କାରଣରୁ ଏତେଦିନ ହେବ ନିଲାମ ହୋଇପାରୁ ନାହିଁ ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡି ଗୋପବନ୍ଧୁ ଶତପଥୀଙ୍କୁ ପଚାରିବାରୁ ସେ ଏହାର ତଥ୍ୟ ଅଫିସ୍ ଯାଇ ଦେଖିବା ପରେ ରଖିବେ ବୋଲି କହିଛନ୍ତି।

ସେହିପରି ନୟାଗଡ଼ ଏବଂ ବଡମ୍ବା ସମବାୟ ଚିନିକଳ କ୍ରୟ ବିକ୍ରୟ ଚୁକ୍ତିନାମା ଅନୁଯାୟୀ ଯଥାକ୍ରମେ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଏବଂ ଲକ୍ଷ୍ମୀପତି ବାଲାଜୀ ସୁଗାର ଆଣ୍ଡ ଡିଷ୍ଟିଲେରିସ୍ ପ୍ରାଇଭେଟ ଲିଃକୁ ୨୦୦୪ ଏବଂ ୨୦୦୫ରେ ହସ୍ତାନ୍ତର କରାଯାଇଥିଲା। ହେଲେ ଏବେ ବରଗଡ଼ ଚିନିକଳକୁ ପରିଦର୍ଶନ ଲାଗି ନ୍ୟାଶ୍‌ନାଲ ସୁଗାର ଇନ୍‌ଷ୍ଟିଚ୍ୟୁଟ୍, କାନପୁରର ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ ଦଳ ଗତ ୧୬।୮।୨୦୨୧ ଏବଂ ୧୮।୯।୨୦୨୧ରେ ଆସିଥିଲେ। ବରଗଡ଼ ଚିନିକଳର ପୁନରୁଦ୍ଧାର ଲାଗି ୧୦୩ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। ଏହା ସରକାରଙ୍କ ବିଚାରାଧୀନ ଥିବା ମନ୍ତ୍ରୀ ନାଏକ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ମୋଟ ୫ ରାଜ୍ୟ ସମବାୟ ଭିତ୍ତିକ ଶିଳ୍ପ ମଧ୍ୟରୁ ୪ଟି ଅଚଳ ହେବା ନେଇ ରାଜ୍ୟ ସରକାରଙ୍କ ଉପରେ ବିରୋଧୀ ବର୍ଷିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଏବଂ ଏଥିପ୍ରତି ଆଗ୍ରହ ନାହିଁ। ଫଳରେ ରାଜ୍ୟରେ ଥିବା ଚିନିକଳଗଡ଼ିକ ଅକାମୀ ହୋଇ ପଡ଼ିରହିଛି ଏବଂ ସରକାର ଏହାର ପୁନରୁଦ୍ଧାର କରିବାରେ ବିଫଳ ହୋଇଛନ୍ତି। ଆଗରୁ ବରଗଡ଼ ଏବଂ ବଲାଙ୍ଗୀରରେ ଚାଷୀମାନେ ବହୁ ପରିମାଣରେ ଆଖୁ ଚାଷ କରୁଥିଲେ। ହେଲେ ସେମାନଙ୍କୁ ଉଚିତ୍ ପ୍ରାପ୍ୟ ମିଳିଲା ନାହିଁ। ଧାଡ଼ିରେ ଆଖୁଗାଡ଼ି ଧରି ଚାଷୀମାନେ ଠିଆ ହୁଅନ୍ତି। ହେଲେ ସେମାନଙ୍କଠାରୁ ୨ରୁ ୩ ଦିନ ପରେ ଆଖୁ ନେଲା ବେଳକୁ ସେଗୁଡ଼ିକର ଓଜନ କମିଯାଇଥାଏ। ସେହିପରି ସେମାନଙ୍କ ଜିନିଷ ଖରାପ ହେବା ଯୋଗୁ ତାଙ୍କୁ ଟଙ୍କା ମଧ୍ୟ କମ୍ ଦିଆଗଲା। ଅନେକ ସମୟରେ ଆଖୁ ଚାଷୀଙ୍କ ଟଙ୍କା ଦେବାରେ ମଧ୍ୟ ଅବହେଳା କରାଗଲା, ଯାହାଦ୍ୱାରା ବହୁ ଚାଷୀ ସେମାନଙ୍କ କାମ ବଦଳାଇବାକୁ ବାଧ୍ୟ ହେଲେ। ଯଦି ସେଥିପ୍ରତି ସରକାର ଧ୍ୟାନ ଦେବେ ପୁଣି ଚିନି କଳ ଭଲ ଚାଲିବ। ଡବ୍ଲ୍ୟୁଓଡିସି(ପଶ୍ଚିମ ଓଡ଼ିଶା ବିକାଶ ପରିଷଦ)ରୁ ମଧ୍ୟ ବିଜୟାନନ୍ଦ ଚିନିକଳ ଲାଗି ଟଙ୍କା ଦିଆଯାଇଥିଲା। ସେଥିରେ ବହୁ ଦୁର୍ନୀତି ଏବଂ ହେରଫେର ହେବା ଯୋଗୁ ତାହା ବୁଡ଼ିଗଲା ବୋଲି ସାଲୁଜା କହିଛନ୍ତି।

ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ଏହା ସରକାରଙ୍କ ଅପାରଗତାକୁ ସ୍ପଷ୍ଟ କରିଛି। କେବଳ ଆର୍ଥିକ ଅନିୟମିତତା, ଭୁଲ୍ ପରିଚାଳନା ଏସବୁ ଚିନିକଳଗୁଡ଼ିକ ବୁଡ଼ିବାର ମୁଖ୍ୟ କାରଣ। ଏହି ସଂସ୍ଥା ଲାଗି ଯେତିକି ଋଣ ନେବା କଥା ସମବାୟ ବ୍ୟାଙ୍କ ଜରିଆରେ ନେଇଯାଇ ପରବର୍ତ୍ତୀ ସମୟରେ ସେଥିରେ ପରିଚାଳନାରେ ତ୍ରୁଟି ଏବଂ ଦୁର୍ନୀତି କରିବା କାରଣରୁ ବୁଡ଼ିଯାଇଛି। ଏହି ସଂସ୍ଥା ଜରିଆରେ ସମସ୍ତେ ଉପଭୋଗ କରିଛନ୍ତି ହେଲେ କେହି ଉତ୍ତରଦାୟୀ ରୁହନ୍ତି ନାହିଁ। ଯେଉଁଥିପାଇଁ ଏଗୁଡ଼ିକର ପୁନରୁଦ୍ଧାର ସରକାର କରିପାରୁନାହାନ୍ତି। ଯେତେଥର ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନ ପଚାରିଲେ ମଧ୍ୟ ସମାନ ଉତ୍ତର ମିଳେ ବୋଲି ସେ କହିଛନ୍ତି।

DSPL-112
ଓଡ଼ିଶା ସରକାର
ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ-୨୦୨୨
କୁଷ୍ଠ ରୋଗ ନିରାକରଣ ସମ୍ପର୍କରେ ଜାଣନ୍ତୁ
- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁଲେ ବ୍ୟାପିନଥାଏ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଗୁଲି ସୃଷ୍ଟି ହେବା, ହାତ ଗୋଡ଼ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୂର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ।
- ଏମ୍.ଡି.ଟି. ଔଷଧ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।
ଶୀଘ୍ର ଚିକିତ୍ସା ଆରମ୍ଭ କଲେ ରୋଗୀ ବିକଳାଙ୍ଗ ହେବ ନାହିଁ

ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।
କୋଭିଡ୍ ନିୟମ ମାନନ୍ତୁ, ସୁରକ୍ଷିତ ରୁହନ୍ତୁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
ହାତକୁ ବାରମ୍ବାର ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
ଜନଗହଳି ଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ
ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକାର ଆବଶ୍ୟକ ମାତ୍ରା ନିଶ୍ଚୟ ନିଅନ୍ତୁ
OIPR-10003/13/0044/2223
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha

କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେରୂପିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର, କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। –ଶ୍ରୀମା

ଶୂନ ଉତ୍ତରଦାୟିତ୍ୱ

ପ୍ରତି ମୁହୂର୍ତ୍ତରେ ଘଟୁଥିବା ଘଟଣା ଉପରେ ଚିକିନିକି ରିପୋର୍ଟିଂ କରି ଜନସାଧାରଣଙ୍କ ନିକଟରେ ଖବର ପହଞ୍ଚାଇବାର ଦାୟିତ୍ୱ ମିଡିଆ ବା ଗଣମାଧ୍ୟମର ରହିଛି। ଗଣତନ୍ତ୍ରର ଏକ ଜାଗ୍ରତ ପ୍ରହରୀ ଭାବେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ଥିବାରୁ ସମାଜର ସବୁ ବର୍ଗଙ୍କ ପାଇଁ ବିଶ୍ୱସନୀୟ ବିଷୟବସ୍ତୁ ଭେଟି ଦିଆଯିବା କଥା। ହେଲେ କିଛିବର୍ଷ ହେବ ଦେଖାଯାଉଛି, ଇଲେକ୍‌ଟ୍ରୋନିକ୍ ମିଡିଆ ବା ବୈଦ୍ୟୁତିକ ଗଣମାଧ୍ୟମ ଲକ୍ଷ୍ମଣରେଖା ଅତିକ୍ରମ କରିଯାଉଛି। ଟେଲିଭିଜନ ଜରିଆରେ କୌଣସି ପ୍ରସଙ୍ଗ ଉପରେ ଆଲୋଚନା କରାଗଲା ବେଳେ ଘଟଣା ଓ ଏହାର ପାରିପାର୍ଶ୍ୱିକ ବିଷୟ ଉପରେ ସୂଚନା ଦିଆଯିବା ପରିବର୍ତ୍ତେ ମତ ଦିଆଯାଉଛି। ଅର୍ଥାତ୍ ମିଡିଆ ଟ୍ରାଏଲ ବା ଗଣମାଧ୍ୟମରେ ବିଚାର କରାଯିବା ଯେଭଳି ଏକ ଧାରା ପାଲଟିଯାଇଛି। ଏସବୁକୁ ଲକ୍ଷ୍ୟ କରି ଝାଡ଼ଖଣ୍ଡର ରାଞ୍ଚିଠାରେ ୨୩ ଜୁଲାଇରେ ହାଇକୋର୍ଟ ବିଚାରପତି, ନ୍ୟାୟିକ ଅଧିକାରୀ ଓ ଆଇନ ଛାତ୍ରମାନଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କଲା ବେଳେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍. ଭି. ରମନା କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମ କଙ୍ଗାରୁ କୋର୍ଟ ଚଳାଇଛି। ଅଦାଲତରେ କୌଣସି ମାମଲାର ଶୁଣାଣି ପୂର୍ବରୁ ଗଣମାଧ୍ୟମରେ ତାହାର ବିଚାର କରିଦିଆଯାଉଛି। ଫଳରେ ଅଭିଜ୍ଞ ବିଚାରପତିମାନଙ୍କୁ ମଧ୍ୟ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି ବୋଲି ରମନା କହିଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ପ୍ରଫେଟ୍ ବିରୋଧୀ ଦେଇଥିବା ମତକୁ ନେଇ ସର୍ବୋଚ୍ଚ ଅଦାଲତ ଯେଉଁ ରାୟ ଦେଇଥିଲେ ତାହା ଉପରେ ଗଣମାଧ୍ୟମରେ ଜୋରଦାର ବିତର୍କ ହୋଇଥିଲା। ଏପରି କି ସୋସିଆଲ ମିଡିଆରେ ବିଚାରପତିଙ୍କ ବିରୋଧରେ ବିଭିନ୍ନ ପ୍ରକାର କଟୁ ମନ୍ତବ୍ୟ ଦିଆଯାଇଥିଲା। ପ୍ରଧାନ ବିଚାରପତି ଏଭଳି ସ୍ଥିତିକୁ ଦେଖି କହିଛନ୍ତି, ପ୍ରିଣ୍ଟ୍ ବା ଛାପା ଗଣମାଧ୍ୟମର ଏକ ନିର୍ଦ୍ଦିଷ୍ଟ ଉତ୍ତରଦାୟିତ୍ୱ ଥିବା ବେଳେ ଇଲେକ୍‌ଟ୍ରୋନିକ ଗଣମାଧ୍ୟମଠାରେ ଶୂନ ଉତ୍ତରଦାୟିତ୍ୱ ଦେଖିବାକୁ ମିଳୁଛି ଏବଂ ସାମାଜିକ ଗଣମାଧ୍ୟମ ଆହୁରି ନିକୃଷ୍ଟ ସ୍ତରକୁ ଚାଲିଯାଉଛି।

ପ୍ରଧାନ ବିଚାରପତିଙ୍କ କ୍ଷୋଭ ଅନେକାଂଶରେ ଯଥାର୍ଥ ବୋଲି କୁହାଯାଇପାରେ। ତଥାପି ଆଜିର ସମୟରେ ଅନେକ ବିଚାରପତି ଭୟରେ ହେଉ ବା ଅନ୍ୟ କୌଣସି କାରଣ ଯୋଗୁ ମାମଲାର ଗତି ବଦଳାଇ ଦେଉଥିବା ଜନସାଧାରଣ ମଧ୍ୟ ଜାଣିପାରୁଛନ୍ତି। ଧରାଯାଉ କୌଣସି ଏକ ହତ୍ୟାକାଣ୍ଡକୁ ଏକ ଅଞ୍ଚଳର ଲୋକେ ସିଧାସଳଖ ଦେଖିଛନ୍ତି। ଯିଏ ଅଭିଯୁକ୍ତ ତାଙ୍କୁ ମଧ୍ୟ ସେମାନେ ଚିହ୍ନିଛନ୍ତି। ମାତ୍ର କିଛି ବର୍ଷ ପରେ ସେହି ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇ ଯଦି ଅଭିଯୁକ୍ତ ନିର୍ଦ୍ଦୋଷରେ ମୁକ୍ତ ହୋଇଯାଉଛନ୍ତି, ସେଭଳି ସ୍ଥଳେ ଘଟଣାକୁ ସ୍ୱଚକ୍ଷୁରେ ଦେଖିଥିବା ଲୋକଙ୍କର ନ୍ୟାୟବ୍ୟବସ୍ଥା ଉପରେ କଦାପି ବିଶ୍ୱାସ ରହିବ ନାହିଁ। ବିଚାରପତିମାନେ ବିନା ଭୟ ଓ ପକ୍ଷପାତିତାରେ ରାୟ ଶୁଣାଇବା କଥା। ହେଲେ ସେମାନଙ୍କ ସଂଖ୍ୟା କ୍ୱଚିତ। ତତ୍‌ସହିତ ବିଚାରପତିମାନେ ଅତ୍ୟଧିକ ସାମାଜିକ ଚାପର ଶିକାର ହେଉଛନ୍ତି। ଅପରପକ୍ଷରେ ଗଣମାଧ୍ୟମ ମଧ୍ୟ ଲକ୍ଷ୍ମଣରେଖା ଅତିକ୍ରମ କରିବା ଉଚିତ ନୁହେଁ। ତାହା ହେଲେ ଗଣତନ୍ତ୍ର ଦୁର୍ବଳ ହୋଇଯିବା ସ୍ୱାଭାବିକ। ତେବେ ସେହି ଲକ୍ଷ୍ମଣରେଖାକୁ କିଏ ଟାଣିବ। ଭାରତର ଆଇନ ବ୍ୟବସ୍ଥା କେବେ ହେଲେ ଅସହାୟ ଓ ପୀଡ଼ିତଙ୍କୁ ସାହାଯ୍ୟ କରେ ନାହିଁ। ହୁଏତ ଏହାର କାରଣ ଖୋଜିଲେ ଉପନିବେଶିକ ଶାସନରୁ ଆସିଥିବା ମାନସିକତାକୁ ଦାୟୀ କରାଯାଇପାରିବ। ସେତେବେଳେ ସମସ୍ତଙ୍କୁ ଦମନ କରି ରଖିବା ଥିଲା ମୁଖ୍ୟ କାର୍ଯ୍ୟ। ଏବେ ଦମନ ପରିବର୍ତ୍ତେ ଅସହାୟଙ୍କୁ ପାଟି ଫିଟାଇବାର ସୁରକ୍ଷା ଓ ସୁବିଧା ମିଳିବା ଉଚିତ। ଅନୁରୂପ ଆକାରରେ ଦେଖିଲେ ମିଡିଆର ମାଲିକାନା ସବୁବେଳେ କ୍ଷମତା ସହ ରହିବାକୁ ପସନ୍ଦ କରୁଛି। ତଥାପି ଛାପା ଗଣମାଧ୍ୟମର ଉତ୍ତରଦାୟିତ୍ୱ ଅନେକାଂଶରେ ବଜାୟ ରହିଛି ବୋଲି କେବଳ ଭାରତର ପ୍ରଧାନ ବିଚାରପତି ନୁହନ୍ତି, ସାଧାରଣରେ ମଧ୍ୟ ସେହି ବିଶ୍ୱାସ ରହିଛି। କିନ୍ତୁ ଟେଲିଭିଜନ ଓ ସୋସିଆଲ ମିଡିଆ ଏକ ଭିନ୍ନ ବାଟରେ ଯାଉଥିବାରୁ ସେମାନେ ସବୁ ସ୍ୱାଭାବିକ ରେଖାକୁ ଉଲ୍ଲଂଘନ କରିବାରେ ଧୂରନ୍ଧର ପାଲଟିଗଲେଣି। ସରକାର ଏବଂ ଶିଳ୍ପପତିଙ୍କୁ ସମର୍ଥନ କରିବାକୁ ଯାଇ ଟେଲିଭିଜନ ଚ୍ୟାନେଲଗୁଡ଼ିକ ନିଜର ଭାରସାମ୍ୟ ହରାଇ ବସୁଛନ୍ତି। ଉପଗ୍ରହ ସହ ଅପ୍‌ଲିଙ୍କ୍ ଓ ଡାଉନ୍‌ଲିଙ୍କ୍ ପାଇଁ ସରକାରଙ୍କ ଉପରେ ନିର୍ଭରଶୀଳ ସବୁ ଟେଲିଭିଜନ୍ ଚ୍ୟାନେଲ ଏବେ ଏକଦିଗମୁହାଁ ହୋଇଯାଇଥିବା ଭଳି ଦର୍ଶକଙ୍କ ମନରେ ଛାପା ପଡ଼ିଲାଣି। ଭାରତରେ ଏହା ଦେଖାଯାଉଛି ଯେ, ଟେଲିଭିଜନରେ ଅନେକ ଉପସ୍ଥାପକ ନିଜ ସଂସ୍ଥାର ସମ୍ପାଦକୀୟ ନୀତିକୁ ନେଇ କୌଣସି ବିଷୟ ଉପରେ ଆଲୋଚନା କଲା ବେଳେ କୋର୍ଟ ଭଳି ସିଧାସଳଖ ଶୁଣାଣି କରି ରାୟ ଦେଉଥିବା ଭଳି ସ୍ଥିତି ସୃଷ୍ଟି କରୁଛନ୍ତି। ଏହାର ଏକ ଜଣାଶୁଣା ଉଦାହରଣ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଘଟଣା ଓ ତାହାକୁ ନେଇ ପରବର୍ତ୍ତୀ ସମୟରେ କରାଯାଇଥିବା ରାଜନୀତିକରଣ। ବାସ୍ତବରେ ଦେଖିଲେ ମମଲା ଅଦାଲତରେ ସବ୍–ଜୁଡିସ୍ ବା ଅର୍ଦ୍ଧନ୍ୟାୟ ଅବସ୍ଥାରେ ଥିବା ବେଳେ ତାହା ଉପରେ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ସୃଷ୍ଟି କରୁଥିବା ଚାପ ଯୋଗୁ ନ୍ୟାୟାଳୟ ମଧ୍ୟ ରାୟ ଦେବା ସକାଶେ ଏକପ୍ରକାର ବାଧ୍ୟ ହୋଇଯାଉଛନ୍ତି। ସାଧାରଣ ଲୋକଙ୍କଠାରେ ମତ ସୃଷ୍ଟି କରିବାରେ ଏହି ଗଣମାଧ୍ୟମଗୁଡ଼ିକର ମିଥ୍ୟା ସହାୟକ ହେଉଛି। ମଣିଷର ନୀଚ ପ୍ରକୃତିକୁ ଉସୁକାଇବା ଅତ୍ୟନ୍ତ ସହଜ ହୋଇଥିବାରୁ ତାହାର ସୁବିଧା ଉଠାଉଛନ୍ତି ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ ଲଗାତର ଚାଲିଥିବା ଆଲୋଚନା ଓ ବିତର୍କ। ଟେଲିଭିଜନ ଷ୍ଟୁଡିଓରେ ଆଲୋଚନା ପାଇଁ ଡକାଯାଉଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଧାରା ସମ୍ପର୍କରେ ସୂଚନା ଦିଆଯାଇ ନକଲି ଝଗଡ଼ା ବାରମ୍ବାର ରଚାଯାଏ। ଅନଭିଜ୍ଞ ଦର୍ଶକ ଏଗୁଡ଼ିକୁ ଦେଖି ଉତ୍ତ୍ୟକ୍ତ ହୁଅନ୍ତି। ଏଥିରୁ ବୃଦ୍ଧି ପାଏ ଟିଆର୍‌ପି। ସେହି ଟିଆର୍‌ପି ସଂଖ୍ୟା ବୃଦ୍ଧି ପାଇଲେ ବିଜ୍ଞାପନ ଆସିବାକୁ ଆରମ୍ଭ କରେ। ଭଲ ଟିଆର୍‌ପି ହେଲେ ରୋଜଗାର ବଢ଼ିଆ ହେବ। ଅନ୍ୟପଟେ ସୋସିଆଲ୍ ମିଡିଆ ବା ସାମାଜିକ ଗଣମାଧ୍ୟମରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ କେହି ପ୍ରଶ୍ନ କରିପାରନ୍ତି ନାହିଁ। ସପକ୍ଷ ଓ ବିପକ୍ଷରେ ମତ ଆସିବା ମାତ୍ରକେ ସେହି ମିଥ୍ୟା ବିବରଣୀଟି ଆଲୋଚନା ପରିସରଭୁକ୍ତ ହୋଇଯାଏ। ତାହା ହିଁ ସେମାନଙ୍କ ସଫଳତା।

ଶେଷରେ କୁହାଯାଇପାରିବ ଯେ, ଉଭୟ ଟେଲିଭିଜନ ଓ ସୋସିଆଲ୍ ମିଡିଆର ଅନେକ ମାରାତ୍ମକ ତ୍ରୁଟିଥିବା ସତ୍ତ୍ୱେ ଆଜିର ଯୁଗରେ ସେହି ବିକୃତ ମାନସିକତାକୁ ସାଥିରେ ନେଇ ବଞ୍ଚିବାକୁ ପଡ଼େ। ମନେରଖିବା ଦରକାର, ସମାଜରେ ଗଣମାଧ୍ୟମର ସାମାଜିକ ନ୍ୟାୟ ଓ ସନ୍ତୁଳନତା ବଜାୟ ରଖିବା ଦିଗରେ ଏକ ବିରାଟ ଭୂମିକା ରହିଛି। ଏହାକୁ ବୁଝି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସେହି ଧରଣର ଦାୟିତ୍ୱବୋଧ ଦେଖାଇବା ଦରକାର।

ଜନଜାତି ସଶକ୍ତୀକରଣ ପାଇଁ ମୋଦିଙ୍କ ସଂକଳ୍ପର ପ୍ରତୀକ ଦ୍ରୌପଦୀ



ଅମିତ ଶାହା

ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ଭାରତର ଗଣତନ୍ତ୍ର ପାଇଁ ଏକ ଐତିହାସିକ ଅବସର। ଅତ୍ୟନ୍ତ ଗରିବ ପୃଷ୍ଠଭୂମିର ଜନଜାତିମାନଙ୍କଠାରୁ ମଧ୍ୟ ସବୁଠୁ ପଛୁଆ ସାନ୍ତାଳୀ ପରିବାରରୁ ଆସିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନିଜ ସଂଘର୍ଷ ଏବଂ କଠିନ ପରିଶ୍ରମ ବଳରେ ସର୍ବୋଚ୍ଚ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି। ଏହା ସବୁ ଦେଶବାସୀଙ୍କ ସହିତ ଜନଜାତି ସମାଜ ପାଇଁ ମଧ୍ୟ ଗୌରବମୟ ମୁହୂର୍ତ୍ତ । ଏପରି ସମାଜର କେହି ଜଣେ ଦେଶର ସର୍ବୋଚ୍ଚ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି, ଏହି ବାସ୍ତବତାକୁ ଦେଖିବା ଲାଗି ଦେଶକୁ ସାତ ଦଶନ୍ଧି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଛି । ଆଜି ଆମ ଗଣତନ୍ତ୍ର ଏ ପ୍ରଶ୍ନଚିହ୍ନଠାରୁ ମୁକ୍ତ ହୋଇସାରିଛି ।

ଦେଶର ମୋଟ ଜନସଂଖ୍ୟାରେ ଆଦିବାସୀ ସମାଜର ଯୋଗଦାନ ପ୍ରାୟ ୯ ପ୍ରତିଶତ। ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଏ ସମାଜର ଯୋଗଦାନ ଏବଂ ବଳିଦାନ ଅବିସ୍ମରଣୀୟ। କିନ୍ତୁ ସ୍ୱାଧୀନତା ପର ସରକାରଙ୍କ ଦ୍ୱାରା ଦୀର୍ଘ ସମୟ ଧରି ଜନଜାତି ସମାଜକୁ ବିକାଶର ମୁଖ୍ୟଧାରା ସହ ଯୋଗ ଏବଂ ସେମାନଙ୍କ ସାମାଜିକ ଓ ଆର୍ଥିକ ଉତ୍ଥାନ ସହିତ ରାଜନୈତିକ ପ୍ରତିନିଧିତ୍ୱ ପ୍ରଦାନ କରିବା ଲାଗି ଉପଯୁକ୍ତ ପ୍ରୟାସ କରାଯାଇ ନ ଥିଲା।

ଅଟଳଜୀଙ୍କ ନେତୃତ୍ୱରେ ପ୍ରଥମ ଥର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ ହେବା ପରେ ଏହି ସମାଜର ଆଶା ଓ ଆକାଂକ୍ଷାକୁ ବୁଝିବା ଲାଗି ଗମ୍ଭୀର ପ୍ରୟାସ ଆରମ୍ଭ ହୋଇଥିଲା। ଜନଜାତି ସମାଜର ଉତ୍ଥାନ ଏବଂ ସେମାନଙ୍କ ବିକାଶ ତଥା ସମୃଦ୍ଧି ଲାଗି ୧୯୯୯ରେ ଅଟଳଜୀଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଏକ ଭିନ୍ନ ମନ୍ତ୍ରଣାଳୟ ଗଠନ କରାଯାଇଥିଲା । ଏହାବ୍ୟତୀତ ୨୦୦୩ରେ ଅଟଳଜୀଙ୍କ ସରକାର ହିଁ ୮୯ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ପ୍ରତିଷ୍ଠା କରିବା ସହ ଆଦିବାସୀଙ୍କ କଲ୍ୟାଣ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଅଟଳଜୀ ଜନଜାତି ସମାଜର ଉତ୍ଥାନ ଏବଂ ସମ୍ମାନ ପାଇଁ ଯେଉଁ କାମ ଆରମ୍ଭ କରିଥିଲେ, ଗତ ୮ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାହାକୁ ଆହୁରି ସଶକ୍ତ ଭାବେ ଆଗେଇ ନେବା ପାଇଁ ପଦକ୍ଷେପ ନେଇଛନ୍ତି ।

'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ'ର ସଂକଳ୍ପକୁ ନେଇ ଆଗକୁ ବଢୁଥିବା ମୋଦି ସରକାର ନିଜ ନୀତି ଓ ନିର୍ଣ୍ଣୟରେ ଜନଜାତି ସମୁଦାୟର ସବୁ ବର୍ଗଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ପାଇଁ ଅନେକ ଦୂରଦର୍ଶୀ ପଦକ୍ଷେପ ଗ୍ରହଣ କରିଛନ୍ତି । ମୋଦିଜୀଙ୍କ ୮ବର୍ଷର କାର୍ଯ୍ୟକାଳ ମଧ୍ୟରେ ଜନଜାତିଙ୍କ ବିକାଶ ଲାଗି ଉଦ୍ଦିଷ୍ଟ ପ୍ରାୟତଃ ସବୁ ଯୋଜନାରେ ୨୦୧୩–୧୪ ତୁଳନାରେ ବ୍ୟାପକ ବୃଦ୍ଧି ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜନଜାତି ଉପଯୋଜନାର ବଜେଟକୁ ୨୦୨୧–୨୨ ଆର୍ଥିକବର୍ଷରେ ୨୧ ହଜାର କୋଟି ଟଙ୍କାରୁ ଚାରି ଗୁଣା ବୃଦ୍ଧି କରି ୮୬ ହଜାର କୋଟି ଟଙ୍କା କରିଦିଆଯାଇଛି। ଏହା ଅନ୍ତର୍ଗତ ମୋଦି ସରକାରଙ୍କ ଦ୍ୱାରା ଜନଜାତି ଭାଇଭଉଣୀଙ୍କ ପାଇଁ ଜଳ ଜୀବନ ମିଶନ ଅଧୀନରେ ୧.୨୮ କୋଟି ଘରକୁ ନଳ ମାଧ୍ୟମରେ ଜଳ ଯୋଗାଣ, ୧.୪୫ କୋଟି ଶୌଚାଳୟ ନିର୍ମାଣ, ୮୨ ଲକ୍ଷ ଆୟୁଷ୍ମାନ କାର୍ଡ ବିତରଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୩୮ ଲକ୍ଷ ଗୃହ ନିର୍ମାଣ ଭଳି ଅନେକ କାର୍ଯ୍ୟ କରାଯାଇଛି। ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବଜେଟ ୨୭୮ କୋଟି ଟଙ୍କାରୁ ବୃଦ୍ଧି କରି ୧୪୧୮ କୋଟି ଟଙ୍କା ଏବଂ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନିର୍ଦ୍ଧାରିତ ଛାତ୍ରବୃତ୍ତି ବଜେଟ ୯୭୮ କୋଟିରୁ ବୃଦ୍ଧି କରି ୨୫୪୬ କୋଟି ଟଙ୍କା କରି ଦିଆଯାଇଛି। ଏହାବ୍ୟତୀତ ଉଦ୍ୟମିତା ବିକାଶ ଉଦ୍ଦେଶ୍ୟରେ ନୂଆ ଯୋଜନାରେ ୩୨୭ କୋଟି ଟଙ୍କାର ବଜେଟରେ ୩୧୧୦ ବନ ଧନ ବିକାଶ କେନ୍ଦ୍ର ଏବଂ ୫୩ ହଜାର ବନ ଧନ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଷ୍ଠା କରାଯାଇଛି।

ଅଧିକାଂଶ ଖଣି ପ୍ରଭାବିତ କ୍ଷେତ୍ରରେ ଜନଜାତି ଲୋକମାନେ ରହୁଥିଲେ ବି ସେମାନଙ୍କୁ ଖଣିରୁ ହେଉଥିବା ଆୟରୁ କିଛି ଭାଗ ମିଳୁ ନ ଥିଲା। ମୋଦି ସରକାର ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠା କଲେ ଏବଂ ଏହି ବିସଙ୍ଗତିକୁ ଦୂର କଲେ । ଏହାଫଳରେ ଖଣିରୁ ହେଉଥିବା ଆୟର ୩୦% ସ୍ଥାନୀୟ ବିକାଶରେ ଖର୍ଚ୍ଚ ହୋଇପାରିଲା। ଏବେ ସୁଦ୍ଧା ଏହି ପାଣ୍ଠି ଜରିଆରେ ୫୭ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥରାଶି ସଂଗୃହୀତ ହୋଇଛି । ଜନଜାତି କ୍ଷେତ୍ରର ବିକାଶରେ ଏହି ଅର୍ଥ ବିନିଯୋଗ ହେଉଛି। ଏହାବ୍ୟତୀତ ଜନଜାତି ଉତ୍ପାଦର ବିପଣନ ଲାଗି ଗଠନ ହୋଇଥିବା ଟ୍ରାଇଫେଡ୍ ପରିଚାଳିତ 'ଟ୍ରାଇବ୍ସ ଇଣ୍ଡିଆ ଆଉଟଲେଟ' ସଂଖ୍ୟା ୨୯ରୁ ବୃଦ୍ଧି ପାଇ ୧୧୬ରେ ପହଞ୍ଚିଛି।

ଜନଜାତି ସମାଜର ସାମାଜିକ–ଆର୍ଥିକ ଉତ୍ଥାନ ସହିତ ସେମାନଙ୍କ ସାଂସ୍କୃତିକ ଐତିହ୍ୟକୁ ସମ୍ମାନପୂର୍ବକ ସର୍ବସମ୍ମୁଖକୁ ଆଣିବା ଲାଗି ମୋଦି ସରକାର ପଦକ୍ଷେପ ନେଉଛନ୍ତି। ଜନଜାତି କଳା, ସାହିତ୍ୟ, ପାରମ୍ପରିକ ଜ୍ଞାନ ଏବଂ କୌଶଳ ଭଳି ଜନଜାତି ବିଷୟକୁ ଜ୍ଞାନ–ବିଜ୍ଞାନର ଅଧ୍ୟୟନ–ଅଧ୍ୟାପନାରେ ସମ୍ମିଳିତ କରାଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଜନଜାତି ନାୟକ–ନାୟିକାଙ୍କ ବୀରଗାଥାକୁ ସାମ୍ନାକୁ ଆଣିବା ଏବଂ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଯୋଗଦାନକୁ ରେଖାଙ୍କିତ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭଗବାନ

ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ୧୫ ନଭେମ୍ବରକୁ ଏବେ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି। ସାରା ଦେଶରେ ୨୦୦ କୋଟି ଟଙ୍କା ବଜେଟରେ ଜନଜାତି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ମୋଦିଜୀ ଅଧିକାଂଶ ସମୟରେ ନିଜ ଭାଷଣରେ ମଧ୍ୟ ଜନଜାତି ନାୟକ–ନାୟିକାଙ୍କ ଯୋଗଦାନ ବିଷୟରେ ଆଲୋକପାତ କରିବା ସହ ସେମାନଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରି ଆସିଛନ୍ତି। ମୋଦି ସରକାର ଜନଜାତି ସମାଜର ବିକାଶ ଏବଂ ସମ୍ମାନ ପାଇଁ ମନ, ବଚନ ଓ କର୍ମ ସହିତ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଯେ କାର୍ଯ୍ୟ କରୁଛନ୍ତି ଏଥିରୁ ତାହାର ପ୍ରମାଣ ମିଳୁଛି।

ଭାରତରେ କଶ୍ମୀରଠାରୁ ଆରମ୍ଭ କରି ଉତ୍ତର–ପୂର୍ବାଞ୍ଚଳ ପର୍ଯ୍ୟନ୍ତ ଆମ ଜନଜାତି ଭାଇଭଉଣୀମାନେ ରହୁଛନ୍ତି। ବିଶେଷକରି ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଗୁଜରାଟରେ ଅଧିକ ସଂଖ୍ୟାରେ ଜନଜାତି ସମୁଦାୟ ରହିଆନ୍ତି। ସ୍ୱାଧୀନତା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ କଂଗ୍ରେସ କେବଳ ସେମାନଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିଥିଲା। ଅଧିକ ଜନଜାତି ସମୁଦାୟ ରହୁଥିବା ଉତ୍ତର–ପୂର୍ବାଞ୍ଚଳ କ୍ଷେତ୍ରକୁ ମଧ୍ୟ କଂଗ୍ରେସ ଲଗାତର ଅବହେଳା କରିଆସିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ ଭାର ସମ୍ଭାଳିବା ପରେ ପରେ 'ଆକ୍ଟ ଇଷ୍ଟ' ନୀତି ମାଧ୍ୟମରେ ଉତ୍ତର–ପୂର୍ବାଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦିଆଗଲା। ଗତ ୮ ବର୍ଷ ମଧ୍ୟରେ ଉତ୍ତର–ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଦେଶ ବିକାଶର ମୁଖ୍ୟଧାରା ସହ ଯୋଡ଼ି ସେମାନଙ୍କୁ ଜାତୀୟ ପ୍ରଗତିରେ ସହଭାଗୀ କରାଯାଇଛି। ଆଜି ଉତ୍ତର–ପୂର୍ବାଞ୍ଚଳରେ ଯେତେବେଳେ ଶାନ୍ତି ସ୍ଥାପନ ହେବା ସହ ନିରନ୍ତର ବିକାଶ ଜାରି ରହିଛି, ଏହାର ସବୁଠୁ ବେଶି ଲାଭ ଆମ ଆଦିବାସୀ ଭାଇଭଉଣୀମାନଙ୍କୁ ମିଳୁଛି ।

ବହୁ ଦଶନ୍ଧି ଧରି ଏ ଜନଜାତି ସମାଜ ପାଇଁ ଦାରିଦ୍ର୍ୟ ସହ ଅସୁରକ୍ଷା ସବୁଠୁ ବଡ଼ ବିପଦ ଥିଲା। ଏହାର ଫାଇଦା ଉଠାଇ ଅନେକ ଜନଜାତି କ୍ଷେତ୍ରରେ ବାମପନ୍ଥୀ ଉଗ୍ରବାଦୀମାନେ ସେମାନଙ୍କର ସ୍ଥିତି ସୁଦୃଢ଼ କରି ନେଇଥିଲେ। ଏମାନେ କେବଳ ଆମ ଆଦିବାସୀ ଯୁବକମାନଙ୍କୁ ବାଟବଣା କରି ନ ଥିଲେ ବରଂ କ୍ଷେତ୍ରୀୟ ବିକାଶରେ ବାଧା ସୃଷ୍ଟି କରିଥିଲେ। କିନ୍ତୁ ମୋଦି ସରକାର ଆସିବାର ୮ବର୍ଷ ମଧ୍ୟରେ ଏ ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିଛି। ଉଗ୍ରବାଦ ଏବଂ ନକ୍ସଲବାଦ ଉପରେ ଜିରୋ ଟଲରାନ୍ସ ବା ଶୂନ୍ୟ ସହନଶୀଳତା ନୀତିକାରଣରୁ ଏସବୁର ପରିଧି ସଙ୍କୁଚିତ ହୋଇଛି। ନକ୍ସଲବାଦର ପ୍ରଭାବ ଏବେ ପ୍ରାୟତଃ ନ ଥିବା ବେଳେ ପ୍ରଭାବିତ କ୍ଷେତ୍ରରେ ଶାନ୍ତି ଏବଂ ବିକାଶର ପରିବେଶ ସୃଷ୍ଟି ହୋଇଛି। ଲୋକମାନଙ୍କ ମଧ୍ୟରେ ସ

ଆଜି କ'ଣ କେଉଁଠି

ଧର୍ମଶାଳା

- ଧର୍ମଶାଳା ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ୭ମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା। ସ୍ଥାନ: କଳ୍ପତରୁ ଦାସ ଷ୍ଟାଡିୟମ ପରିସର। ସମୟ: ଅପରାହ୍ନ ୪ ଘଟିକା।

ସଂକ୍ଷେପରେ

ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବ୍ରହ୍ମବରଦା,୨୪।୭(ଡି.ଏନ.ଏ.): ଯାଜପୁର ସଦର ଥାନା ଅଧୀନ ଜମଧରପୁର ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଛି। ଏନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି, ଶନିବାର ରାତିରେ ତାଙ୍କ ଝିଅ ପରିବାର ଲୋକଙ୍କ ସହ ଶୋଇଥିଲେ। ହେଲେ ବିଳମ୍ବିତ ରାତିରେ ଗଞ୍ଜାମ ବ୍ରହ୍ମପୁର ଗ୍ରାମର କିରଣ ସାହୁ ନାମକ ଯୁବକ ଆସି ଝିଅକୁ ନେଇ ଯାଇଛନ୍ତି। ସୂଚନା ଥାଉକି, ନାବାଳିକାଙ୍କ ବାପା ଆନ୍ଧ୍ରପ୍ରଦେଶରେ ଏକ ଭେରାଇଟ୍ ଷ୍ଟୋରକରି ପରିବାର ପୋଷଣ କରନ୍ତି। ନାବାଳିକା ବାପାଙ୍କ ପାଖରେ ରହିଆସୁଥିଲେ। ଅପହରଣକାରୀ ଯୁବକ ସେଠାରେ ରହି ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତେବେ ସେ ନାବାଳିକାଙ୍କ ବାପାଙ୍କ ଦୋକାନକୁ ସାମଗ୍ରୀ କିଣିବାକୁ ଆସୁଥିଲେ। ଏହି ସମୟରେ ନାବାଳିକାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ତେଣୁ ନାବାଳିକା ଘରକୁ ଆସିଥିବା ଜାଣିବା ପରେ ସମ୍ପୃକ୍ତ ଯୁବକ ତାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

ଡାକଘର ନିରାପଦ ସଞ୍ଚୟ ଯୋଜନା ସଚେତନତା ଶିବିର

ଦଶରଥପୁର,୨୪।୭(ଡି.ଏନ୍.ଏ.): ଦଶରଥପୁର ବ୍ଲକ୍ ଅଧୀନ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ଓ ଯାଜପୁର ଜିଲା ପ୍ରଶାସନ ସହାୟତାରେ ଡାକଘର ନିରାପଦ ସଞ୍ଚୟ ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ କର ସଭାପତିତ୍ୱ କରିଥିଲେ। ମଙ୍ଗଳପୁର ଉପଡାକଘରର ସମସ୍ତ ଏଜେଣ୍ଟ ଓ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏଥିରେ ଯୋଗ ଦେଇଥିଲେ। ଉପଡାକଘରର ପୋଷ୍ଟମାଷ୍ଟର ଗୋପୀନାଥ ପତି ସମ୍ମାନିତ ଅତିଥି ଓ ଦଶରଥପୁର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାଧୀନାକ୍ରିଷ୍ଣାବାଳା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଥାଲକୁଡି ସରପଞ୍ଚ ଗୀତାଞ୍ଜଳି ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲ। ବରିଷ୍ଠ ଅଭିକର୍ତ୍ତା ସୁନିଲ୍ କୁମାର ମଲ୍ଲିକ ପରିଚୟ ପ୍ରଦାନ କରିଥିବାବେଳେ ଅଭିକର୍ତ୍ତା ଦେବେନ୍ଦ୍ର କୁମାର ଦାସ ଧନ୍ୟବାଦ ଦେଇଥିଲେ। ସ୍ୱଂୟ ସାହାୟିକା ଗୋଷ୍ଠୀର ରଶ୍ମିରେଖା ବିଶ୍ୱାଳ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନକରି ସମ୍ମାନିତ କରିଥିଲେ। ମାନସ ରଞ୍ଜନ ବିଶ୍ୱାଳ, ରଞ୍ଜିତ୍ ଦଳାଇ, ପ୍ରଣତି ଶତପଥୀ, ଅଶୋକ ବାରିକ୍ ଓ ପତିତପାବନ ଦାସ ପ୍ରମୁଖ ଅଭିକର୍ତ୍ତା ସହଯୋଗ କରିଥିଲେ।

ଝାଟିମାଟି କୁଡ଼ିଆରେ ବିତୁଛି ଜୀବନ

କାକୁଡ଼ିକୁଦ ଦଳିତ ସାହିର ଅନେକ ପରିବାର ସରକାରୀ ସହାୟତାରୁ ବଞ୍ଚିତ

ବ୍ରହ୍ମବରଦା,୨୪।୭(ଡି.ଏନ.ଏ.)

ଲୋକେ ଘର ଉପରେ ଜରି ପାଲ ପକାଇ ରହିଛନ୍ତି।

ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ୨ ନମ୍ବର ୱାର୍ଡ ଦଳିତ ସାହିର ଅଧିକାଂଶ ପରିବାର ବର୍ଗଙ୍କ ପକ୍କାଘର ନାହିଁ। ଫଳରେ ସେମାନେ ବହୁ ଦୟନୀୟ ଅବସ୍ଥାରେ ଝାଟିମାଟି କୁଡ଼ିଆ ଘରେ ଜୀବନ ବିତାଉଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ବିଭିନ୍ନ ଦଳର ପ୍ରାର୍ଥୀ ଭୋଟ ହାତେଇବା ପାଇଁ ସେମାନଙ୍କୁ ନାନା ଯୋଜନାରେ ଅନ୍ତର୍ଭୁକ୍ତ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଭୋଟ୍‌ରେ ବିଜୟ ଲାଭ ପରେ ସେମାନେ ଏହି ଅସହାୟ ପରିବାରବର୍ଗଙ୍କୁ ଭୁଲି ଯାଇଛନ୍ତି ବୋଲି ସାହି ଲୋକେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଗାଁକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହି ସାହିରେ ପାଇପ ପାଣି ପହଞ୍ଚିବା ସାତ ସପନ ହୋଇଛି। ସାହିରେ ଯେଉଁ ସରକାରୀ ନଳକୂପ ରହିଛି ତା'ର ପାଣି ପିଇବା ଉପଯୋଗୀ ନୁହେଁ। ଉକ୍ତ ସାହି ନଦୀ କୂଳିଆ ଅଞ୍ଚଳ ହୋଇଥିବା ହେତୁ ପ୍ରତି ବର୍ଷ ବ୍ରହ୍ମଣୀ ନଦୀରେ ବନ୍ୟା ଅସି ବ୍ୟାପକ କ୍ଷତି ଘଟାଉଛି। ବନ୍ୟା ପାଣି ପଶିବା ଦ୍ୱାରା ଝୁଞ୍ଜୁଡ଼ି ଘରଗୁଡ଼ିକ ନଷ୍ଟ ହୋଇଯାଉଛି। ଫଳରେ ସେମାନେ ବନ୍ୟା ଛାଡ଼ିଯିବା ପରେ ପୁଣି ମୂଳମଜୁରି ଲାଗି ମୁଣ୍ଡ ଗୁଞ୍ଜିବା ପାଇଁ ଝୁଞ୍ଜୁରୀ ଘର ତିଆରି କରୁଛନ୍ତି।

ବିଶେଷକରି ଉକ୍ତ ୱାର୍ଡରେ ବସବାସ କରୁଥିବା ୧୦ଟି ପରିବାରଙ୍କ ଦୁର୍ଦ୍ଦଶାର କାହାଣୀ କହିଲେ ନସରେ। ସାହିର ପଞ୍ଚାନନ ନାଏକ(୬୫) ଦୀର୍ଘ ଦିନ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଛନ୍ତି। ଯେଉଁ ଚାଉଳ ମୁଠାଏ ପାଉଛନ୍ତି ସେଥିରେ ପରିବାର ଚଳେ। ତାଙ୍କ ପରିବାର କହିଲେ ସ୍ତ୍ରୀ ତୁଳସୀ ନାଏକ ଓ ୨ ପୁଅ ଏବଂ ଗୋଟିଏ ଝିଅ। ସେହିପରି ସାହିର କାଳନ୍ଦୀ ନାଏକଙ୍କ ଅବସ୍ଥା ମଧ୍ୟ ସମାନ। ତାଙ୍କର ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନାହିଁ। ଝୁଞ୍ଜୁଡ଼ି ଘରେ ଜରିପାଲ ପକାଇ ସପରିବାରେ ଜୀବନ ବିତାଉଛନ୍ତି। କାଳନ୍ଦୀଙ୍କ ପରିବାର କହିଲେ ସ୍ତ୍ରୀଙ୍କ ସହ ୧୦ବର୍ଷର ଏକ ପୁଅ ଓ ୧୨ବର୍ଷର ଝିଅ ରହିଛି। କାଳନ୍ଦୀ ଜଣେ ଦିନମଜୁରିଆ। ପରିବାର ଭରଣ ପୋଷଣ ତାଙ୍କ ପକ୍ଷେ କଷ୍ଟ ସାଧ୍ୟ ହୋଇପଡୁଛି। ଇନ୍ଦିରା ଆବାସ କିମ୍ବା ମୋ କୁଡ଼ିଆ ଖଣ୍ଡେ ପାଇବା ପାଇଁ ଗାଁ ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବହୁ ବାର ଗୁହାରି କରିଲେ ସୁଦ୍ଧା କେହି ହେଲେ ଏଯାଏ ତାଙ୍କୁ ଭତ୍ତା ମିଳି ପାରିନାହିଁ। ଫଳରେ ଔଷଧ କିଣିବା ପାଇଁ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ପଞ୍ଚାନନ ଘର ମରାମତି କରିପାରୁ ନ ଥିବାରୁ ଜରିପାଲ ପକାଇ ରହିଛନ୍ତି। ସରକାରୀ ସହାୟତା ହିସାବରେ କେବଳ ରାଶନ୍ କାର୍ଡ ଖଣ୍ଡେ ଅଛି। ସେହି କାର୍ଡରେ ତାଙ୍କ କଥା କର୍ଣ୍ଣପାତ କରୁନାହାନ୍ତି ବୋଲି ସେ କହିଛନ୍ତି। ସେହିପରି ସାହିର ଅନେକ ପରିବାର ଏଭଳି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ତେଣୁ ଏସବୁ ଅସହାୟ ଗରିବ ପରିବାର ବର୍ଗଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।

ଯୁକ୍ତ୩ କଳାରେ ନାମଲେଖା ବନ୍ଦ

ଧର୍ମଶାଳା,୨୪।୭(ଡି.ଏନ.ଏ.)

ଜଗନ୍ନାଥଜୀଉ କଲେଜ

ଚଳିତ ଶିକ୍ଷା ବର୍ଷରେ ଧର୍ମଶାଳା ବ୍ଲକ ଅଧୀନ ଚଢ଼େଇଧରାସ୍ଥିତ ଜଗନ୍ନାଥଜୀଉ କଲେଜରେ ଯୁକ୍ତ ୩ କଳାରେ ନାମ ଲେଖା ବନ୍ଦ କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଏହାକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଲେଜ ପାଇଁ ଆବଶ୍ୟକ ଜମି ଓ ପରିଚାଳନା କମିଟି ଗଠନ ହୋଇ ନ ପରିବାରୁ ଉଚ୍ଚ ଶିକ୍ଷା ବିଭାଗ ୨୦୨୨/୨୩ ଶିକ୍ଷାବର୍ଷରେ ନାମଲେଖା ବନ୍ଦ କରିଥିବା ଜଣାପଡ଼ିଛି। କଲେଜଟି ଅଦିବାସୀ ବହୁଳ ଅଞ୍ଚଳରେ ରହିଥିବାରୁ ଗରିବ ଶ୍ରେଣୀର ପିଲା ଅଳ୍ପ ଖର୍ଚ୍ଚରେ ଉଚ୍ଚଶିକ୍ଷା ପାଇପାରୁଥିଲେ। କିନ୍ତୁ ଚଳିତ ଥର ନାମ ଲେଖା ବନ୍ଦ ହେବାରୁ ବହୁ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହେବା ସମ୍ଭାବନା ରହିଛି। ତେଣୁ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏଭଳି ନିଷ୍ପତ୍ତିକୁ ବାତିଲ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏଠାରେ ୨୦୦୭-୦୮ ଶିକ୍ଷା ବର୍ଷରେ ପ୍ରଥମ କରି ଯୁକ୍ତ ୩ରେ ୬୪ ଛାତ୍ରୀଛାତ୍ରଙ୍କୁ ନାମ ଲେଖାଇବା ପାଇଁ ଅନୁମତି ମିଳିଥିଲା। କଲେଜରୁ ଅଦ୍ୟାବଧି ୫ଟି ବ୍ୟାଚ୍‌ର ଅନେକ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି।

ସାଉଡ଼ିଆ ପଞ୍ଚାୟତ ଅର୍ଥ ରଇପୁରରେ ବିନିଯୋଗ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୪।୭(ଡି.ଏନ.ଏ./ସ୍ୱ.ପ୍ର.)

ବଡ଼ଚଣା ବ୍ଲକ୍ ଅଧୀନ ସାଉଡ଼ିଆ ପଞ୍ଚାୟତରେ ଏକ ରାସ୍ତା ନିର୍ମାଣ ପାଇଁ ବ୍ଲକ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଛି। ମାତ୍ର ଉକ୍ତ ଅର୍ଥକୁ ରଇପୁର ପଞ୍ଚାୟତରେ ବିନିଯୋଗ କରାଯାଇଛି। ଏନେଇ ସାଉଡ଼ିଆ ପଞ୍ଚାୟତବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ଲକ ପକ୍ଷରୁ ସାଉଡ଼ିଆ ପଞ୍ଚାୟତ ମୂଷାଟିକିରି ଗ୍ରାମର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଠାରୁ ସୁବାସ ଖଣ୍ଡାଇଙ୍କ ଘର ପର୍ଯ୍ୟନ୍ତ ତାଲୁଆ ଗ୍ରାମକୁ ସଂଯୋଗ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ହେଲେ ଏହି ରାସ୍ତା କାର୍ଯ୍ୟ ରଇପୁର ପଞ୍ଚାୟତର ପୁରୁଷୋତ୍ତମ ଖଣ୍ଡାଇଙ୍କ ବ୍ୟକ୍ତିଗତ ଜାଗାରେ ହେଉଛି, ଯାହାକି ରଇପୁର ମୌଜାର ଖାତା ନଂ.୩୨୬ ଓ ପ୍ଲଟ ନଂ.୬୯ ବୋଲି ଜଣାପଡ଼ିଛି। ଏହା ଜଣଙ୍କ ବ୍ୟକ୍ତିଗତ ଘରବାରି କିସମ ଜମି। ଏହିଭଳି ଚଞ୍ଚକତା କରାଯାଇ ରାସ୍ତା କାର୍ଯ୍ୟ ହେଉଥିବା ଯୋଗୁ ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ୱାର୍ଡସଭ୍ୟା ଭାନୁବାଳା ମହାପାତ୍ର, ସାରଥି ଦାସ, ନରେନ୍ଦ୍ର ମହାପାତ୍ର, ଚୈତନ୍ୟ ମହାପାତ୍ର ଓ ଜଳଧର ମହାନ୍ତି ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ମିଳିବା ପରେ ସମ୍ପୃକ୍ତ ସ୍ଥାନ ଚିହ୍ନଟ ପାଇଁ ଦର୍ପଣ ତହସିଲଦାରଙ୍କୁ ଚିଠି ଲେଖିଛି। ଯଦି କୌଣସି ବେସରକାରୀ ଜମିରେ ରାସ୍ତା ନିର୍ମାଣ ହେଉଥିବା ଜଣାପଡ଼ିବ ତେବେ ତାହାର ବିଲ ବନ୍ଦ କରାଯିବ ବୋଲି ଗିରି ପ୍ରକାଶ କରିଛନ୍ତି।

ବିଜିପୁର ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ

ଦଶରଥପୁର,୨୪।୭(ଡି.ଏନ.ଏ.)

ଦଶରଥପୁର ବ୍ଲକ୍ ଖଣ୍ଡରା ପଞ୍ଚାୟତର ଏକ ପ୍ରମୁଖ ଗ୍ରାମ ବିଜିପୁର। ଏହି ଗ୍ରାମରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ହେଲେ ପରିତାପର ବିଷୟ ଯାଜପୁର-ବିଞ୍ଜାରପୁର ମୁଖ୍ୟ ରାସ୍ତାରୁ ଉକ୍ତ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅସରାଏ ବର୍ଷାହେଲେ କାଦୁଅ ପଚପଚ ରାସ୍ତାରେ ପଶି ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି। ଯାଜପୁର ସହରଠାରୁ ମାତ୍ର ୫ କି.ମି. ଦୂରରେ ଅବସ୍ଥିତ ଏହି ଗାଁର ରାସ୍ତା ଏପରି ହୋଇଥିଲେ ମଧ୍ୟ ପ୍ରଶାସନର ନଜର ପଡୁନାହିଁ। ତେଣୁ ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ବ୍ଲକ୍ ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

ଯାଜପୁର-ବିଞ୍ଜାରପୁର ମୁଖ୍ୟ ରାସ୍ତାରୁ ବିଜିପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଗଣ୍ଡଗୋଳ ମାମଲାରେ ପୁଣି ୫ ଗିରଫ

ପାଣିକୋଇଲି,୨୪।୭(ଡି.ଏନ.ଏ.)

ଦୁର୍ଘଟଣାକୁ ନେଇ ଦୁଇ ଗ୍ରାମ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ମାମଲାରେ ଗିରଫ ସଂଖ୍ୟା ବଢ଼ିଚାଲିଛି। ପୂର୍ବରୁ ପୋଲିସ ଉଭୟ ଗୋଷ୍ଠୀର ୧୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରବିବାର ପୁଣି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଥରପଦା ଗ୍ରାମର ମାନସ ସାହୁ (୩୯), ଲକ୍ଷ୍ମୀଧର ବାରିକ (୭୧) ନିଧିରାମ ବାରିକ (୨୬), ଶିଶିକାନ୍ତ ବାରିକ (୨୮) ଓ ପାଣିକୋଇଲି ଗ୍ରାମର ସେକ୍ ସରାଉଦ୍ଦିନ(୪୩)।

ପାଣିକୋଇଲି ବଜାରରେ ବୁଧବାର ଏକ କାର ପାଣିକୋଇଲି ଗ୍ରାମର ଅବଦୁଲ ଜବାର ଖାଁକୁ ଧକ୍କା ଦେଇ ପଳାଇଥିଲା। ଏହାକୁ କେନ୍ଦ୍ରକରି ମାରପିଟ ପରେ ଉଭୟ ପକ୍ଷ ଥାନାର ଆଶ୍ରୟ ନେଇଥିଲେ। ଜବାର ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ କାର୍ ଚାଳକ ନରେନ୍ଦ୍ର ବାରିକ ପାଲଟା ଅଭିଯୋଗ କରିଥିଲେ। ପରେ ଏହି ମାମଲାକୁ ନେଇ ପାଣିକୋଇଲିର କେତେଜଣ ଯୁବକ ଗାଡ଼ି ମାଲିକ ମଧୁସୂଦନ ସାହୁଙ୍କ ବଜାରରେ ଥିବା ଇଲେକ୍ଟ୍ରି ଦୋକାନରେ ପହଞ୍ଚି ତାଙ୍କ ପୁତ୍ର ମନୋଜଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବଜାରବାସୀ ଏକ ହୋଇ ଆକ୍ରମଣକାରୀଙ୍କୁ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ଏହାକୁ ନେଇ ପାଣିକୋଇଲି ଓ ପଥରପଦା ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଫ୍ଲାଗ ମାର୍ଚ୍ଚ କରି ପରିସ୍ଥିତିକୁ ଆୟତ୍ତ କରିଥିଲା। ଜବାର ଖାଁଙ୍କ ଅଭିଯୋଗ ମୁତାବକ ଏକ ମାମଲା ନଂ.୧୬୪/୨୨ ଓ ନରେନ୍ଦ୍ରଙ୍କ ଅଭିଯୋଗ ମୁତାବକ ନଂ.୧୬୫/୨୨ ଏବଂ ମନୋଜଙ୍କ ଅଭିଯୋଗକ୍ରମେ ନଂ.୧୬୭/୨୨ରେ ଥାନାରେ ୩ଟି ମାମଲା ରୁଜୁ ହୋଇଛି।

ପାଣିଟାଙ୍କି ନିର୍ମାଣରେ ଅନିୟମିତତା

ଝୁଞ୍ଜୁରୀ,୨୪।୭(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ପିଇବା ପାଣି ଯୋଗାଇବା ନିମନ୍ତେ ପାଣିଟାଙ୍କି ନିର୍ମାଣ ସହ ପାଇପ୍ ବିଛା କାର୍ଯ୍ୟ ଚାଲିଛି। ହେଲେ ଏସବୁ କାର୍ଯ୍ୟରେ ନାନା ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ବ୍ଲକରେ ପ୍ରାୟ ୨୫୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଚାଲିଥିଲେ ମଧ୍ୟ କୌଣସି ଗୋଟିଏ ବି ପଞ୍ଚାୟତରେ ନିର୍ମାଣାଧୀନ କାର୍ଯ୍ୟର ସୂଚନା ଫଳକ ଲଗା ଯାଇନାହିଁ। ବ୍ଲକ ଅଧୀନ ଚମ୍ପେଇପାଳ ପଞ୍ଚାୟତର ଓଡ଼େଇ ଗ୍ରାମ ଏହାର ଉଦାହରଣ। ଏଠାରେ ଚାଲିଥିବା ଟାଙ୍କି ନିର୍ମାଣ ସମ୍ପର୍କରେ ସୂଚନା ଫଳକ ଲାଗି ନ ଥିବାରୁ ଲୋକେ କୌଣସି ସୂଚନା ପାଉନାହାନ୍ତି। ଏଥିସହ ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ ହେଉ ନଥିବା ଅଭିଯୋଗ ହେଉଛି। ଠିକା କମ୍ପାନୀ ରାତିରେ କାର୍ଯ୍ୟ କରୁଥିବାରୁ ଭବିଷ୍ୟତରେ ଏହି ପାଣି ଟାଙ୍କି ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ଠିକା ସଂସ୍ଥାର ପ୍ରତିକ୍ରିୟା ମିଳି ପାରିନାହିଁ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMGSUBBS 2022070, ତା.15.07.2022ରିଖ

କାର୍ଯ୍ୟର ନାମ : MCL ର ତାଳଚେର କୋଲ୍‌ଫିଲ୍ଡସ୍ ଠାରେ ସ୍ପର 7 ଏବଂ 8 ନିମନ୍ତେ ପ୍ରବେଶ (Approach) ନିକଟରେ ସିଏଚ୍.11237 F/CSB ଠାରେ 1x36m ସ୍ପାନ୍ କଂକ୍ରୀଟ୍ ଗର୍ଡର ଥିବା ରୋଡ୍ ଓଭର ବ୍ରିଜ୍ (ROB) ନଂ.29 ର ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 622.54 ଲକ୍ଷ, EMD (ଟଙ୍କାରେ): 4,61,300/-, କାର୍ଯ୍ୟ ଶେଷ ହେବା ଅବଧି : 15 ମାସ ।

ଟେଣ୍ଡର ବହି ହେବା ତାରିଖ ଓ ସମୟ : ତା.08.08.2022 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚର୍ତ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦସ

ସଂକ୍ଷେପରେ

ସାଂସ୍କୃତିକ ସଙ୍ଗଠନ ଗଠନ

କେନ୍ଦ୍ରାପଡ଼ା ଅଫିସ, ୨୪।୭: କେନ୍ଦ୍ରାପଡ଼ା ବ୍ଲକ ଭରତପୁର କାଳୀ ମନ୍ଦିରରେ ଜିଲା କଳା ସାହିତ୍ୟ ପରିଷଦ ପକ୍ଷରୁ ସାଂସ୍କୃତିକ ସଙ୍ଗଠନ ରବିବାର ଗଠନ ହୋଇଛି। ସତ୍ୟପ୍ରିୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭାପତି ଭାବେ ସୁବ୍ରତ କୁମାର ରାଉତଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ମହେଶ କୁମାର ପାଢ଼ୀ, ସମ୍ପାଦିକା ପୂର୍ଣ୍ଣିମା ଦାସ, କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର ନାଥ ଶତପଥୀଙ୍କୁ ଚୟନ କରାଯାଇଛି। ଏଥିସହ ସଙ୍ଗଠନର ଉପଦେଷ୍ଟା ଭାବେ ବିଷ୍ଣୁଚରଣ ଆଚାର୍ଯ୍ୟ, ସତ୍ୟପ୍ରିୟ ଦାସ, ସୁଧାଂଶୁ ଶେଖର ପଣ୍ଡା, ତୁଷାର ଘୋଷ ଓ ଅଭିରାମ ରାଉତ ଅଛନ୍ତି। ଏହି ଅବସରରେ ସଭାପତି ରାଉତ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଲୋକକଳା ରାଜ୍ୟ ଓ ବାହାର ରାଜ୍ୟରେ ପରିଚିତ। ପାଲା, ଦାସକାଠିଆ, କେନ୍ଦରା ବାଦନଠାରୁ ଆରମ୍ଭ କରି ରାମଲୀଳାକୁ ଏହି ଜିଲାରେ ପ୍ରୋତ୍ସାହିତ କରାଯାଇଛି। ପ୍ରାୟ ୩୨ ପ୍ରକାର ଲୋକକଳା ଓ ପୁରାତନଠାରୁ ଆଧୁନିକ ସାହିତ୍ୟର ଉତ୍ଥାନ ପାଇଁ ପରିଷଦ କାର୍ଯ୍ୟ କରିବ। ସଙ୍ଗଠନକୁ ସୁଦୃଢ଼ ପାଇଁ ପ୍ରୟାସ ଜାରି ରହିବ। ଏଥିରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ବହୁ କଳାକାର ଯୋଗ ଦେଇଥିଲେ।

ସ୍କୁଲ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

ଆଳି,୨୪।୭ (ଡି.ଏନ.ଏ.): ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତ ନ' ମୌଜାଠାରେ ଥିବା କେଶବାନନ୍ଦ ବାଳିକା ବିଦ୍ୟାପୀଠର ପ୍ରତିଷ୍ଠାତା ସ୍ୱର୍ଗତ କେଶବାନନ୍ଦ ଦାଶଙ୍କ ୧୪ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ସ୍ମୃତିସଭା ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱର୍ଗତ ଦାଶଙ୍କ ଗୁଣଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚକ୍ରଧର ଦାଶ, ମୁଖ୍ୟବକ୍ତା ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ବେଉରିଆ ଓ ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର ପଣ୍ଡା, ସଚ୍ଚିଦାନନ୍ଦ ସାହୁ, ମଧୁସୂଦନ ଦାସ ଓ ବିଜୟ ମହୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସ ପ୍ରାରମ୍ଭିକ ସୂଚନା ଦେବା ପରେ ଶିକ୍ଷୟିତ୍ରୀ ଶଶିରେଖା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ କଳ୍ପନା ପତି, ମମତା ନାୟକ, ରଶ୍ମିରେଖା ରାଉତ ଉପସ୍ଥିତ ଥିଲେ। ନ'ମୌଜା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାରଦାମଣୀ ପଣ୍ଡା, ସୌଭାଗ୍ୟ ଦାସ ଓ ସାହୁପଡା ସ୍କୁଲର ପ୍ରଧାନ ଶିକ୍ଷକ ଶଶିଭୂଷଣ ଦାଶ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିଥିବା କୁମାରୀ ଶୁଭଲକ୍ଷ୍ମୀ ସାହୁ, କୁମକୁମ୍ ମହା ଓ ସ୍ମୃତିରେଖା ଦାଶଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଚିତା ଜେନା ଧନ୍ୟବାଦ ଦେଇଥିଲେ।

କୃଷି ଅର୍ଥନୀତିକୁ ବିଗାଡୁଛି ପ୍ରାକୃତିକ ବିପର୍ଯ୍ୟୟ

କେନ୍ଦ୍ରାପଡ଼ା ଅଫିସ, ୨୪।୭

ଧୋୟାଞ୍ଚଳରେ ସାମାନ୍ୟ ବର୍ଷାରେ ଚାଷ ଜମିରେ ପାଣି ଜମି ରହିଛି।

- ମେକ୍ ଇନ୍ ରୁଲାଲ କେନ୍ଦ୍ରାପଡ଼ା ପାଇଁ ଆହ୍ୱାନ
- ଅର୍ଥକରୀ ଫସଲ ହିଁ ଚାଷୀଙ୍କୁ ସ୍ୱାବଲମ୍ବୀ କରିବ
- ଭିତ୍ତିଭୂମି ସୁଦୃଢ଼ କରି ୫ ବର୍ଷିୟା ଯୋଜନା ହେଉ

କେନ୍ଦ୍ରାପଡ଼ା ଜିଲାରେ ଉର୍ବର ଭୂମି ସହ ଲୋକସମ୍ବଳ ଅଛି। ଏହାସତ୍ତ୍ୱେ କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲାର ସାମାଜିକ ଓ ଅର୍ଥନୀତି ଦୁର୍ବଳ ରହୁଛି। ଏହାର ମୁଖ୍ୟ କାରଣ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ଠିକ୍ ପରିଚାଳନା ହୋଇପାରୁନି। ସାମୁଦ୍ରିକ ଝଡ଼ ଓ ବନ୍ୟା କୃଷି ପାଇଁ ବିପତ୍ତି ହୋଇଛି। ଶସ୍ୟ ଉତ୍ପାଦନ ପାଇଁ ଜଳ ପରିଚାଳନାର ଯଥେଷ୍ଟ ଗୁରୁତ୍ୱ ରହିଛି। କୃଷକଙ୍କ ମେକ୍ ଇନ୍ ରୁରାଲ୍ କେନ୍ଦ୍ରାପଡ଼ାର ସ୍ୱପ୍ନ ସରକାରୀ ଅସହଯୋଗ ପାଇଁ ପୂରଣ ହୋଇପାରୁନାହିଁ। ୨୦୧୫ ମସିହାରୁ ପରମ୍ପରାଗତ କୃଷି ବିକାଶ ଯୋଜନା କେନ୍ଦ୍ର ସରକାର ଆରମ୍ଭ କରିଥିବା ବେଳେ ଜିଲାକୁ ଅଦ୍ୟାବଧି ସାମିଲ କରାଯାଇପାରିନାହିଁ। କୃଷି ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରି ସାମୂହିକ ଅର୍ଥକରୀ ଫସଲ ପାଇଁ ୫ ବର୍ଷିୟା ଖସଡ଼ା ପ୍ରସ୍ତୁତ ହୋଇପାରିଲେ ଚାଷୀ ସ୍ୱାବଲମ୍ବୀ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ଜନ ଅଧିକାର ମଞ୍ଚ ସଭାପତି ଭୁବନାନନ୍ଦ ଜେନା, ଜିଲା ଜନ ସୁରକ୍ଷାମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହେରା, କ୍ଷୀତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ କୃଷି କ୍ଷେତ୍ରକୁ ନଷ୍ଟ କରୁଛି। ଏହି ସମୟରେ କୃଷି ପାଇଁ ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇଛି। ଏହାର ନିରାକରଣ ସହ ମେକ୍ ଇନ୍ ଇଣ୍ଡିଆ, ମେକ୍ ଇନ୍ ଓଡ଼ିଶା ପରି ଜିଲା ଅର୍ଥନୀତିକୁ ସୁଦୃଢ଼ ପାଇଁ କୃଷିକ୍ଷେତ୍ରରେ ମେକ୍ ଇନ୍ ରୁରାଲ୍ କେନ୍ଦ୍ରାପଡ଼ା ଆହ୍ୱାନ କାର୍ଯ୍ୟକାରୀ ହେବା କଥା। ଅଦ୍ୟାବଧି ସ୍ଥାନୀୟ ରାଜନେତା ଓ ପ୍ରଶାସକ ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ସାମ୍ପ୍ରତିକ ସମୟରେ ଜୈବିକ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢୁଛି। କେନ୍ଦ୍ର ସରକାର ମଧ୍ୟ ୨୦୧୫ ମସିହାରେ ଜୈବିକ ଚାଷକୁ ଗୁରୁତ୍ୱ ଦେଇ ନ୍ୟାଶନାଲ ମିଶନ ଅନ୍ ସଷ୍ଟେନେବଲ ଏଗ୍ରିକଲ୍‌ଚର (ଏନ୍‌ଏମ୍‌ଏସ୍‌ଏ) ଅଧୀନରେ ପରମ୍ପରାଗତ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଓଡ଼ିଶାର ଅନ୍ୟ ଜିଲାରେ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ କେନ୍ଦ୍ରାପଡା ବାଦ୍ ପଡ଼ିଛି। ଜିଲାରେ ୭ ନଦୀ ଓ ୨୭ ଶାଖାନାଳ ଅଛି। ପ୍ରତିବର୍ଷ ପ୍ରାୟ ୧୪୦୦ ମିଲିମିଟର ବର୍ଷା ହେଉଛି। ତେବେ ବର୍ଷା ଜଳ ସଂରକ୍ଷଣ ଓ ନଦୀ, ନାଳ ଜଳର ପରିଚାଳନା ଚାଷୀଙ୍କ ପାଇଁ ଆତଙ୍କ ସୃଷ୍ଟି କରୁଛି। ବର୍ଷାଦିନେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବା ବେଳେ ଜଳସେଚନ ପାଇଁ ଜିଲାର ପ୍ରାୟ ୪୦ ହଜାର ହେକ୍ଟର ଜମି ପଡ଼ିଆ ପଡୁଛି। ଜିଲାର ୭୪୪ କି.ମି. ଲମ୍ବର ତଟବନ୍ଧ ଏବେ ଅସୁରକ୍ଷିତ। ସେହିପରି ବନ୍ୟା ଆସିଲେ ୪୫୫ ଗ୍ରାମରେ ବନ୍ୟାଜଳ ମାସାଧିକ କାଳ ଜମିରହୁଛି। ଏହା ବ୍ୟତୀତ ଜିଲାର ଚାଷୀ ଧାନଫସଲ ମଧ୍ୟରେ ସୀମିତ ରହୁଛନ୍ତି। ଫଳରେ ଆୟ କମୁଛି। ସାମୂହିକ ଭାବେ ଏକ ୫ ବର୍ଷିୟା ଅର୍ଥକରୀ ଫସଲ ପାଇଁ କୃଷି ଗବେଷକଙ୍କ ଏକ କମିଟି ଆବଶ୍ୟକ। ଜିଲାରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ଜଳ ସେଚନ ବ୍ୟବସ୍ଥା, ତାଲିମ ସହ ଅର୍ଥକରୀ ଫସଲର ଉତ୍ପାଦନ ଓ ବିକ୍ରିକୁ ନେଇ ସ୍ପଷ୍ଟ ମତପ୍ରକାଶ ପାଇଲେ ଜିଲାର କୃଷିଶିଳ୍ପକୁ ଆଗେଇ ନେଇହେବ। ସାମ୍ପ୍ରତିକ ସମୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ସହିତ ୮ ଏକର ଚାଷ କରୁଥିବା ଚାଷୀର ଆୟ ସମାନ ହେଉ ନ ଥିବାରୁ କୃଷି ପ୍ରତି ଆଗ୍ରହ ପ୍ରକାଶ ପାଉନାହିଁ। ଯୁବବର୍ଗ କୃଷି ଅପେକ୍ଷା କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜିଲା କୃଷି ବିଭାଗ ବୈଠକରେ ପାରମ୍ପରିକ ଚାଷକୁ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଛି। କୃଷି କ୍ଷେତ୍ରକୁ ସମୃଦ୍ଧ କରିବା ଲାଗି ହେଉଥିବା ଯୋଜନାର ତୃଣମୂଳସ୍ତରରେ କାର୍ଯ୍ୟକାରୀ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି।

ଅଳପୁଆ-ଦାମୋଦରପାଟଣା ରାସ୍ତା ଶୋଚନୀୟ

ପଟ୍ଟାମୁଣ୍ଡାଇ,୨୪।୭ (ସ୍ୱ.ପ୍ର.)

ପୁନର୍ବାର ନିର୍ମାଣ ପାଇଁ ଦାବି

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ-ଦାମୋଦରପାଟଣା ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟିଛି। ରାସ୍ତାରେ ଆଣ୍ଠୁଏ ଲେଖାଏ ଗାତ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଶତାଧିକ ବଡ଼ ବଡ଼ ଖାଲଖମା ସୃଷ୍ଟିହୋଇ ବର୍ଷାଦିନେ ଯାତାୟାତ ଅସମ୍ଭବ ହୋଇପଡୁଛି। ବର୍ଷାଦିନେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇ ପାରୁନାହାନ୍ତି। ଏପରି କି ସନ୍ଧ୍ୟା ହେଲେ ଏହି ଗ୍ରାମକୁ ଯିବା ଅସମ୍ଭବ ହୋଇପଡ଼େ। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତାର ୪୦୦ ମିଟର ଲମ୍ବ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହାର ପୁନର୍ବାର ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ରାସ୍ତାରେ ଗାତ ସୃଷ୍ଟି ହୋଇ ଯାତାୟାତ ସମୟରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ବ୍ୟସ୍ତବହୁଳ ରାସ୍ତାର ତୁରନ୍ତ ନିର୍ମାଣ ପାଇଁ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ରଞ୍ଜିତ ନାୟକ, ଶତ୍ରୁଘ୍ନ ମଲିକ, ରବୀନ୍ଦ୍ର ଧଳ, ଉମାକାନ୍ତ ବିହାରୀ, ବଭ୍ରୁବାହନ ଧଳ, କୃତିବାସ ସାହୁ, ସୁକାନ୍ତ ରାଉତ ପ୍ରମୁଖ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

ବର୍ଷା ପରେ ରାସ୍ତାରେ ଥିବା ଖାଲରେ ପାଣି ଜମି ରହିଛି।

ବାଣିଜ୍ୟ ବିଭାଗରେ ଆୟକର ଦିବସ

ଆୟକର ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

କେନ୍ଦ୍ରାପଡ଼ା ଅଫିସ, ୨୪।୭

କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ଆୟକର ଦିବସ ରବିବାର ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ଆଶାରାମ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସିଏ ସ୍ୱାଇଁ ଟିକସ, ଆୟକର ଓ ଦେଶର ସମୃଦ୍ଧି ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ଦେଶର ସମୃଦ୍ଧିରେ ରାଜସ୍ୱ ଆଦାୟ ଏକ ଅଂଶ। ଏହି ରାଜସ୍ୱ ଦେଶର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ ହୋଇଥାଏ। ପୂର୍ବରୁ ଭାଟ ଚାଲିଥିବା ବେଳେ ଏବେ ଜିଏସ୍‌ଟି ସଂଗ୍ରହ କରାଯାଉଛି। ଆୟକର ଦେଶର ରଣ ବ୍ୟବସ୍ଥାକୁ ସନ୍ତୁଳିତ କରୁଛି। ସମ୍ମାନୀତ ଅତିଥି ଅଧ୍ୟାପକ ବିକାଶ କୁମାର କର ରାଷ୍ଟ୍ର ପାଇଁ ଆୟକର ଆବଶ୍ୟକତା ଓ ଏହାର ଉପୁତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟକର ସମ୍ପର୍କିତ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଏଥିସହ ଛାତ୍ର ସମ୍ପାଦକ ମାନସରଞ୍ଜନ ବେହେରା, ସତ୍ୟଜିତ୍ ସାହୁ, ମନୋରଞ୍ଜନ ସାହୁ ପ୍ରମୁଖ ଆୟକର ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପାନ କରିଥିଲେ। ଅଧ୍ୟାପକ ମନୋଜ ପ୍ରଧାନ, ଛାତ୍ର ଅବିନାଶ ଜେନା, ଛାତ୍ରୀ ସୋନାଲି ପ୍ରିୟଦର୍ଶିନୀ ସେଠୀ ସଭାକୁ ପରିଚାଳନା କରିଥିଲେ।

ସେବା, ତ୍ୟାଗପୂତ ଭାବନା ସମାଜକୁ ସମୃଦ୍ଧ କରେ

ସଭାରେ ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟମାନେ କୃତୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଡେରାବିଶ, ୨୪।୭ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଛୋଟିଠାରେ ସାମାଜିକ କର୍ମୀ ସ୍ୱର୍ଗତ ନବକିଶୋର ମଲ୍ଲଙ୍କ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ନବକିଶୋର ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଆଶୁକବି ହେମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜ୍ଞାନ, କାରିଗରି କୌଶଳ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବକିଶୋରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେବା ଓ ତ୍ୟାଗପୂତ ମନଭାବ ସମାଜକୁ ସମୃଦ୍ଧ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବିଧାୟକ ଶଶିଭୂଷଣ ବେହେରା, ଧ୍ରୁବ ଚରଣ ସାହୁ, ସୁନନ୍ଦା ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଅନୁଭବ ପଟ୍ଟନାୟକ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ୍ ଯୋଗଦେଇ ନିଜ ଗାଁ ମାଟିକୁ ଭଲ ପାଉଥିବା ନବକିଶୋରଙ୍କ ଅଞ୍ଚଳ ପ୍ରତି ଥିବା ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଭୁବନେଶ୍ୱର ବାର ଆସୋସିଏଶନ୍ ସମ୍ପାଦକ ରାଜକିଶୋର ରାଜ ଓ ରାଜ୍ୟ ବାର ଆସୋସିଏଶନ୍ ସଦସ୍ୟ ସୀତାଂଶୁ ମୋହନ ଦ୍ୱିବେଦୀ, ସାମାଜିକ କର୍ମୀ କୁମାର ଚନ୍ଦ୍ର ବଳ ଓ ଛୋଟି ସରପଞ୍ଚ ରଜନୀ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ମାଟ୍ରିକ ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲା ଟପ୍ପର ମୋନାଶ୍ରୀ ବିଶ୍ୱାଳ ଓ ଯାଜପୁର ଜିଲା ଟପ୍ପର ନିହାରିକା ଦାସଙ୍କୁ ମନ୍ତ୍ରୀ ପଣ୍ଡା ଅର୍ଥରାଶି ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟରେ ଚଳିତ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର, ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦ ପକ୍ଷରୁ 'ସ୍ମୃତି ଅର୍ଘ୍ୟ' ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅଶ୍ୱିନୀ କୁମାର ରାଉତ ବେଦପାଠ କରିଥିଲେ। ସଂସଦର ସମ୍ପାଦକ ସ୍ମୃତି ରଞ୍ଜନ ମଲ୍ଲ ଅତିଥି ପରିଚୟ ଓ ରାଜେଶ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଜୟ କୁମାର ମଲ୍ଲ, ରୁଦ୍ର ପ୍ରସନ୍ନ ମଲ୍ଲ, ମଳୟ କୁମାର ଜେନା, ଅତୁଲ୍ୟ କୁମାର ରଥ ଓ ନାରାୟଣ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

ଚାଷୀ ଅନୁକୂଳ କଲେ ପହିଲି ମୁଣ୍ଡା

ମହାକାଳପଡ଼ା,୨୪।୭(ଡି.ଏନ୍.ଏ.)

- ଉପକୂଳରେ ଧାନତଳି ରୁଆ, ବେଉଷଣ ଆରମ୍ଭ
- ଲୁଣାଜଳ ମାଡ଼ିବା ଯୋଗୁ ବହୁ ଚାଷଜମି ପଡ଼ିଆ ସମ୍ଭାବନା

ଓଡ଼ିଶାରେ ମୌସୁମୀ ବାୟୁ ପ୍ରବେଶ କରିବା ପରେ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅନେକ ଅଞ୍ଚଳରେ ତଳିଘେରା ପ୍ରସ୍ତୁତ ହୋଇଥିବା ବେଳେ ଚାଷୀମାନେ ଜମିରେ ପହିଲି ମୁଣ୍ଡା ଅନୁକୂଳ କରିଛି। ଖରିଫ୍ ଋତୁରେ ଧାନଫସଲ ଭଲ ଅମଳ ପାଇଁ ଚାଷୀ ନଳିତା, ସାରୁ, କଳାମ ଆଦି ଗଛକୁ ହିଡ଼ମୁଣ୍ଡରେ ଲଗାଇ ଅରୁଆ ଚାଉଳରେ ପ୍ରସ୍ତୁତ ପିଠା ପୂଜାର୍ଚ୍ଚନା ପରେ ରୁଆ ବେଉଷଣ ଅନୁକୂଳ କରାଯାଇଥାଏ। ଚାଷୀମାନଙ୍କ ବିଶ୍ୱାସ ଯେ, ଏଭଳି କଲେ ଭଲ ଫସଲ ଅମଳ ହେବ। ଏବେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ମୋଟ ୨୮ ହଜାର ହେକ୍ଟର ଚାଷଜମି ରହିଥିବା ବେଳେ ଖରିଫ୍ ଧାନ ଫସଲ ପାଇଁ ୨୪ ହଜାର ହେକ୍ଟର ଜମି ଚାଷ ହେଉଛି। ଅନ୍ୟ ୪ ହଜାର ହେକ୍ଟର ଜମିରେ ଅର୍ଥକରୀ ଫସଲ ମଧ୍ୟରେ ନଳିତା, ଆଖୁ, ଡାଲି, ତୈଳବୀଜଜାତୀୟ ଚିନାବାଦାମ, ସୂର୍ଯ୍ୟମୁଖୀ, ମସଲାଜାତୀୟ ଲଙ୍କା ସମେତ ପନିପରିବା ଉତ୍ପାଦନ ହେଉଛି।

ଚଳିତବର୍ଷ ଜଳବାୟୁ ପରିବର୍ତ୍ତନ ଓ ନିଅଣ୍ଟିଆ ବର୍ଷା ଯୋଗୁ ବିଳମ୍ବରେ ଚାଷକାର୍ଯ୍ୟ ଆରମ୍ଭ ହେଉଛି। ଅପରପକ୍ଷରେ ଲଘୁଚାପଜନିତ ବର୍ଷା ଯୋଗୁ ସାମୁଦ୍ରିକ ଜୁଆର ଚାଷଜମିରେ ମାଡ଼ିଯିବା ଯୋଗୁ

ସଂକ୍ଷେପରେ

୯ କରୋନା ସଂକ୍ରମିତ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୨୪।୭: ଜଗତ୍‌ସିଂହପୁର ଜିଲାରୁ ପୁଣି ୯ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବାଲିକୁଦା ବ୍ଲକ ଅଞ୍ଚଳରୁ ୨, ଏରସମା, କୁଜଙ୍ଗ ବ୍ଲକ ସମେତ ଜଗତ୍‌ସିଂହପୁର ପୌରାଞ୍ଚଳରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି । ସେହିପରି ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇଲେ ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୭୬ରେ ପହଞ୍ଚିଛି ।

କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲିଆ, ୨୪।୭: ବିରିଡି ବ୍ଲକ ଅନ୍ତର୍ଗତ କୁଳକଇଜଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାମଦେବ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଆଷାଢ଼ ସାହିତ୍ୟ ସଂସଦର ସଭାପତି ପୀତାମ୍ବର ମହାପାତ୍ର, ସମ୍ମାନିତ ଅତିଥିଭାବେ କୋଷାଧ୍ୟକ୍ଷ କେଦାର କର ଓ ସଭ୍ୟ ପ୍ରତିମା ସାହୁ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ବିଦ୍ୟାମନ୍ଦିରର ୨୧-୨୨ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାକୁ ଦିବ୍ୟଜ୍ୟୋତି ରାଉତରାୟ, ନାରାୟଣ ବାରିକ, ଲୋଭାକାନ୍ତ ବେହେରା, ଅଭିମନ୍ୟୁ ପରମାଣିକ, ସସ୍ମିତା ସ୍ୱାଇଁ, ସାଗରିକା ସିଂହ, ଶୁଭସ୍ମିତା ରଥ, ରୂପାମ୍ବିକା ଲେଙ୍କା, ମମତା ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପୂଜାରିଣୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

ଶିବିରରେ ୮୩ ୟୁନିଟ ରକ୍ତ ସଂଗ୍ରହ

କୁଜଙ୍ଗ, ୨୪।୭ (ଡି.ଏନ.ଏ.): କୁଜଙ୍ଗ ବ୍ଲକ ମହାଲସାହି ପଞ୍ଚାୟତ ଅନ୍ତର୍ଗତ ତାଳଦଣ୍ଡା ଆଥ୍‌ଲେଟିକ କ୍ଲବ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରବିବାର ୮୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶ୍ରୀଅରବିନ୍ଦ ଶିକ୍ଷାସଦନ ତାଳଦଣ୍ଡାଠାରେ ଅନୁଷ୍ଠିତ ଶିବିରକୁ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ ମୁଖ୍ୟ ଅତିଥି ରୁପେ ଯୋଗଦେଇ ଉଦ୍‌ଘଶଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୁଜଙ୍ଗ ତହସିଲଦାର ପ୍ରତିପର୍ଣ୍ଣା ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦୀପକ ରଞ୍ଜନ ଜେନା, ଶ୍ରମିକ ନେତା ରାକେଶ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଧ୍ରୁବ ଚରଣ ନାୟକ ଯୋଗଦେଇ ଗୋଟିଏ ବୁନ୍ଦା ରକ୍ତ ମଣିଷ ଜୀବନ ରକ୍ଷା କରିବାରେ ଗୁରୁତ୍ୱ ବହନ କରେ ବୋଲି କହିଛନ୍ତି। ରକ୍ତଦାନ ଭଳି ମହତ ଦାନ ଆଉ କିଛିନାହିଁ ତେଣୁ ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ସବୁବେଳେ ନିଜକୁ ସମାଜର ଜଣେ ବିଜେତା ଭାବି ଗର୍ବ ଅନୁଭବ କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଏଭଳି ଏକ ମହତ କାର୍ଯ୍ୟ ତାଳଦଣ୍ଡା ଆଥ୍‌ଲେଟିକ କ୍ଲବ ଆୟୋଜନ କରିଥିବାରୁ ଅତିଥିମାନେ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ଡା. ଅମ୍ଳାନ ମହାନ୍ତିଙ୍କ ନେତୃତ୍ୱରେ କଟକ ବଡ ଡେକାଲ ରେଡକ୍ରସ୍ ଟିମ୍ ଉପସ୍ଥିତ ରହି ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଆଥ୍‌ଲେଟିକ କ୍ଲବ ପକ୍ଷରୁ ରାଜେନ୍ଦ୍ର ସାହୁ, କାଳି ପ୍ରସାଦ ମୁଦୁଲି, ଲଳିତ ସ୍ୱାଇଁ, ରଘୁନାଥ ବେହେରା, ରଜେଶ ମହାପାତ୍ର ଓ ଚନ୍ଦନ ପରିଡା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ।

କାଉଡ଼ିଆଙ୍କ ଭୟ କେନାଲବନ୍ଧ ରାସ୍ତା

ରଘୁନାଥପୁର, ୨୪।୭ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼ ଜମୁଛି। ତେବେ ପୀଠକୁ ଆସିବା ପାଇଁ ରାହାଡ଼ିଙ୍ଗା ଜଳସେଚିତ କେନାଲ ବନ୍ଧ ରାସ୍ତାକୁ ସଫା କରାଯାଇ ନଥିବାରୁ କାଉଡିଆଙ୍କ ଜଳ ଲାଗି ଯାତ୍ରାରେ ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ ଛୋଟ ଗଛ ଓ ଲତାବୁଦା ସବୁ ରାସ୍ତା ଉପରକୁ ମାଡି ଆସିଛି। ଏଥିସହ ରାସ୍ତାଟି ଖାଲଖମାରେ ଭରି ରହିଛି।

ଏନେଇ ଅନ୍ଧାରୁଆ ବର୍ଷା ରାତିରେ କାଉଡ଼ିଆଙ୍କ ଯାତ୍ରା ସମୟରେ କୀଟ ଓ ସରୀସୃପଙ୍କ ଭୟ ରହିଛି ବୋଲି କେତେଜଣ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ପୀଠ ପକ୍ଷରୁ ରାତ୍ରିରହଣି ପାଇଁ

ରାସ୍ତାର ଉଭୟ ପାର୍ଶ୍ୱରେ ଲଟାବୁଦା ମାଡ଼ିଯାଇଛି।

ଓଟିଡିସି ଘର ନିକଟରେ ଭକ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ଏଠାରେ ଲଗାଯାଇଥିବା ଟେଣ୍ଟ ଚତୁଃପାର୍ଶ୍ୱ ଓ ପୀଠ ପ୍ରବେଶ ପଥ ପାଣି କାଦୁଅରେ ଭରି ରହିଛି। ଏନେଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏଥିଯୋଗୁ ରାତ୍ରିଯାପନ ପାଇଁ ଦୂରଦୂରାନ୍ତରରୁ ଆସିଥିବା ବ୍ୟକ୍ତିମାନେ ଏଣେତେଣେ ତଥା ଦୋକାନ ବାରଣ୍ଡାରେ

ଗୋରେଖନାଥ ପୀଠରେ ଶ୍ରାବଣ ମାସରେ ଜଳ ଲାଗି

- ପାଣି କାଦୁଅରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି
- ଖାଲଖମା ରାସ୍ତାକୁ କୀଟ ଓ ସରୀସୃପଙ୍କ ଭୟ ରହିଛି

ଆଶ୍ରୟ ନେଇଥିବା ଦେଖିବାକୁ ମିଳୁଛି। ପୀଠ କାର୍ଯ୍ୟାଳୟ ପକ୍ଷରୁ ଚଳିତବର୍ଷ କାଉଡ଼ିଆଙ୍କ ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯିବା ପାଇଁ ସ୍ଥିର ହୋଇଥିଲା। ଏନେଇ ଆଲୋକ, ପାନୀୟଜଳ, ଫାଷ୍ଟେଡ୍ ସୁବିଧା, ପରିମଳ ବ୍ୟବସ୍ଥା କରାଯିବା ସହ ରାସ୍ତାଘାଟ ପରିଷ୍କାର କରାଯାଇ ଆଇନଶୃଙ୍ଖଳା ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ମାତ୍ର ଦୂରଦୃଷ୍ଟିର ଅଭାବ ଯୋଗୁ ଉକ୍ତ କେନାଲ ବନ୍ଧ ରାସ୍ତା ସଫା କରାଯାଇନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହାଛଡ଼ା ପୀଠ ପରିସର ଚତୁଃପାର୍ଶ୍ୱରେ ଥିବା ଆବର୍ଜନାକୁ ପରିଷ୍କାର ଭାବେ ସଫା କରାଯାଇଥିଲେ, ବର୍ଷା ହେଲେବି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇନଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଆଗକୁ ଆଉ ଦୁଇଟି ସୋମବାର ଥିବାରୁ କାଉଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ପୀଠ ପ୍ରଶାସନ ଏଥିପ୍ରତି ସଚେତନ ହେବା ସହ ଆଗକୁ ଯୁଧକାଳୀନ ଭିତ୍ତିରେ ଏସବୁ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା କୁହନ୍ତି, ରାସ୍ତାଘାଟ ସଫା ପାଇଁ ମେଶିନ ବ୍ୟବସ୍ଥା ହୋଇଥିଲା। ଏସବୁ ଅସୁବିଧା ସମସ୍ୟା ସମ୍ପର୍କରେ ପୁନର୍ବାର ଦୃଷ୍ଟି ଦିଆଯାଇ ତୁରନ୍ତ ପଦକ୍ଷେପ ନିଆଯିବ।

ରୁକୁଟିପାଟରେ ହେଟାବାଘ

ଚଣ୍ଡିଖୋଲ, ୨୪।୭ (ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଡାଲିଯୋଡା ବନାଞ୍ଚଳ ଅଧୀନ ବାଲିଚନ୍ଦ୍ରପୁର ପଞ୍ଚାୟତର ରୁକୁଟିପାଟ ଗ୍ରାମରେ ରବିବାର ରାତିରେ ଏକ ହେଟାବାଘ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହେବା ସହ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛନ୍ତି। ହେଲେ ହେଟାବାଘର ପତ୍ତା ମିଳିନାହିଁ। ଗ୍ରାମବାସୀଙ୍କ କହିବାନୁଯାୟୀ, ରୁକୁଟିପାଟ ଗ୍ରାମଦେଇ ଯାଇଥିବା ହରିଦାସପୁର– ପାରାଦୀପ ରେଳପଥ କଡ଼ରେ ଏକ ହେଟାବାଘ ବୁଲୁଥିବାର ସେମାନେ ଦେଖିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରା କୁହନ୍ତି, ଆସିହା ଜଙ୍ଗଲରୁ ଏକ ହେଟାବାଘ ରୁକୁଟିପାଟ ଗ୍ରାମ ମଧ୍ୟକୁ ପଶି ଆସିଛି। ଏନେଇ ଖୋଜାଖୋଜି ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ହେଟାବାଘର କୌଣସି ପତ୍ତା ମିଳିନାହିଁ। ତେବେ ଅଞ୍ଚଳରେ ହେଟାବାଘ ବୁଲୁଥିବାରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ବାନାମ୍ବର ଘାଟରୁ କାଉଡିଆମାନେ ପାଣି ଉଠାଉଛନ୍ତି।

ବାନାମ୍ବର ଘାଟରୁ ପାଣି ଉଠାଇଲେ ୧୦ ହଜାର କାଉଡ଼ିଆ

ରଘୁନାଥପୁର, ୨୪।୭(ଡି.ଏନ୍.ଏ.)

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳ ଲାଗି ପାଇଁ କାଉଡ଼ିଆଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏନେଇ ରଘୁନାଥପୁର ବ୍ଲକ ତାରପୁରସ୍ଥିତ ମହାନଦୀ କୂଳ ବାନାମ୍ବର ଘାଟରୁ ପ୍ରାୟ ୧୦ ହଜାର କାଉଡ଼ିଆ ପାଣିଭାର ନେଇ ଯାତ୍ରା ଆରମ୍ଭ କରିଛନ୍ତି। ପୂର୍ବାହ୍ନରୁ ଘାଟକୁ କାଉଡ଼ିଆଙ୍କ ଆଗମନ ହୋଇଥିଲା। ଏଠାରୁ ପାଣି ନେଇ କାଉଡ଼ିଆମାନେ ଗୋରେଖନାଥ, ଅଷ୍ଟଶମ୍ଭୁ, ସ୍ୱପ୍ନେଶ୍ୱର, ଇଶାଣେଶ୍ୱର, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ପଞ୍ଚଲିଙ୍ଗେଶ୍ୱର ଆଦି ଶୈବପୀଠକୁ ଯାତ୍ରା କରିଛନ୍ତି। ସ୍ଥାନୀୟ ଲୋକେ ଏଠାରେ ଉପସ୍ଥିତ ରହି କାଉଡ଼ିଆଙ୍କୁ ସହଯୋଗ କରିଥିବାବେଳେ ରଘୁନାଥପୁର ପୋଲିସ ଆଇନ ଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ ଥିଲେ। ଏନେଇ ରଘୁନାଥପୁରଠାରୁ ଜଇପୁର ଛକ ଦେଇ ତିର୍ତ୍ତୋଲ ପର୍ଯ୍ୟନ୍ତ ପ୍ରାୟ ୨୫ କି.ମି. ରାସ୍ତାରେ ଟ୍ରାଫିକ ଜାମ ହୋଇଥିଲା। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ଷ୍ଟଲ ଖୋଲି କାଉଡ଼ିଆଙ୍କ ପାଇଁ ଖାଦ୍ୟପେୟର ଆୟୋଜନ କରିଥିଲେ।

ବୃକ୍ଷ ହିଁ ପରିବେଶର ସୁରକ୍ଷା କବଚ

ତିର୍ତ୍ତୋଲ, ୨୪।୭ (ଡି.ଏନ.ଏ.)

ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ

ଦିନକୁ ଦିନ ପରିବେଶର ଅସନ୍ତୁଳନ କାରଣରୁ ପ୍ରଦୂଷିତ ହେବା ସହ ମାନବ ସମାଜ ଲାଗି ବିପଦ ସୃଷ୍ଟି କରୁଛି। କେବଳ ବୃକ୍ଷ ହିଁ ପରିବେଶର ସୁରକ୍ଷା କବଚ ହୋଇପାରିବ ବୋଲି ବକ୍ତାମାନେ କହିବା ସହ ଏଥିପାଇଁ ଗଛ ନ କାଟି ଅଧିକ ଚାରା ଲଗାଇବା ଲାଗି ଆହ୍ୱାନ ଦେଇଛନ୍ତି। ତିର୍ତ୍ତୋଲ ବ୍ଲକ ଅଧୀନ ତଅଁରାସ୍ଥିତ ତୀର୍ଥମଠ ପରିସରରେ ରବିବାର ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମକୁ ଦିବ୍ୟଜ୍ୟୋତି ମହାରାଜ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଭାରେ ଶିକ୍ଷାବିତ୍ ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଲୋକନାଥ ବଡ଼ପଣ୍ଡା, ସମ୍ମାନୀତ ଅତିଥି ଜିଲା ରେଡ଼କ୍ରସ ତ୍ରିଲୋଚନ ସାହୁ, ଡ. ସୁଶିଲ କୁମାର ପଟ୍ଟନାୟକ, ଖବରଦାତା ଶୁଶିଲ କୁମାର ମହାନ୍ତି, ମହେଶ୍ୱର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ନାୟକ, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚିତ କରାଇଥିଲେ। ଅନୁଷ୍ଠାନରେ ସଭାପତି ପ୍ରେମ ଚରଣ ରାଉତ, ରାଜ୍ୟ ସଂଯୋଜକ ନଗେନ୍ଦ୍ରନାଥ ସ୍ୱାଇଁ , ବିଭୂଶିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଠ ପରିଚାଳକ ବିଭୂତି ଭୂଷଣ ଦାସ, ପୂର୍ବତନ ସରପଞ୍ଚ ବିଜୟ କୁମାର ଖୁଣ୍ଟିଆ, ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଆଇନଜୀବୀ ସୁଧିର ଖୁଣ୍ଟିଆ, ପ୍ରଫୁଲ୍ଲ ଦାସ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଂଗ୍ରାମ କେଶରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ ପରିବେଶବିତ୍ ଓ ପରିବେଶ ସୁରକ୍ଷା ଲାଗି କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶୁଭଶ୍ରୀ ସାହିତ୍ୟ ସଂସଦର କର୍ମକର୍ତ୍ତା ଓ ଅନ୍ୟମାନେ।

ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ପ୍ରଶିକ୍ଷଣ କେନ୍ଦ୍ରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ତିର୍ତ୍ତୋଲ, ୨୪।୭ (ଡି.ଏନ.ଏ.)

ତିର୍ତ୍ତୋଲସ୍ଥିତ କୁମାର ଉତ୍ସବ ସମିତି କାର୍ଯ୍ୟାଳୟ ପରିସରରେ ରବିବାର କୁମାର ଉତ୍ସବ ସମିତି କଳା ସାହିତ୍ୟ ପକ୍ଷରୁ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ରତୁପର୍ଣ୍ଣା କଳା ସାହିତ୍ୟ ପରିଷଦ ସହ ଅନୁବନ୍ଧିତ ହୋଇ ଏହି କେନ୍ଦ୍ର କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଥିଲା। ରତୁପର୍ଣ୍ଣା କଳା ସାହିତ୍ୟ ପରିଷଦର ନିର୍ଦ୍ଦେଶିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ନାଟ୍ୟକାର ବୁଟୁ ପ୍ରଧାନ, ନୃତ୍ୟ ପ୍ରଶିକ୍ଷକ କାଜଲ ରାଓ, ରାକେଶ ମହାପାତ୍ର, ପ୍ରଶାନ୍ତ ମହାନ୍ତି, ସଞ୍ଜୟ ମହାପାତ୍ର, ଅରୁଣ ମହାନ୍ତି, ନବକିଶୋର ମହାପାତ୍ର, କର୍ମକର୍ତ୍ତା, ସଭ୍ୟ, କଳାକାର ଓ ନୃତ୍ୟଶିଳ୍ପୀମାନେ ଯୋଗ ଦେଇଥିଲେ। ଶେଷରେ ବିଭୁସୀତା ଦାସ ଧନ୍ୟବାଦ ଦେଇଥିଲେ।

ଖଟିଖିଆ, ମେହନତି ମଣିଷଙ୍କ ନେତା ଥିଲେ ବଂଶୀଧର

ବିରିଡି, ୨୪।୭(ଡି.ଏନ.ଏ)

ସ୍ୱର୍ଗତ ବଂଶୀଧର ଦାସ ଥିଲେ ସାମ୍ୟବାଦୀ ନେତା। ସେ ଖଟିଖିଆ, ମଜୁରିଆ ଓ ମେହନତି ମଣିଷଙ୍କ ନେତା ଥିଲେ। ସେମାନଙ୍କ ନ୍ୟାଯ୍ୟ ଦାବି ପାଇଁ ବଂଶୀଧର ଅହରହ ସଂଗ୍ରାମ କରୁଥିଲେ ବୋଲି ରବିବାର ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି କିଟ୍ ଏବଂ କିମ୍‌ସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଡ. ଅଚ୍ୟୁତ ସାମନ୍ତ କହିଛନ୍ତି।

ବିରିଡି ବ୍ଲକ ୨୨ମୌଜା ଚାଷିଖଣ୍ଡ ବଂଶୀଧର ଦାସ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ପରିଷଦର ସଭାପତି ଅରୁଣ କୁମାର ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ, ବଂଶୀଧର ଦାସ ଏକାଧାରରେ ଜଣେ ସ୍ତମ୍ଭକାର ଓ ଶିକ୍ଷାବିତ୍ ହେବା ସହ ଦଳିତ ଓ ପଛୁଆବର୍ଗ ଲୋକଙ୍କ ଉନ୍ନତି ଛାହୁଁଥିଲେ । ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇଥିବାବେଳେ ମୁଖ୍ୟ ପୁରୋଧା ଭାବେ ଓଡ଼ିଶା ମାନବିକ ଅଧିକାର କମିଶନ ସଦସ୍ୟ ଅସିମ ଅମିତାଭ ଦାସ ଉପସ୍ଥିତ ଥିଲେ।

ବଂଶୀଧର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ବାମପନ୍ଥୀ ନେତା ଅଜୟ ରାଉତ, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ସିପିଆଇଏମ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଆଡଭୋକେଟ ମିଲନ କାନୁନ୍‌ଗୋ, ଓଡିଶା ହାଇକୋର୍ଟ ବାର ଆସୋସିଏଶନର ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ଯୋଗଦେଇଥିଲେ। ସଭାରେ ଜିଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ ଅତିଥି ପରିଚୟ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ବିଭୂତି ରାୟ ବିବରଣୀ ପାଠ କରିଥିଲେ।

'ଶିଶୁ ସୁରକ୍ଷା ସହ ବିକାଶକୁ ସୁନିଶ୍ଚିତ କର'

ଶିଶୁ ପାଇଁ ଦିନଟିଏ

- ୭୯୨କୁ ଆଶୀର୍ବାଦ ଓ ୩୬ ଜଣଙ୍କୁ ପୁଷ୍ଟପୋଷକ ସହାୟତା
- ୧୦୩ ଜଣଙ୍କୁ ଆନୁଷ୍ଠାନିକ ଯତ୍ନ ଯୋଜନାରେ ସାମିଲ

ଜଗତ୍‌ସିଂହପୁର ଅଫିସ, ୨୪।୭

ଏହି ପରିପ୍ରେକ୍ଷୀରେ ଚଳିତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବ୍ଲକର ୧୧ଜଣ ମେଧାବୀ ଛାତ୍ରୀଛାତ୍ର ଓ ବତୀମିରାର ପ୍ରଧାନ ଆଚାର୍ଯ୍ୟା ଶୁଭାସିନୀ ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପରିଷଦର କୋଷାଧ୍ୟକ୍ଷ ଦିଲୀପ କୁମାର ସ୍ୱାଇଁ, ସମ୍ପାଦିକା ଡ. ଭାରତୀ ବେହେରା, କବି ଡା. ଶୁଭକୁମାର ଦାଶ, ସଭ୍ୟ ଦୀପକ ଆଚାର୍ଯ୍ୟ, ବାମଦେବ ସ୍ୱାଇଁ, ପ୍ରବୋଧ ତ୍ରିପାଠୀ, ଦେବୀପ୍ରସାଦ ତ୍ରିପାଠୀ, ଲୋଭାକାନ୍ତ ସ୍ୱାଇଁ ଓ କିଶୋର ପାଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଶେଷରେ ସରପଞ୍ଚ ଯୁଧିଷ୍ଠିର ବେହେରା ଧନ୍ୟବାଦ ଦେଇଥିଲେ । ଶିଶୁମାନଙ୍କ ଅଧିକାର ତଥା ସୁରକ୍ଷା ସହ ବିକାଶକୁ ସୁନିଶ୍ଚିତ କରିବାକୁ ପଡ଼ିବ।

ଜେଡ୍ ବ୍ଲାକ୍ ପକ୍ଷରୁ ସିଆନ୍ ଧୂପକାଠି ଓ ଦୀପ୍ ସିରିଜ ଉନ୍ମୋଚିତ

'ଜେଡ୍ ବ୍ଲାକର ଓଡିଆ ଫ୍ଲାଗ୍‌ଶିପ୍ ରେଞ୍ଜ୍‌କୁ କମ୍ପାନୀର ଓଡ଼ିଶା ବ୍ରାଣ୍ଡ ଆମ୍ବାସାଡର ବର୍ଷା ପ୍ରିୟଦର୍ଶିନୀ,ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଇଂ. ଅଂଶୁଲ୍ ଅଗ୍ରୱାଲ ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୨୪।୭

ଦେଶର ପ୍ରମୁଖ ଧୂପକାଠି ନିର୍ମାତା ମହୀଶୂର ଦୀପ୍ ପର୍ଫ୍ୟୁମେରୀ ହାଉସ(ଏମ୍‌ଡିପିଏଚ୍)ର ଫ୍ଲାଗ୍‌ଶିପ୍ ଅଗରବତି ବ୍ରାଣ୍ଡ 'ଜେଡ୍ ବ୍ଲାକ୍' ପକ୍ଷରୁ ଓଡ଼ିଶାର ପୁରୀ ସହରରେ ଏହାର ସିଆନ୍ ସିରିଜ୍ ଓ ଜେଡ୍ ବ୍ଲାକ୍ ଓଡ଼ିଆ ରେଞ୍ଜ୍ ଧୂପକାଠିର ଶୁଭାରମ୍ଭ କରାଯାଇଛି। ଓଲିଉଡ୍ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ,ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଇଂ. ଅଂଶୁଲ୍ ଅଗ୍ରୱାଲ ଏବଂ ଓ୍ୱର୍‌ୟ ଆଇବିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆନନ୍ଦ ଓ୍ୱର୍‌ୟ ପ୍ରମୁଖଙ୍କ ଉପସ୍ଥିତିରେ କମ୍ପାନୀର ବିଭିନ୍ନ ଉତ୍ପାଦର ଉନ୍ମୋଚନ କରାଯାଇଥିଲା। ଦେଶର ଶୀର୍ଷ ୩ ଅଗରବତି ନିର୍ମାତା ମଧ୍ୟରୁ ଅନ୍ୟତମ ଏହି କମ୍ପାନୀ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ସହ ଏହାର ବିତରଣ ନେଟ୍‌ୱର୍କକୁ ବିସ୍ତାର ଲାଗି ନିବେଶ ମଧ୍ୟ କରୁଛି। ଏହି ନୂଆ ରେଞ୍ଜ୍‌ର ସିଆନ୍ ଧୂପକାଠିକୁ ୫ଟି ଆକର୍ଷଣୀୟ ସୁଗନ୍ଧ ଯେପରିକି ଇଭୋରି, ମାରାଇନ୍, ମ୍ୟାରିଗୋଲ୍ଡ, ରୋଜ୍ ଓ ଲାଭେଣ୍ଡରର ଶୁଭାରମ୍ଭ କରାଯାଇଛି। ସିଆନ୍ ହେଉଛି ଜେଡ୍ ବ୍ଲାକ୍‌ର ନୂଆ ସର୍ବଭାରତୀୟ ଫ୍ଲାଗ୍‌ଶିପ୍ ସିରିଜ୍। ଏହା ପାରମ୍ପରିକ ଗୋଲାପଠାରୁ ଆରମ୍ଭକରି ଲାଭେଣ୍ଡର ସୁଗନ୍ଧ ଭଳି ବିବିଧ ସୁଗନ୍ଧ ରେଞ୍ଜ୍ ସହ ଭାରତୀୟ ଘରଗୁଡ଼ିକର ପୂଜା ଅନୁଭୂତିକୁ ସମୃଦ୍ଧ କରିବା ଲାଗି ଦେଶର ବିବିଧ ସଂସ୍କୃତିକୁ ପାଳନ କରୁଛି ବୋଲି ଅଂଶୁଲ୍ ମତବ୍ୟକ୍ତ କରିଛନ୍ତି।

ଆଇଟି ଷ୍ଟାର୍ଟଅପ୍ 'ଉବଲ୍' ଶୁଭାରମ୍ଭ

ଭୁବନେଶ୍ୱର୨୪।୭

ସରକାରଙ୍କ ଷ୍ଟାର୍ଟଅପ୍ ଯୋଜନା ମାଧ୍ୟମରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଇଟି ଷ୍ଟାର୍ଟଅପ୍ 'ଉବଲ୍' ନିକଟରେ ସ୍ଥାନୀୟ ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ ହବ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ୍ ବିଭାଗର ଅନୁମୋଦନକ୍ରମେ ଯୁବ ଇଞ୍ଜିନିୟରମାନେ ଏଭଳି କିଛି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଟିମ୍ ହାଇଟେକର ଫାଉଣ୍ଡର ଉଦ୍ୟୋଗପତି ରାଜେନ୍ଦ୍ର ଜୟସ୍ୱାଲ୍, ଲୋକପ୍ରିୟ ଷ୍ଟୋରି ଟେଲର୍ ମୀରା ଦାସ, ନିସ୍ ଭୁବନେଶ୍ୱର ଡେପୁଟି ଡାଇରେକ୍ଟର ଦୁଗ୍ଧଞ୍ଚ ପଟ୍ଟନାୟକ, ଷ୍ଟାର୍ଟଅପ୍ ଓଡ଼ିଶାର ଡ. ସଞ୍ଜୁକ୍ତା ବଢ଼ାଇ, କିଟ୍ ୟୁନିଭରସିଟିର ଡ. ଶ୍ୟାମ ସୁନ୍ଦର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ଇଣ୍ଟରନେଟ ଯୁଗରେ ନିଜ ଭିତରେ ଥିବା ପ୍ରତିଭାକୁ ପ୍ରଚାର ପ୍ରସାର କରିବା ସହ ଯୁବବର୍ଗଙ୍କୁ ଆତ୍ମନିର୍ଭର କରାଇବା ପାଇଁ ଉବ୍‌ଲେ ସର୍ଭିସ ଅନେକ ସହଜ ଓ ସରଳ ଉପାୟ ଆଣିଛି। ଏପରିକି ଭାରତର ପ୍ରଥମ ଆତ୍ମନିର୍ଭରଶୀଳଭିତ୍ତିକ ଓ୍ୱେବସାଇଟ୍ 'ଉବଲ୍' ଡଟ୍ ଓଆରଜିର ଲୋକାର୍ପଣ ମହାଆଡମ୍ବର ସହକାରେ ହୋଇଯାଇଛି। ଏହି ସାଇଟ୍ ମାଧ୍ୟମରେ ନିଜ ଭିତରେ ଥିବା ଦକ୍ଷତା ଓ ପ୍ରତିଭାକୁ ଆପଣ ଘରେ ବସି ସାରାବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇପାରିବେ, ଯାହା ବଜାରରେ ନୂଆ ଆତ୍ମନିଯୁକ୍ତିର ଚାହିଦାକୁ ପୂରଣ କରିବାରେ ବେଶ୍ ସହାୟକ ହେବ ବୋଲି 'ଉବଲ୍'ର ସିଇଓ ଆକାଶ ଜୟସ୍ୱାଲ୍ କହିଛନ୍ତି। ଏହି ଓ୍ୱେବସାଇଟ୍ ଭାରତ ସରକାରଙ୍କ ଆଇଏସଓ ସାର୍ଟିଫିକେଟ୍ ଅନୁମୋଦନ ହାସଲ କରିବା ସହ ବହୁ ଅନୁଭବୀ ଆଇଟି ଟେକ୍ନିକାଲ ଟିମ୍‌ଙ୍କ ପରିଚାଳାନରେ କାର୍ଯ୍ୟରତ ବୋଲି କମ୍ପାନୀର ଷ୍ଟାର୍ଟେଜିଷ୍ଟ ରିସର୍ଚ୍ଚର ସିଦ୍ଧି ସିଂହ ସୂଚନା ଦେଇଛନ୍ତି।

ଗୁଣାତ୍ମକ ସାମଗ୍ରୀ ଓ ଗ୍ରାହକ ଚାହିଦା ପୂରଣକୁ ଗୁରୁତ୍ୱ

ସାରା ଦେଶ ଏପରିକି ବିଦେଶରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା 'ଜେଡ୍ ବ୍ଲାକ୍' ଅଗରବତି ଉତ୍ପାଦ ଏକ ଭିନ୍ନ ପରିଭାଷାରେ ବ୍ୟବସାୟ କରିଥାଏ। ବହୁ ସଂଘର୍ଷ ଓ ସଙ୍ଗଠିତ ଉପାୟରେ ନିଜକୁ ବଜାରରେ ପ୍ରତିଷ୍ଠିତ କରାଇ ଉପଭୋକ୍ତାଙ୍କ ବିଶ୍ୱାସଭାଜନ ହୋଇଥିବା 'ଜେଡ୍ ବ୍ଲାକ୍' ମୁଖ୍ୟତଃ ଗୁଣାତ୍ମକ ସାମଗ୍ରୀ ଓ ଗ୍ରାହକ ଚାହିଦା ପୂରଣକୁ ଗୁରୁତ୍ୱ ଦେଇଆସିଛି। ବିଶେଷକରି ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ 'ଆଇଆଇଟି'ରୁ ଉଚ୍ଚତର ଶିକ୍ଷା ଶେଷ କରି ପାରିବାରିକ ବ୍ୟବସାୟରେ ପ୍ରବେଶ କରିବା ସହ କିଛି ବର୍ଷର କାର୍ଯ୍ୟଦକ୍ଷତା ଓ ଦୃଢ଼ ମନୋବଳ ଯୋଗୁ ଏକ କ୍ଷୁଦ୍ର ପ୍ରତିଷ୍ଠାନକୁ ବୃହତ୍ ବ୍ୟବସାୟିକ ସଂସ୍ଥାରେ ପରିଣତ କରିଥିବା ଯୁବ ଶିଳ୍ପୋଦ୍ୟୋଗୀ ତଥା ମହୀଶୂର ଦୀପ୍ ପର୍ଫ୍ୟୁମେରୀ ହାଉସ (ଏମ୍‌ଡିପିଏଚ୍) ର ନିର୍ଦ୍ଦେଶକ ଇଂ. ଅଂଶୁଲ୍ ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର...

ଇଂ. ଅଂଶୁଲ୍ ଅଗ୍ରୱାଲ

➥ଆଇଆଇଟିରୁ ଅଗରବତି ବ୍ୟବସାୟର ଯାତ୍ରା କିଭଳି ରହିଥିଲା?

➢ମୁଁ ସ୍କୁଲରେ ପଢ଼ିବା ସମୟରେ ମୋ ବାପା ଅଗରବତି ବ୍ୟବସାୟ କରୁଥିଲେ। ୧୯୯୨ରୁ ଇନ୍ଦୋର ସହରରେ ଆମର ଅଗରବତି ବ୍ୟବସାୟ ଥିଲା। ମୁଁ ୨୦୦୮ରେ ଆଇଆଇଟି ଦିଲ୍ଲୀରୁ ଉଚ୍ଚଶିକ୍ଷା ଶେଷକରି କିଛି ବର୍ଷ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଘରୋଇ କମ୍ପାନୀରେ କାର୍ଯ୍ୟ କରିଥିଲି। ଏପରିକି ନିଜର କାର୍ଯ୍ୟଦକ୍ଷତା ଅଭିବୃଦ୍ଧି ସହ ବ୍ୟବସାୟିକ ଜ୍ଞାନ ଆହୋରଣ କରି ୨୦୧୧ରେ ନିଜର ପାରିବାରିକ ବ୍ୟବସାୟରେ ଯୋଗ ଦେଇଥିଲି। ନିଜର କଠିନ ପରିଶ୍ରମ ଓ କାର୍ଯ୍ୟଦକ୍ଷତା ଯୋଗୁ ଏକ କ୍ଷୁଦ୍ର ସଂସ୍ଥାକୁ ବୃହତ୍ ପ୍ରତିଷ୍ଠାନରେ ସମସ୍ତଙ୍କ ସହଯୋଗରେ ପରିଣତ କରିପାରିଛି। ଦୀର୍ଘ ୩୦ ବର୍ଷ ମଧ୍ୟରେ କମ୍ପାନୀ ଅନେକ ସଂଘର୍ଷ ଓ ସଂଗଠିତ ଭାବେ କାର୍ଯ୍ୟକରି ଆଜି ଅନେକ ସଫଳତା ହାସଲ କରିଛି। ଆଗକୁ ମଧ୍ୟ ଏହି ସଫଳତା ଜାରି ରଖିବା ପାଇଁ ଏକ ପରିବାର ଭଳି ବ୍ୟବସାୟକୁ ପରିଚୟ ଦେଇ ଚାଲିଛୁ।

➥କମ୍ପାନୀର ଆଗାମୀ ଯୋଜନା କ'ଣ ରହିଛି, ବିଶେଷ କରି ଓଡ଼ିଶା ବଜାର ପାଇଁ କି ପଦକ୍ଷେପ ନେଇଛନ୍ତି?

➢ କମ୍ପାନୀ ବର୍ତ୍ତମାନ ସାରା ଦେଶରେ ୩ ନମ୍ବର ଅଗରବତି ନିର୍ମାତା ଭାବେ ସ୍ୱୀକୃତି ଲାଭ କରିଛି। ଆଗକୁ ଏହା କିଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଅନେକ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରାଯାଇଛି। ବିଶେଷକରି କାରଖାନାର ସମ୍ପ୍ରସାରଣ ଓ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପ୍ରମୁଖ ରହିଛି। ସେହିଭଳି ଓଡ଼ିଶା ବଜାର ପାଇଁ ମଧ୍ୟ ଅନେକ ଯୋଜନା ଓ ପଦକ୍ଷେପ ହାତକୁ ନିଆଯାଇଛି। ବିଶେଷକରି କମ୍ପାନୀର କଟକ କାରଖାନା (ୟୁନିଟ୍)ର ସମ୍ପ୍ରସାରଣ ସାଙ୍ଗକୁ କର୍ମଚାରୀ ସଂଖ୍ୟା ବୃଦ୍ଧି , ନୂତନ ଉତ୍ପାଦର ବଜାର ପ୍ରବେଶ ଭଳି ପ୍ରମୁଖ କାର୍ଯ୍ୟ କରାଯିବ। ଅପରପକ୍ଷରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧୦୦ ବଦଳରେ ୨୫୦ ମହିଳାଙ୍କୁ ଆଗାମୀ ଦିନରେ ନିଯୁକ୍ତି ଦିଆଯିବ।

➥ଜେଡ୍ ବ୍ଲାକ୍‌ର ବିଶେଷତ୍ୱ କ'ଣ, କାହିଁକି ଗ୍ରାହକ ଜେଡ୍ ବ୍ଲାକ୍‌କୁ ଅଗ୍ରାଧିକାର ଦେବେ?

➢ଜେଡ୍ ବ୍ଲାକ୍‌ରେ ଅନେକ ବିଶେଷତ୍ୱ ରହିଛି। ଯେପରି ଏହାର ସମସ୍ତ ଉତ୍ପାଦ ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଇଥାଏ। ଫଳରେ ଏହାର ସୁଗନ୍ଧ ଅନ୍ୟ କମ୍ପାନୀର ଉତ୍ପାଦଠାରୁ ଭିନ୍ନ ଓ ବେଶି ସମୟ ରହିଥାଏ। ସେହିପରି ଜେଡ୍ ବ୍ଲାକ୍‌ରେ ଗୁଣାତ୍ମକ ସାମଗ୍ରୀର ଏକ ବୃହତ ସମ୍ମିଶ୍ରଣ କରାଯାଇ ନୂଆ ନୂଆ ଉତ୍ପାଦ ବଜାରକୁ ଛଡାଯାଇଥାଏ। ଯାହା ଅନ୍ୟ କୌଣସି କମ୍ପାନୀର ପ୍ରଡକ୍ଟରେ ଦେଖିବାକୁ ମିଳେନାହିଁ। ଯେହେତୁ ଏହା ଉପଭୋକ୍ତାଙ୍କ ଭାବାବେଗ ଓ ଠାକୁରଙ୍କ କାର୍ଯ୍ୟରେ ସିଂହଭାଗ ବ୍ୟବହାର ହୋଇଥାଏ ସେଥିପାଇଁ ଗ୍ରାହକଙ୍କ ବିଶ୍ୱାସଭାଜନ ଓ ଚାହିଦ ପୂରଣ ପାଇଁ କମ୍ପାନୀ ଗୁଣାତ୍ମକ ସାମଗ୍ରୀ ଓ ଗ୍ରହକ ଚାହିଦା ପୂରଣକୁ ଗୁରୁତ୍ୱ ଦେଇଥାଏ। ସେଥିପାଇଁ ଭାରତୀୟ ଗ୍ରାହକଙ୍କ ସର୍ବାଧିକ ଓ ଅଗ୍ରାଧିକାର ରହିଥାଏ। ଯେଉଁମାନେ ଥରେ ଏହାର ପ୍ରଡକ୍ଟକୁ ବ୍ୟବହାର କରିଛନ୍ତି ସେମାନେ କେବେହେଲେ ଅନ୍ୟ କୌଣସି କମ୍ପାନୀର ପ୍ରଡକ୍ଟ ବ୍ୟବହାର କରିବେ ନାହିଁ।

➥ଓଡ଼ିଶା ବଜାରକୁ କିଭଳି ଦେଖୁଛନ୍ତି, ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସାମ୍ନା କରିବା ପାଇଁ କ'ଣ ଯୋଜନା କରିଛନ୍ତି?

➢କମ୍ପାନୀ ପାଇଁ ଓଡ଼ିଶା ହେଉଛି ଏକ ପ୍ରମୁଖ ବଜାର, କାରଣ ଓଡ଼ିଶାରେ ବାରମାସରେ ତେର ପୂଜା ପଡିଥାଏ। ବିଶେଷକରି ଓଡ଼ିଶା ହେଉଛି ଏକ ପାର୍ବଣ ଓ ସଂସ୍କୃତିସମ୍ପନ୍ନ ରାଜ୍ୟ, ସେଥିପାଇଁ କମ୍ପାନୀ ତା'ର ସ୍ଥାନୀୟ ୟୁନିଟରୁ ବିଭିନ୍ନ ସମୟରେ ଭିନ୍ନ ସୁଗନ୍ଧର ଉତ୍ପାଦକୁ ବଜାର ପ୍ରବେଶ କରାଇଥାଏ। ସେହିଭଳି ବଜାର ଲିଡର ହେବା ପାଇଁ ୧୨୫ରୁ ଊର୍ଦ୍ଧ୍ୱ ସହର ସାଙ୍ଗକୁ ଗ୍ରାମାଞ୍ଚଳର ଶେଷ ମୁଣ୍ଡରେ ଥିବା ଗାଁର ପ୍ରମୁଖ ବ୍ୟବସାୟିକ ଅନୁଷ୍ଠାନ ସହ ସମ୍ପର୍କ ପ୍ରତିଷ୍ଠା ଓ ପ୍ରଡକ୍ଟ ଉପଲବ୍ଧକୁ ଶତ ପ୍ରତିଶତ କରିଥାଏ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱୀ ସବୁ ସମୟରେ ରହିଥାନ୍ତି, ହେଲେ ପ୍ରତିଦ୍ୱନ୍ଦ୍ୱୀଙ୍କ ପଛରେ ରଖି ପ୍ରଡକ୍ଟ ଓ ଗ୍ରାହକ ସମ୍ପର୍କକୁ ଗୁରୁତ୍ୱ ଦେବା ଆବଶ୍ୟକ। ବିନା ଗ୍ରାହକରେ ବ୍ୟବସାୟ କରିବା କଷ୍ଟକର ହୋଇଥାଏ।

➥ବ୍ୟବସାୟିକ ବୃଦ୍ଧି ପାଇଁ କ'ଣ ସବୁ ଯୋଜନା ଆପଣେଇଛନ୍ତି?

➢କମ୍ପାନୀର ବ୍ୟବସାୟରେ ଅଭିବୃଦ୍ଧି ପାଇଁ ସବୁ ସ୍ତରରେ ଯୋଜନା କରାଯାଉଛି। ଯେପରି ଗ୍ରାହକଙ୍କ ନିକଟତର ହେବା ପାଇଁ ପ୍ରତି ବର୍ଷ, ଏପରିକି ବିଶେଷ ପର୍ବପର୍ବାଣିରେ ନୂତନ ଉତ୍ପାଦ ପ୍ରସ୍ତୁତି ସାଙ୍ଗକୁ ବିଭିନ୍ନ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବାର ବୃହତ ଯୋଜନା ରହିଛି। ସେହିଭଳି ସ୍ଥାନୀୟ ପ୍ରତିଭାଙ୍କୁ ନେଇ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡାର କରାଇବା ସହ ପ୍ରଡକ୍ଟର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ବିଶେଷ କରି ଓଡ଼ିଶା କ୍ଷେତ୍ର ପାଇଁ ଓଲିଉଡ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରୁଥିବା ବେଳେ ଜାତୀୟସ୍ତର ପାଇଁ ଭାରତୀୟ କ୍ରିକେଟ୍‌ର ମହେନ୍ଦ୍ର ସିଂହ ଧୋନୀ,ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରୁଛନ୍ତି।

➥ଅବସର ସମୟରେ କ'ଣ କରିବାକୁ ପସନ୍ଦ କରିଥାନ୍ତି ?

➢ବ୍ୟବସାୟ ପାଇଁ ବ୍ୟବସାୟୀ ହୋଇଗଲା ପରେ ଅବସର ସମୟ କମ୍ ମିଳିଥାଏ। ତା ଭିତରୁ କିଛି ସମୟ ପରିବାର ପରିଜନଙ୍କୁ ମଧ୍ୟ ଦେବାକୁ ପଡିଥାଏ। ବାକି ସମୟ ବ୍ୟବସାୟିକ ଆଲୋଚନ ଚକ୍ରରେ ବକ୍ତା ଭାବେ ଯୋଗଦେବା, ସାଙ୍ଗସାଥୀଙ୍କ ସହ ପରିଭ୍ରମଣ କରିବା ଖବର ସହ ଯୋଡି ରହିବା, ମାନସିକ ଅବସାଦରୁ ଦୂରେଇ ରହିବା ପାଇଁ ସଙ୍ଗୀତ ଓ ଶାନ୍ତ ପରିବେଶରେ ଜୀବନ ଅତିବାହିତ କରିବାକୁ ବହୁତ ଭଲ ଲାଗେ।

ଫୁଚର୍‌ସପ୍

ବୟସ ପାଇଁ ହାତଛଡ଼ା ହେଲା ୩୩ ଲକ୍ଷର ଚାକିରି

ନାଗପୁର



ମହାରାଷ୍ଟ୍ର ନାଗପୁରର ୧୫ ବର୍ଷୀୟ ବେଦାନ୍ତ ଦେଓକାଟେ ଆମେରିକାରେ ଆୟୋଜିତ ଓ୍ୱେବ୍ ଡେଭଲପ୍‌ମେଣ୍ଟ କମ୍ପିଟିଶନରେ ଯୋଗ ଦେଇଥିଲେ। ଦୁଇଦିନରେ ବେଦାନ୍ତ ୨,୦୬୬ ଲାଇନ୍‌ର କୋଡ୍ ଲେଖି ପ୍ରତିଯୋଗିତା ଜିତିଥିଲେ। ଏହାପରେ ନ୍ୟୁଜର୍ସିର ବିଜ୍ଞାପନ କମ୍ପାନୀର ଏର୍‌ଆର୍‌ଡି ଟିମ୍ ବେଦାନ୍ତଙ୍କୁ ବାର୍ଷିକ ୩୩ ଲକ୍ଷ ଟଙ୍କାର ଜବ୍ ଅଫର୍ କରିଥିଲେ। କିନ୍ତୁ ବେଦାନ୍ତଙ୍କ ବୟସ ମାତ୍ର ୧୫ ବର୍ଷ ବୋଲି ଜାଣିବା ପରେ ଆଡ୍ କମ୍ପାନୀ ଅଫର୍ ଫେରାଇ ନେଇଥିଲା। ଏଥିରେ ମୋଟ ୧ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ବେଦାନ୍ତ ବର୍ତ୍ତମାନ ୧୦ମ ଶ୍ରେଣୀରେ ପାଠ ପଢୁଛନ୍ତି। ତେବେ ବେଦାନ୍ତ ଆବଶ୍ୟକୀୟ ପାଠପଢ଼ା ସାରିବା ପରେ କମ୍ପାନୀ ସହ ଯୋଗାଯୋଗ କରିବା ନେଇ ଆଡ୍ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି । ମା'ଙ୍କ ଲାପ୍‌ଟପ୍‌ରେ ବେଦାନ୍ତ କୋଡିଂ ଅଭ୍ୟାସ କରୁଥିବାବେଳେ ଏ ନେଇ ସେ କୌଣସି ପ୍ରଶିକ୍ଷଣ ନେଇ ନ ଥିବା କହିଛନ୍ତି। ନାଗପୁରର ଏକ ଇଞ୍ଜିନିୟରିଂ କଲେଜରେ ବେଦାନ୍ତଙ୍କ ବାପା ରାଜେଶ ଏବଂ ମା' ଅଶ୍ୱିନୀ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରନ୍ତି। ଜବ୍ ଅଫର୍ ବିଷୟରେ ସେମାନେ କିଛି ଜାଣି ନ ଥିବା କହିଥିବାବେଳେ ସ୍କୁଲରୁ ଫୋନ୍ ଆସିବା ପରେ ସେ ଏ ବିଷୟରେ ଅବଗତ ହୋଇଥିବା କହିଛନ୍ତି ତାଙ୍କ ବାପା ରାଜେଶ।

ସ୍ତ୍ରୀ ପାଇଁ ୧୦୦ ଫୁଟ୍ ଟାୱାରରେ ଚଢ଼ିଲେ ସ୍ୱାମୀ

ମୁମ୍ବାଇ

ଘରୋଇ କଳହକୁ କେନ୍ଦ୍ର କରି ଦୀର୍ଘଦିନ ଧରି ସ୍ତ୍ରୀ ଶାଶୁଘର ଛାଡ଼ି ବାପ ଘରେ ଯାଇ ରହୁଥିଲେ। ତାଙ୍କୁ ନିଜ ପାଖକୁ ଫେରାଇ ଆଣିବା ପାଇଁ ସ୍ୱାମୀ ଗନପତ ବକଲ ବହୁ ପ୍ରଚେଷ୍ଟା କରିଥିଲେ ହେଁ ସ୍ତ୍ରୀ ତାଙ୍କ ପାଖକୁ ଫେରି ନ ଥିଲେ। ଘଟଣାଟି ମହାରାଷ୍ଟ୍ର ଜଲନା ଜିଲା ଦଧାଡି ଗ୍ରାମର। ତେବେ ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଗତ ଗୁରୁବାର ଗନପତ ନିଶାସକ୍ତ ଅବସ୍ଥାରେ ଶ୍ୱଶୁର ଘରେ ଯାଇ ପହଞ୍ଚିଥିଲେ। ନିଜ ସହ ସ୍ତ୍ରୀଙ୍କୁ ଘରକୁ ନେବା ପାଇଁ ବହୁ ବୁଝାଶୁଝା କରିଥିଲେ। ହେଲେ ସ୍ତ୍ରୀ ନିଜ ଜିଦ୍‌ରେ ଅଟଳ ଥିଲେ। ଯୁବକ ଜଣକ ରାଗିଯାଇ ଶ୍ୱଶୁର ଘର ନିକଟରେ ଥିବା ୧୦୦ ଫୁଟ ମୋବାଇଲ ଟାୱାରରେ ଚଢ଼ିଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ପୋଲିସକୁ ସୂଚନା ଦେବାପରେ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚିଥିଲା। ଗନପତ ଟାୱାରରୁ ଓହ୍ଲାଇବାକୁ ଅରାଜି ହୋଇଥିବାବେଳେ ପୋଲିସ ଯେତେବେଳେ ତାଙ୍କ ପାରିବାରିକ କଳହର ସମାଧାନ କରି ସ୍ତ୍ରୀଙ୍କୁ ତାଙ୍କ ସହ ପଠାଇବାର ପ୍ରତିଶ୍ରୁତି ଦେଲେ ସେତେବେଳେ ସେ ଟାୱାରରୁ ଓହ୍ଲାଇ ଥିଲେ। ପୋଲିସ ସୂଚନାନୁସାରେ ଦୀର୍ଘ ୪ ଘଣ୍ଟା ପର୍ଯ୍ୟନ୍ତ ଗନପତ ଟାୱାର ଉପରେ ଚଢ଼ି ରହିଥିଲେ।

ଡାକ୍ତର ନ ପାଇ ୧୩ଟି ଦାନ୍ତ ଉପାଡ଼ିଦେଲେ ମହିଳା

ଲଣ୍ଡନ: ବ୍ରିଟେନ୍‌ର ଜଣେ ମହିଳା ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍)ରେ ଦାନ୍ତ ଡାକ୍ତର ନ ପାଇବାରୁ ନିଜର ୧୩ଟି ଦାନ୍ତ ଉପାଡ଼ି ଦେଇଥିବା ଖବର ପ୍ରକାଶ ପାଇଛି। ୪୨ ବର୍ଷୀୟା ଡାନିଏଲ ୱାଙ୍ଗ କ୍ରୋନିକ୍ ଗମ୍ ରୋଗରେ ଆକ୍ରାନ୍ତ। ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ଲାଗି ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନ ଥିବା କାରଣରୁ ସେ ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ସ୍ଥାନୀୟ ଅଞ୍ଚଳରେ ଜଣେ ଦାନ୍ତ ଡାକ୍ତର ଥିବାବେଳେ ଗତ ୭ ବର୍ଷ ଧରି ସେ କାମ ବନ୍ଦ କରିଦେଇଛନ୍ତି। ବର୍ତ୍ତମାନ ୱାଙ୍ଗଙ୍କର ୧୪ଟି ଦାନ୍ତ ଥିବାବେଳେ ସେଥିରୁ ୮ଟି ବାହାର କଲା ପରେ ଯାଇ ସେ ଡେନ୍‌ଚର୍ସ ଫିଟ୍ କରିପାରିବେ । ଦାନ୍ତ ନ ଥିବା କାରଣରୁ ୱାଟ୍ ହସିବା ବନ୍ଦ କରି ଦେଇଥିବା କହିଛନ୍ତି। ଏଥିସହ ପ୍ରତ୍ୟେକ ଦିନ ସେ ପେନ୍ କିଲର ନେଉଥିବା କହିଛନ୍ତି। ନିଜ ଦାନ୍ତ ଚିକିତ୍ସା ପାଇଁ ସ୍ଥାନୀୟ କାଉନସିଲ ତାଙ୍କୁ ସାହାଯ୍ୟ କରୁଥିବା ଖବର ପ୍ରକାଶ ପାଇଛି।

ଇତିହାସପ୍ରେମୀ ଜାହ୍ନବୀ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ତଥା ଫିଲ୍ମ ପ୍ରଯୋଜକ ବୋନି କପୁରଙ୍କ ଝିଅ ଜାହ୍ନବୀଙ୍କର ଇତିହାସ ପ୍ରତି ରୁଚି ଥିବା ନିଜର ଏକ ସାକ୍ଷାତ୍‌କାରରେ କହିଛନ୍ତି। ସ୍କୁଲରେ ପଢ଼ିବା ସମୟରେ ଇଂଲିଶ, ଇତିହାସ ଭଳି ବିଷୟ ପଢ଼ିବାକୁ ତାଙ୍କୁ ପସନ୍ଦ ଥିଲା। କିନ୍ତୁ ଗଣିତ ତାଙ୍କର ଭଲ ହେଉ ନଥିବା ସେ ପ୍ରକାଶ କରିଛନ୍ତି। ସାହିତ୍ୟ, ଇତିହାସ ବ୍ୟକ୍ତିଙ୍କୁ ପାରମ୍ପରିକ ବ୍ୟକ୍ତି ବିଶେଷ ଭାବେ ଗଢ଼ିବାରେ ସାହାଯ୍ୟ କରୁଥିବାବେଳେ ଗଣିତ ବ୍ୟକ୍ତିଙ୍କୁ ଅର୍ଦ୍ଧ ବିକଶିତ କରିଥାଏ ବୋଲି ଜାହ୍ନ

ଜୁ'ରେ ହୀନସ୍ତା ଜଙ୍ଗଲୀଜୀବ

- କପିଳାସ ପ୍ରାଣୀ ଉଦ୍ୟାନରେ ନାହିଁ ଭେଟେରିନାରି
- ଠିକା ଡାକ୍ତରରେ ଚାଲିଛି ୨୬୦ ବନ୍ୟପ୍ରାଣୀଙ୍କ ଚିକିତ୍ସା
- ହୋଇପାରୁନି ନମୁନା ପରୀକ୍ଷଣ, ମିଳୁନି ଜରୁରୀ ସେବା

ଢେଙ୍କାନାଳ ଅଫିସ, ୨୪।୭

ପ୍ରାଣୀଉଦ୍ୟାନରେ ଥିବା ହରିଣ।

ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ଢେଙ୍କାନାଳର କପିଳାସ ପ୍ରାଣୀ ଉଦ୍ୟାନ। ଜୁ'ରେ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ଏହାର ଗୁରୁତ୍ୱ ଅନେକାଂଶରେ ବଢ଼ିଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇ ଏଠାକୁ ଆସୁଛନ୍ତି ମା' ଦ୍ୱାରା ପରିତ୍ୟକ୍ତ ଏବଂ ଅସୁସ୍ଥ ହାତୀ। ଏଥିସହ ବିଭିନ୍ନ ପ୍ରଜାତିର ୨୬୦ରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀ ମଧ୍ୟ ଏଠାରେ ରହୁଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଜଙ୍ଗଲୀଜୀବଙ୍କ ଚିକିତ୍ସା ପାଇଁ ନାହିଁ ଭେଟେରିନାରି ସୁବିଧା। ଫଳରେ ଜରୁରୀ ସମୟରେ ନା ମିଳିପାରୁଛି ଚିକିତ୍ସା ସେବା ନା ଆବଶ୍ୟକ ସମୟରେ ହୋଇପାରୁଛି ନମୁନା ପରୀକ୍ଷା। ଏହି କାରଣରୁ ଅନେକ ସମୟରେ ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ବନ୍ୟପ୍ରାଣୀପ୍ରେମୀ।

ଢେଙ୍କାନାଳ ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହୋଇଛି କପିଳାସ ବନ୍ୟପ୍ରାଣୀ ଉଦ୍ୟାନ। ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏଠାକୁ ଆସିବାକୁ ଭୁଲି ନ ଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜୁ'ର କଳେବର ବଦଳାଇବାକୁ ଉଦ୍ୟମ ଚାଲିଛି। ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏକାଧିକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ପଡ଼ିରହିଛି। ଏପରି କି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନୂଆ ଜୀବଜନ୍ତୁଙ୍କୁ ଆଣିବା ଲାଗି ଯୋଜନା ରହିଛି। ହେଲେ ଜୀବଜନ୍ତୁଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପାଇଁ ଏକ ସ୍ଥାୟୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ଯେଭଳି ତତ୍ପରତା ପ୍ରକାଶ ପାଇବା କଥା, ତାହା ଦେଖିବାକୁ ମିଳୁନାହିଁ। ଏତେ ବନ୍ୟପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ପାଇଁ ବନ ବିଭାଗ ପକ୍ଷରୁ ମାତ୍ର ଜଣେ ବିଶେଷଜ୍ଞ ଏବଂ ଅନ୍ୟ ଜଣେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି, ତାହା ମଧ୍ୟ ଠିକାରେ। କିନ୍ତୁ ଚିକିତ୍ସା ପାଇଁ ଆବଶ୍ୟକ ସରଞ୍ଜାମ ଅଭାବ ଅନ୍ୟ ଏକ ପ୍ରମୁଖ ସମସ୍ୟା ହୋଇଛି। ରୋଗାକ୍ରାନ୍ତ ପ୍ରାଣୀଙ୍କ ନମୁନା ପରୀକ୍ଷଣ ପାଇଁ କୌଣସି ସୁବିଧା ନାହିଁ। ଆବଶ୍ୟକ ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)କୁ ନମୁନା ପଠାଯାଉଛି। ଏହାର ରିପୋର୍ଟ ଆସିବାକୁ ବହୁ ଦିନ ଲାଗିଯାଉଛି। ରୋଗ ଚିହ୍ନଟରେ ସମସ୍ୟା ଉପୁଜିଲେ ଆବଶ୍ୟକସ୍ଥଳେ ନନ୍ଦନକାନନ, ସାତକୋଶିଆରୁ ବିଶେଷଜ୍ଞ ଆସୁଛନ୍ତି। ଏହା ସମୟସାପେକ୍ଷ ହେଉଥିବାବେଳେ ବନ୍ୟପ୍ରାଣୀଙ୍କ ଜୀବନ ଚାଲିଯାଉଛି। ଅଧିକାଂଶ ସମୟରେ ଏଭଳି ସମସ୍ୟା ଉପୁଜୁଥିବାବେଳେ କପିଳାସ ଚିଡ଼ିଆଖାନାରେ ନନ୍ଦନକାନନ, ସାତକୋଶିଆ ଭଳି ସ୍ଥାୟୀ ବନ୍ୟପ୍ରାଣୀ ଚିକିତ୍ସାକେନ୍ଦ୍ର ଖୋଲିବା, ରୋଗ ପରୀକ୍ଷା ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇଦେବା, ସ୍ଥାୟୀ କର୍ମଚାରୀ ନିଯୁକ୍ତି ଦେବାକୁ ଦାବି ହେଉଛି।

ରେସ୍‌କ୍ୟୁ ସେଣ୍ଟରରେ ଗଲାଣି ୫ ହାତୀଙ୍କ ଜୀବନ

୧୯୭୯ ଜାନୁୟାରୀ ୨୬ରେ କପିଳାସ ପାଦଦେଶରେ ୫ ହେକ୍ଟର ଜାଗାରେ ଡିଅର ପାର୍କ ପଡ଼ିଥିଲା କପିଳାସ ପ୍ରାଣୀ ଉଦ୍ୟାନର ଭିତ୍ତି। ୧୯୮୬ ଏପ୍ରିଲ ୧ରେ ଏହାକୁ ମିଳିଥିଲା ଜୁ'ର ମାନ୍ୟତା। ୨୬.୬୪ ଏକର ବିଶିଷ୍ଟ ଏହି ଚିଡ଼ିଆଖାନାକୁ ୧୯୯୫ ଏପ୍ରିଲ୍ ୧ରେ ସେଣ୍ଟ୍ରାଲ ଜୁ' ଅଥରିଟି ଅଫ୍ ଇଣ୍ଡିଆର ମାନ୍ୟତା ମିଳିଛି। ଏଠାରେ ହାତୀ, କୁମ୍ଭୀର, ହରିଣ, ଭାଲୁ, ସମ୍ବର, ମିଥୁନ ଗାଈ, ଠେକୁଆ, ଅହିରାଜ, ଅଜଗର ସାପ ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ଅଛନ୍ତି। ୨୦୦୭ରୁ ଆରମ୍ଭ ହୋଇଥିବା ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ଢେଙ୍କାନାଳ, ଅନୁଗୋଳ, ବ୍ରହ୍ମପୁର, ସମ୍ବଲପୁର, ବରଗଡ଼, କେନ୍ଦୁଝରରୁ ଉଦ୍ଧାର ହୋଇ ଆସିଥିବା ୭ ହାତୀ ଅଛନ୍ତି। ଆବଶ୍ୟକ ଚିକିତ୍ସା ଅଭାବରୁ ବିଭିନ୍ନ ସମୟରେ ୫ ହାତୀ ଛୁଆଙ୍କ ମୃତ୍ୟୁ ଘଟିସାରିଛି।

୧୫ଦିନରେ ହାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି

କପିଳାସ ଜୁ'ରେ ବନ୍ୟପ୍ରାଣୀଙ୍କ ଚିକିତ୍ସା ପାଇଁ ଅଭିଜ୍ଞତା ସମ୍ପନ୍ନ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ସହଯୋଗୀ କର୍ମଚାରୀଙ୍କୁ ଠିକାରେ ରଖାଯାଇଛି। ପ୍ରତି ୧୫ଦିନରେ ଥରେ ହାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସ୍ଥାୟୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଇଁ ନିର୍ଦ୍ଦେଶନାମା ଆସିନାହିଁ। ମିଳିଥିବା ୩୦ଲକ୍ଷ ଟଙ୍କା ଅନୁଦାନରେ ଚିକିତ୍ସା ସରଞ୍ଜାମ କିଣାଯାଉଛି। ଖୁବ୍‌ଶୀଘ୍ର ଏଥିଲାଗି ଏକ ସ୍ୱତନ୍ତ୍ର ଘର ନିର୍ମାଣ କରାଯିବ।

–ଡ. ପ୍ରକାଶଚନ୍ଦ୍ର ଗୋଗିନେନି
ଜିଲା ବନଖଣ୍ଡ ଅଧିକାରୀ

କାଶୀପୁରରେ ୫ ଶିଶୁ କଲେରାରେ ଆକ୍ରାନ୍ତ

- ଲୋକଙ୍କୁ ଅଧିକ ସଚେତନ କରିବା ଜରୁରୀ: ସ୍ୱାସ୍ଥ୍ୟ ଅଧିକାରୀ

ରାୟଗଡ଼ା ଅଫିସ/ଟିକିରି,୨୪।୭: ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କଲେରା ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ଏବେ ଛୋଟ ପିଲାମାନେ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେଣି। ଶନିବାର ୩ ରୁ ୧୨ ବର୍ଷ ବୟସର ୫ ପିଲା ଆକ୍ରାନ୍ତ ହୋଇ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେବା ଡାକ୍ତରୀ ଟିମ୍‌କୁ ଚିନ୍ତାରେ ପକାଇଛି। ୫ ଆକ୍ରାନ୍ତ ହେଲେ ଟିକିରି ଏବଂ ଶଙ୍କରଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋବରଘାଟି ଗାଁର କବର ମାଝି, ପାଞ୍ଚାଳିର ନୟନା ମାଝି, ତାଣାବନ୍ଧ ଗାଁର ବବିଲି ମାଝି, ପଣସପଦର ଗ୍ରାମର ସୋନାଲି କୁମାରୀ ଏବଂ ଟିକିରି ସଦର ଗ୍ରାମର ବଗଲା ମାଝି। ଏମାନଙ୍କୁ ବାରମ୍ବାର ଝାଡ଼ାବାନ୍ତି ହେବାରୁ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ କେବଳ ସ୍ୱାସ୍ଥ୍ୟ ବିଭାଗ ଚାହିଁଲେ କଲେରା ନିୟନ୍ତ୍ରଣକୁ ଆସିବନି। ଏହାର ମୁକାବିଲା କରିବାକୁ ହେଲେ ଲୋକଙ୍କୁ ସଚେତନ ହେବାକୁ ପଡ଼ିବ। ଲୋକଙ୍କୁ ସଚେତନ କରିବାକୁ ଅନ୍ୟ ବିଭାଗ ମଧ୍ୟ ଆଗେଇ ଆସିବାକୁ ପଡ଼ିବ ବୋଲି ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରାମାରାଓ କହିଛନ୍ତି।

ପୁଣି ମାଛଧରା ବୋଟ୍‌ରେ ନିଆଁ ଲାଗିଲା

ପାରାଦୀପ,୨୪।୭(ସ୍ୱ.ପ୍ର.): ପାରାଦୀପ ମାଛଧରା ବନ୍ଦରରୁ ଶୁକ୍ରବାର ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ମା'ଭଗବତୀ –୩ ନାମକ ବୋଟ୍‌ରେ ରବିବାର ନିଆଁ ଲାଗି ପୋଡ଼ିଯିବା ପରେ ପାଣିରେ ବୁଡ଼ିଯାଇଛି। ସେଥିରେ ଥିବା ୯ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି। ପାରାଦୀପ ମାଛଧରା ବନ୍ଦରଠାରୁ ୮୧ ମାଇଲ ଦୂର (୧୪୫କିମି) ଅର୍ଥାତ୍ ଚିଲିକା ସମୁଦ୍ର ସୀମାରେ ଏହି ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ରବିବାର ଅପରାହ୍ନରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିକଟରେ ଥିବା ଲୋକନାଥ ଓ ମୁକ୍ତିମଣ୍ଡପ ବୋଟ୍‌ର ମତ୍ସ୍ୟଜୀବୀମାନେ ଏହାଦେଖି ସେମାନଙ୍କୁ ଉଦ୍ଧାର କରିଥିଲେ। ଖବରପାଇ କୋଷ୍ଟଗାର୍ଡ ହେଲିକପ୍ଟର ଘଟଣାସ୍ଥଳରେ ପହଞ୍ଚିବାବେଳକୁ ବୋଟ୍‌ଟି ବୁଡ଼ି ସାରିଥିଲା। ଶନିବାର କୋଣାର୍କ–ଚନ୍ଦ୍ରଭାଗା ସୀମା କୂଳଠାରୁ ୧୫ ମାଇଲ (୨୭ କି.ମି.) ସମୁଦ୍ର ମଝିରେ ଲକ୍ଷ୍ମୀନାରାୟଣ ନାମକ ଏକ ମାଛଧରା ବୋଟ୍ ନିଆଁ ଲାଗି ପୋଡ଼ିଯାଇଥିଲା। ସେଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଅନ୍ୟ ଏକ ବୋଟ୍ ଉଦ୍ଧାର କରିଥିଲା।

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଆନ୍ଧ୍ରା Andhra | କର୍ପୋରେସନ Corporation

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମ୍ନଲିଖିତ ଶାଖା** ନିଜସ୍ୱରେ ଉତ୍ତରଦାୟୀ ରହିବେ ।**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ଯି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବଣ୍ଟନ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବଣ୍ଟନମୂଳ କରନ୍ତୁ ।**

ଶାଖା / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା	ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ)	ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ	ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ
ସିଡିଏ ବିଡାନାସୀ ଶାଖା **ଋଣଗ୍ରହୀତାମାନେ:(୧)ମେସର୍ସ ବିଡିଶା ଏଣ୍ଟରପ୍ରାଇଜେସ୍,** **ସ୍ୱତ୍ୱାଧିକାରୀ: ଶ୍ରୀ ଅରବିନ୍ଦ ସାମଲ,** ପିତା: ଚୈତାଶ ଚନ୍ଦ୍ର ସାମଲ, ଠିକଣା: ପୁଟ ନଂ.ଚି/୧୪୦୬, ସେକ୍ଟର-୧୦, ସିଡିଏ, ପୋ.: ମର୍ଚ୍ଚେନଗର, ଜଟକ-୭୫୩୦୧୪, (୨) **ଶ୍ରୀ ଅରବିନ୍ଦ ସାମଲ,** ପିତା: ଚୈତାଶ ଚନ୍ଦ୍ର ସାମଲ, ଠିକଣା: ସା/ ପୋ.: ଜରି, ଭାୟା: ଙ୍ଗପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬, ଏବଂ ପୁଟ ନଂ.ଖଚି/୧୧୧୪, ସେକ୍ଟର-୧୦, ସିଡିଏ, ପୋ.: ମର୍ଚ୍ଚେନଗର, ଜଟକ-୭୫୩୦୧୪, **ଜାମିନ୍‌ଦାରମାନେ: ଶ୍ରୀ ଦେବାଶିଷ ଜେନା,** ପିତା: ତ୍ରିଲୋଚନ ଜେନା, ଠିକଣା: ପୁଟ ନଂ.ଖଚି/୧୧୧୪, ସେକ୍ଟର-୧୦, ସିଡିଏ, ପୋ.: ମର୍ଚ୍ଚେନଗର, ଜଟକ-୭୫୩୦୧୪, **ଶ୍ରୀ ଦୁଖୁଲ ଦେହେରା,** ପିତା: ଗୁଲୁଚରଣ ଦେହେରା, ସା/ପୋ.: ଭଲ୍ୟାଣୀ ନଗର, ମଧୁପାଟଣା, ଜଟକ-୭୫୩୦୧୦, ଏବଂ **ଶ୍ରୀ ଦୁଖୁଲ ଦେହେରା,** ଲିନିକ୍ ଶକ୍ତିର ସତ୍ୱାଧିକାରୀ, ଶକ୍ତି ଲେନ୍, ମଙ୍ଗଳାବାଗ, ଜଟକ-୭୫୩୦୦୧।	ଟା.୩୦.୦୪.୨୦୨୨ସୁଦ୍ଧା ଟ.୧୨,୧୫,୦୦୧/- + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ	୦୬.୦୫.୨୦୨୨ / ୨୦.୦୭.୨୦୨୨	**ଶ୍ରୀ ଦୁଖୁଲ ଦେହେରା,** ପିତା: ଗୁଲୁଚରଣ ଦେହେରାଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.୬୦୩/୩୯୬, ପୁଟ ନଂ.୭୭୭/୪୦୪୭, ଏରିଆ: ଏ୦.୦୫୫ ଡିସିମିଲି, ମୌଜା: ତନ୍ଦଳା, ଥାନା: ତନ୍ଦଳା, ଥାନା ନଂ.୩୧, ତହସିଲି: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ୨୦ଫୁଟ ଚଉଡା ରାସ୍ତା, ଦକ୍ଷିଣ- ପୁଟ ନଂ.୭୭୭ର ଅଂଶ, ପୂର୍ବ- ପୁଟ ନଂ.୭୭୭ର ଅଂଶ, ପଶ୍ଚିମ- ପୁଟ ନଂ.୭୭୭ର ଅଂଶ ।
ସୋମପୁର ଇଏବି ଶାଖା **ଋଣଗ୍ରହୀତା: ଶ୍ରୀ ରାଜିବ ଲୋଚନ ପଣ୍ଡା,** ପିତା: ପଦୁ ଚନ୍ଦ୍ର ପଣ୍ଡା, **ଜାମିନ୍‌ଦାର: ଶ୍ରୀ ସଚ୍ଚିଦାନନ୍ଦ ପଣ୍ଡା,** ପିତା: ଶ୍ରୀ କୃଷ୍ଣ ପଣ୍ଡା, ଉଭୟଙ୍କ ଠିକଣା: ସା-ଜୋଟୁଆଁ, ପୋ.: ଅରିଲୋ, ସୋମପୁର, ଜିଲ୍ଲା:ଜଟକ, ରାଜ୍ୟ: ଓଡିଶା, ପିନ୍-୭୫୪୧୩୦।	ଟା.୩୧.୦୧.୨୦୨୨ସୁଦ୍ଧା ଟ.୨୨,୭୮,୮୧୪.୬୦ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ	୨୦.୦୪.୨୦୨୨ / ୨୨.୦୭.୨୦୨୨	**ଶ୍ରୀ ରାଜିବ ଲୋଚନ ପଣ୍ଡାଙ୍କ** ନାମରେ ଥିବା ଜମି ଗୃହ ଯାହାର ମୌଜା: ଜଟୁଆଁ, ଥାନା: ଜିସାନ ନଗର ୨୭, ତହସିଲି: ଜିସାନ ନଗର, ତହସିଲି ନଂ.୫୪୭, ଏମ୍‌ଖାତା ନଂ.୯୯, ସ୍ଥିତିବାନ, ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୩୨୫, ଏରିଆ: ଏ୦.୧୬ ଡିସିମିଲି (ଜିସମ-ଘରବାରି), ଜିଲ୍ଲା:ଜଟକ । **ଶ୍ରୀ ରାଜିବ ଲୋଚନ ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ଜିଲ୍ଲା:ଜଟକ, ଏସ୍‌ଆରଓ: ରଘୁନାଥପୁର, ମୌଜା: ଜୋଟୁଆଁ, ଥାନା: ଜିଶାନନଗର ନଂ.୨୭, ତହସିଲି: ଜିଶାନନଗର ନଂ.୫୪୭, ଏମ୍‌ଖାତା ନଂ.୧୦୦, ସ୍ଥିତିବାନ, ଚଢ ପୁଟ ନଂ.୧୭୧, ଏରିଆ: ଏ୦.୮୪୦ ଡିସିମିଲି (ଜିସମ- ଘରଚଢ), ଚଢ ନଂ.୧୪୫, ଚଢ ପୁଟ ନଂ.୧୭୧, ଏରିଆ: ଏ୧.୧୨୦ ଡିସିମିଲି, (ଖଳୁରିଜଳ), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୨୨୦, ଏରିଆ: ଏ୦.୦୬୦ ଡିସିମିଲି (ବଗାୟତ), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୩୪୨, ଏରିଆ: ଏ୦.୦୬୦ ଡିସିମିଲି (ଘରବାରି), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୪୦, ଏରିଆ: ଏ୦.୧୬୦ ଡିସିମିଲି (ବିଆଳି ଦୋଫସଲି), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୧୬୦, ଏରିଆ: ଏ୦.୦୧୦ ଡିସିମିଲି (ପଡିତ), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୫୩, ଏରିଆ: ଏ୦.୦୩୦ ଡିସିମିଲି (ବିଆଳି ଦୋଫସଲି), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୧୭୫, ଏରିଆ: ଏ୦.୦୮୦ ଡିସିମିଲି (ବାଜେ ଫସଲ-୨), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୧୮୪, ଏରିଆ: ଏ୦.୦୫୬୦ ଡିସିମିଲି (ପଡିତ), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୧୯୧, ଏରିଆ: ଏ୦.୦୮୦ ଡିସିମିଲି (ପଡିତ), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୩୪୨୪, ଏରିଆ: ଏ୦.୦୨୦ ଡିସିମିଲି (ଘରବାରି), ନନ୍‌ଜନ୍‌ସୋଲିଡେବୁଲ ପୁଟ ନଂ.୩୧୭, ଏରିଆ: ଏ୦.୧୦୦ ଡିସିମିଲି (ଘରବାରି), ସମୁଦାୟ ଏରିଆ: ଏ.୩.୦୧୦ ଡିସିମିଲି ।			

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୨.୦୭.୨୦୨୨ **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

SAMBALPUR MUNICIPAL CORPORATION
Notice No. 6913/ SMC Date 20.07.2022
TENDER CALL NOTICE FOR HIRING OF MANPOWER FOR ABC PROGRAMME ON OUTSOURCE BASIS

No.C-842:- Sambalpur Municipal Corporation, Sambalpur invites tenders from registered service providers for providing services of one Veterinary Doctor, one ABC Assistant and other supporting staffs on outsource basis.

The details of qualifying criteria of the manpower and other conditions of the tender can be downloaded from SMC website: www.smcsambalpur.nic.in. The interested bidder may submit the complete tender in the sealed cover addressed to Commissioner, Sambalpur Municipal Corporation, Durgapali, Sambalpur through Speed Post / Registered Post/ Courier on or before 30.07.2022 by 4.00 P.M.

Authority reserves the right to accept or reject any or all tenders without assigning any reason thereof.

Sd./- Municipal Commissioner
Sambalpur Municipal Corporation
OIPR-13122/11/0029/2223

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH
TENDER FOR DRUGS, CONSUMABLES, REAGENT ETC FOR DHH, SUNDARGARH
Adv. No.2498 DHH/ SNG Date 21.07.22

No.E-346:- Applications are invited from credible Agency / Firms / NGO's for Supply of Drugs Consumables, Reagent etc. for DHH, Sundargarh. The Agency / Firms/ NGOs/ SHG must be Valid Drugs Licence. It is mandatory that the Agency / Firms/ NGO's should have valid GST / TAN/ PAN/ GMP/ Drugs Licence / Authorization and other valid licence as per tender documents and should have an office in the Sundargarh District.

ହକି ଓ ଫୁଟ୍‌ବଲ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ସମୀକ୍ଷା

ନିର୍ମାଣ କାର୍ଯ୍ୟ ସମୀକ୍ଷା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

ରାଉରକେଲା,୨୪।୭

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ତଥା ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ରାଉରକେଲା ଗସ୍ତରେ ଆସି ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଅନ୍ତର୍ଜାତୀୟ କ୍ରୀଡ଼ା ଭବନଭୂମିର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଗସ୍ତ କ୍ରମରେ ମନ୍ତ୍ରୀଙ୍କ ସହ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା ଏବଂ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ମଧ୍ୟ ସାମିଲ ହୋଇଥିଲେ। ଏହି ଉଚ୍ଚସ୍ତରୀୟ ଟିମ୍ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହ ନିର୍ମାଣାଧୀନ ବିର୍ସା ମୁଣ୍ଡା ଫୁଟ୍‌ବଲ ଷ୍ଟାଡିୟମ ଏବଂ ପରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ବୁଲି ଦେଖିଥିଲା। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିଦର୍ଶନ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ, ''୨୦୨୩ ପୁରୁଷ ବିଶ୍ୱକପ୍ ହକି ପାଇଁ ଷ୍ଟାଡିୟମର ବିଭିନ୍ନ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ଏଠାରେ ହେଉଥିବା ଅଭ୍ୟାସ ପଡ଼ିଆର ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ମୁଖ୍ୟ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ହେବ।'' ଏହି ଅବସରରେ ମନ୍ତ୍ରୀ ଓ ସଚିବସ୍ତରୀୟ ଟିମ୍ ମୁଖ୍ୟ ଷ୍ଟାଡିୟମ ସହ ପ୍ରବେଶ ପଥ, ଅଭ୍ୟାସ ପଡ଼ିଆ, ଦର୍ଶକ ଗ୍ୟାଲେରି, ଖେଳାଳି ଓ ଅଫିସିଆଲଙ୍କ

କ୍ରୀଡ଼ାମନ୍ତ୍ରୀଙ୍କ ରାଉରକେଲା ଗସ୍ତ

ପାଇଁ ନିର୍ମାଣାଧୀନ ରହଣି ସ୍ଥଳ, ଚେଞ୍ଜିଂ ରୁମ୍, ଅତ୍ୟାଧୁନିକ ଜିମ୍, ଶୌଚାଳୟ ଆଦି ବୁଲି ଦେଖିଥିଲା। ତା'ଛଡ଼ା ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଉରକେଲା ସହରର ବିଭିନ୍ନ ଭିତ୍ତିଭୂମିର ବିକାଶ ସହିତ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏସବୁ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଲାଗି ସୁନ୍ଦରଗଡ଼ ଜିଲା ପ୍ରଶାସନ, ରାଉରକେଲା ମହାନଗର ନିଗମ ଏବଂ ସ୍ମାର୍ଟ ସିଟିର ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଇଶାନ ମିଶ୍ର ଚାମ୍ପିୟନ

ଭୁବନେଶ୍ୱର, ୨୪।୭ (କ୍ରୀଡ଼ା ପ୍ରତିନିଧି): ଅଗରତଲାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ ଟେନିସରେ ଓଡ଼ିଶାର ଇଶାନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ରବିବାର ଫାଇନାଲରେ ଇଶାନ ୭-୫, ୬-୨ ସେଟ୍‌ରେ ପଶ୍ଚିମବଙ୍ଗର ପ୍ରଗୋସପାମା ଗାୟେନଙ୍କୁ ହରାଇଛନ୍ତି। ସର୍ବଭାରତୀୟ ସ୍ତରରେ ଇଶାନଙ୍କର ଏହା ପ୍ରଥମ ଟାଇଟଲ। କସ୍ତୁରିକା ସୁପକାର ଓ ରାଜେଶ ମିଶ୍ରଙ୍କ ପୁଅ ଇଶାନ ସମ୍ପ୍ରତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଷ୍ଟାଣ୍ଡାର୍ଡ-୯ରେ ଅଧ୍ୟୟନରତ। କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଟେନିସ ଏକାଡେମୀରେ ସିନିୟର କୋଚ୍ ସନ୍ତୋଷ ମଲିକଙ୍କଠାରୁ ସେ ପ୍ରଶିକ୍ଷଣ ନେଉଛନ୍ତି।

ଭର୍ଷ୍ଟାପେନ୍ ଜିତିଲେ ଫ୍ରେଞ୍ଚ ଗ୍ରାଁ ପ୍ରି

ଲି କାଷ୍ଟେଲେଟ୍, ୨୪।୭ (ଫ୍ରାନ୍ସ)

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫ୍ରେଞ୍ଚ ଫର୍ମୁଲା ୱାନ ଗ୍ରାଁ ପ୍ରି ଚାମ୍ପିୟନ ହୋଇଛନ୍ତି। ଗତ ୧୨ଟି ରେସ୍‌ରେ ଏହା ହେଉଛି ତାଙ୍କର ୭ମ ଟାଇଟଲ। ଆଉ ୧୦ଟି ରେସ୍ ବାକି ରହିଥିବା ବେଳେ ଏହି ବିଜୟ ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ତାଙ୍କୁ ଚାର୍ଲ୍ସ ଲେକ୍‌ରେକ୍‌ଙ୍କ ଠାରୁ ୬୩ ପଏଣ୍ଟ ଅଗ୍ରଣୀ କରାଇଛି। ମର୍ସିଡିଜର ଲୁଇସ୍ ହାମିଲ୍‌ଟନ ତାଙ୍କ ୩୦୦ତମ ଗ୍ରାଁ ପ୍ରିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହା ଥିଲା ତାଙ୍କର କ୍ରମାଗତ ଚତୁର୍ଥ ପୋଡିୟମ। ତାଙ୍କ ଟିମ୍‌ମେଟ୍ ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷ ଲାପ୍‌ଗୁଡ଼ିକରେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ଭର୍ଷ୍ଟାପେନ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ତେବେ ତାଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଫେରାରିର କାର୍ଲୋସ ସେଞ୍ଜ୍ ଜୁନିୟର ୫ମସ୍ଥାନରେ ରହିଥିଲେ। ରେସ୍ ଆଉ ୧୧ ଲାପ୍ ବାକି ରହିଥିବା ବେଳେ କାର୍ଲୋସ ପେରେଜଙ୍କଠାରୁ ତୃତୀୟ ସ୍ଥାନ ଛଡ଼ାଇ ନେଇଥିଲେ। ମାତ୍ର ତାଙ୍କ ଟିମ୍‌ର ଦ୍ୱିତୀୟ ପିଟ୍ ଷ୍ଟପ ନିଷ୍ପତ୍ତି ଯୋଗୁ ତାଙ୍କୁ ଏହାର ପରିଣାମ ସାମ୍ନା କରିବାକୁ ପଡ଼ିଥିଲା। ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠରୁ ୧୦ମ ସ୍ଥାନ ଯଥାକ୍ରମେ ଫନାଣ୍ଡୋ ଆଲୋସୋ (ଅଲ୍‌ପାଇନ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଏଷ୍ଟେବାନ୍ ଓକନ (ଅଲ୍‌ପାଇନ୍), ଡାନିଏଲ ରିକାର୍ଡୋ (ମ୍ୟାକଲରେନ) ଓ ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ) ରହିଥିଲେ। ଲେକ୍‌ରେକ୍ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ସେ ରେସ୍ ଶେଷ କରିପାରି ନ ଥିଲେ।

ମାକ୍ସ ଭର୍ଷ୍ଟାପେନ୍

ଶତକ ମ୍ୟାଚରେ ହୋପ୍‌ଙ୍କ ଶତକ

ପୋର୍ଟ-ଅଫ୍-ସ୍ପେନ, ୨୪।୭: ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜର ଶାଇ ହୋପ୍। ଫଳରେ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ଉଇକେଟ ହରାଇ ୩୧୧ ରନ କରିଛି। ନିଜ ଶତକ ମ୍ୟାଚରେ ହୋପ୍ ୧୧୫ (୧୩୫ ବଲ, ୮ ଚୌକା, ୩ ଛକା) ରନ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ୧୦ମ ଖେଳାଳିଭାବେ ସେ ୧୦୦ତମ ମ୍ୟାଚରେ ଶତକ ହାସଲ କରିଥିଲେ। ଅଧିନାୟକ ନିକୋଲସ ପୁରନ ୭୪ (୭୭ ବଲ, ୧ ଚୌକା, ୬ ଛକା) ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଶାର୍ଦ୍ଦୂଳ ଠାକୁର ୩ଟି ଏବଂ ଦୀପକ ହୁଡା, ଅକ୍ଷର ପଟେଲ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଯୁବଛାତ୍ର ଏକାଦଶକୁ ହରାଇଲା ବିଧାୟକ ଏକାଦଶ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ବିଜେଡିର ୨୫ ବର୍ଷ ପୂର୍ତ୍ତି

ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଯୁବ ସଭାପତି ବ୍ୟମୋକେଶ ରାୟ ଏବଂ ଛାତ୍ର ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ ମ୍ୟାଚ୍ ବିଜେଡିର ବିଧାୟକ ଏକାଦଶ ଏବଂ ଯୁବଛାତ୍ର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି ମ୍ୟାଚ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ଏକାଦଶ ୨-୧ ଗୋଲ୍‌ରେ ଯୁବଛାତ୍ର ଏକାଦଶକୁ ପରାସ୍ତ କରିଛି। ବିଧାୟକ ଏକାଦଶର ଅଧିନାୟକ ଭାବେ ଦିବ୍ୟଶଙ୍କର ମିଶ୍ର ଦାୟିତ୍ୱ ତୁଲାଉଥିବା ବେଳେ ଯୁବଛାତ୍ର ଏକାଦଶ ବିଧାୟକ ଭାବେ ବ୍ୟମୋକେଶ ରାୟ ଅଧିନାୟକତ୍ୱ କରିଛନ୍ତି। ଏହାପରେ ପ୍ରତି ବ୍ଲକ ଏବଂ ୱାର୍ଡସ୍ତରରେ ଫୁଟବଲ୍ ମ୍ୟାଚ୍ ଆୟୋଜନ କରାଯିବ ବୋଲି ଦଳର ଯୁବଛାତ୍ର ନେତୃତ୍ୱମାନଙ୍କ ତରଫରୁ କୁହାଯାଇଛି। ଏହି ମ୍ୟାଚ୍‌ରେ ବିଜୁ ଜନତା ଦଳ ବିଧାୟକମାନେ ଏବଂ ଯୁବଛାତ୍ର ଏକାଦଶରେ ସାମିଲ ଥିବା ସମସ୍ତେ ଭଲ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଟାଏ ଲେଖା ଗୋଲ୍ ପରସ୍ପରକୁ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ବିଧାୟକ ଏକାଦଶ ଆଉ ଏକ ଗୋଲ୍ କରି ମ୍ୟାଚ୍‌କୁ ୨-୧ରେ ଜିତିଥିଲା। ବିଧାୟକ ଅରୁଣ କୁମାର ସାହୁ ଏବଂ ଦିବ୍ୟଶଙ୍କର ମିଶ୍ର ଗୋଟାଏ ଲେଖା ଗୋଲ୍ କରିଥିଲେ। ଯୁବଛାତ୍ର ଏକାଦଶ ପକ୍ଷରୁ ସ୍ମୃତି ନାଏକ ଗୋଟିଏ ଗୋଲ୍ ଦେଇଥିଲେ। ତେବେ ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ଜର୍ସି ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଛି। ବିଧାୟକ ଏବଂ ମନ୍ତ୍ରୀମାନେ ନୀଳ ରଙ୍ଗର ଜର୍ସିରେ ମଇଦାନକୁ ଓହ୍ଲାଇଥିବା ବେଳେ ଯୁବଛାତ୍ର ଏକାଦଶ ସବୁଜ ରଙ୍ଗର ଜର୍ସି ପିନ୍ଧିଥିଲା।

ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣକାରୀ ବିଧାୟକ ଏକାଦଶ ଏବଂ ଯୁବ-ଛାତ୍ର ଏକାଦଶର ସଦସ୍ୟବୃନ୍ଦ।

ଅନ୍ୟ ଖବର

ତ୍ୟାଗର ମୂଲ୍ୟ ଦେବାରେ ଓଡ଼ିଆ ଜାତି କୃପଣ ନ ଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

- ରାହାଙ୍ଗ ଦକ୍ଷିଣ ରାଡ଼ସ, କୃତ୍ତିବାସ ଦଣ୍ଡପାଟ ବର୍ଷତମାମ ଯୋଗାଉଥିଲେ ଖାଦ୍ୟଦ୍ରବ୍ୟ
- ଶ୍ରୀପୁରୁଷୋତ୍ତମ ମନ୍ଦିର ଭଣ୍ଡାରରୁ ଯୋଗାଇ ଦିଆଯାଇଥିଲା ୩,୪୦୮ ଭରଣ ଧାନ

ଐତିହ୍ୟର ଓଡ଼ିଶା

କୋଠଦେଶ ପ୍ରଗଣାର ବକ୍ରେଶ୍ୱର ଖମାରର କେନ୍ଦ୍ରରେ ଶ୍ରୀବକ୍ରେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରବେଶ ପଥ। ଯାଉଁଳି ପୋଖରୀ ନିକଟ ଏହି ଖମାର ଚାରିପଟେ ଏବେ ଗଢି ଉଠିଛି ବଣିଆ ସାହି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଆମେ ଆଲୋଚନା କରିସାରିଛେ ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଦରବ କେଉଁମାନେ ଦେଇଥିଲେ। କେଉଁମାନେ ଚାରୋଟିଯାକ ଶିଳ୍ପୀ ଶିବିର ଓ ପାଇଟିଆଳଙ୍କ ଖାଦ୍ୟ ବ୍ୟବସ୍ଥା ସହିତ ଜଡ଼ିତ ଥିଲେ। ଆଶ୍ଚର୍ଯ୍ୟ ଲାଗେ ଥରେ ଅଧେ ଖାଦ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ତ ଦେଇଥିଲେ, କିନ୍ତୁ ପ୍ରତିବର୍ଷ ମନ୍ଦିର ନିର୍ମାଣ ଶେଷ ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀ ଦେବାର ଉଦାହରଣ ବି ମିଳେ। ଆତ୍ମତିଆକରଣ ବୀରବର ପଟ୍ଟନାୟକ କେଉଁଠୁ କେଉଁଠୁ ଖାଦ୍ୟଦ୍ରବ୍ୟ ଯୋଗାଣ ହୋଇଥିଲା ତାହା ତଦାରଖ କରିଥିଲେ। ତଦାରଖ ପରେ ଜଣାପଡ଼ିଲା— ରାହାଙ୍ଗ ଦକ୍ଷିଣ ରାଡ଼ସ ପକ୍ଷରୁ ୧,୦୩୪ ଭରଣ ଧାନ ଓ ୨୩୪ ଓଳିଆ ବିରି ପ୍ରତିବର୍ଷ କୋଣାର୍କ ଭଣ୍ଡାରକୁ ଆସୁଥିଲା। ସେହିପରି କୃତ୍ତିବାସ ଦଣ୍ଡପାଟରୁ ୨,୪୮୭ ଭରଣ ଧାନ ଓ ବିରି, କୋଠଦେଶର ବକ୍ରେଶ୍ୱର ଖମାରରୁ୩,୧୪୦ ଭରଣ ଧାନ (ଭରଣକ ୮୦ ଗୌଣି, ଚାରିସେରିଆରେ ସେତେବେଳେ ହିସାବ ହେଉଥିଲା) ୨୦୦ ଛେଲା ନଡ଼ିଆ (ଛେଲାକ ୯ପଣ, ପଣକ ୨୦ ଗଣ୍ଡା) ୨୩୪ ଭରଣ ବିରି, ୩୩ ଭରଣ ଚମ୍ପାଧାନ ପ୍ରତିବର୍ଷ ଆସୁଥିଲା। ବର୍ଷକୁ ଆସୁଥିବା ଚାଉଳକୁ ଛାଡ଼ି କେବଳ ଧାନ ଆସୁଥିଲା ୩୦,୨୧୪ ଭରଣ। ଆମେ ଉଦାହରଣ ଦେଲୁ ତିନୋଟିବିଷୟରୁ (ଜିଲା) ଆସୁଥିବା ଧାନର ପରିମାଣ। ଶ୍ରୀପୁରୁଷୋତ୍ତମ ମନ୍ଦିର ଭଣ୍ଡାରରୁ ଅର୍ଥାତ୍ ପୁରୀରୁ ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରୁ ବର୍ଷକୁ ଯୋଗାଇ ଦିଆଯାଉଥିଲା ୩,୪୦୮ ଭରଣ ଧାନ। ଗୋଟିଏ ନୂଆ ମନ୍ଦିର ନିର୍ମାଣ ପାଇଁ ପୁରାତନ ମନ୍ଦିରର ଅବଦାନ ରହିଥିଲା। ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ଅତ୍ୟନ୍ତ ସମୃଦ୍ଧ ଥିଲା। ନଇଲେ ଏତେ ପରିମାଣର ଧାନ ମହାରଣା ତଥା ଶିଳ୍ପୀମାନଙ୍କ ଖାଦ୍ୟ ପାଇଁ ପ୍ରତିବର୍ଷ ଯୋଗାଇ ଦିଆଯାଉଥାନ୍ତା କିପରି? କେବଳ ଏତିକି ନୁହେଁ, ୩,୪୭୨ଟି ଛିଦ୍ରଯୁକ୍ତ ସୁନାମୋହର ମଧ୍ୟ ଶ୍ରୀପୁରୁଷୋତ୍ତମ ଭଣ୍ଡାରରୁ ପାରିଶ୍ରମିକ ପାଇଁ ଯୋଗାଇ ଦିଆଯାଉଥିଲା। ଐତିହ୍ୟ ଅଛି ୧୨ଶହ ବଢ଼େଇଙ୍କୁ ୧୨ ବର୍ଷ ଲାଗିଲା... ତାହା ନୁହେଁ, ନିର୍ମାଣରେ ୧୭୫୦ରୁ ଅଧିକ ଶିଳ୍ପୀ ଲାଗିଥିବା ଆମେ ପୂର୍ବରୁ ସୂଚନା ଦେଇଥିଲୁ। ୮୦୦ରୁ ଅଧିକ ପାଇଟିଆଳ, ୧୦୦ ଗାଈଆଳ, ୧୫୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ନିଯୁକ୍ତ ଥିଲେ। ଶିଳ୍ପୀଙ୍କୁ ପାଣି ଓ ପାନ ଯୋଗାଇବା ପାଇଁ ୧୦୦ରୁ ଅଧିକ ଲୋକ ଥିଲେ। ଚାରି ଶିବିରରେ ରାନ୍ଧିବା ଓ ଯୋଗାଇବା ପାଇଁ ୩୦ଜଣ ଲେଖାଏଁ ୧୨୦ଜଣ ଥିଲେ। ୟା ବାଦେ ଜଗୁଆଳି, ଘୋଡ଼ା ସବାର ଓ ହାତୀଆଳ ଥିଲେ। ଆମେ ୪,୨୨୦ ଜଣଙ୍କ ହିସାବ ଦେଇଛୁ। ପଥର ଚିହ୍ନଟ, ପଥର ଫଟାଇବା, ପଥର ବୋହିବା, ଚାପରେ ଲଦିବା, ଚାପରୁ ଓହ୍ଲାଇବା, ପଥରକୁ ଆବଶ୍ୟକ ଅନୁଯାୟୀ ଚଉପଟ କରିବା କାମ ହାରାହାରି କେତେଜଣ କରୁଥିଲେ ଆମେ ପୂର୍ବରୁ ଆଲୋଚନା କରିଛେ। ଏ ପର୍ଯ୍ୟନ୍ତ ଆମ ଅନୁସନ୍ଧାନ କହୁଛି ୬ ହଜାରରୁ ଅଧିକ ଲୋକ ନିୟୋଜିତ ଥିଲେ। ଆଗକୁ ଆମେ ଗାଈଆଳ ଓ ମହିଳା ଶ୍ରମିକଙ୍କ ଅବଦାନ ପ୍ରସଙ୍ଗ କ୍ରମେ ଆଲୋଚନା କରିବା। ମନ୍ଦିର ନିର୍ମାଣ ସମୟରେ ଯେପରି ସତର୍କତାର ସହିତ ସମସ୍ତ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ପ୍ରତି ଧ୍ୟାନ ଦିଆଯାଇଥିଲା, ତାହା ଅନୁସନ୍ଧାନ କଲେ ଜାଣିହେଉଛି ଗଜପତି ଏବଂ ରାଜକର୍ମଚାରୀ କେତେ ସଚେତନ ଥିଲେ। ମୁତ୍‌ଫରକା ଆଦେଶ କେବଳ ଜାରି କରାଯାଉ ନ ଥିଲା। ପାନଭାଙ୍ଗି ଯୋଗାଇବା ବ୍ୟବସ୍ଥା ସହିତ ବର୍ଷ ବର୍ଷ ଧରି ଗୋଟା ପାନ ଆଣି ଯୋଗାଇବାକୁ ଖୁର୍ଦ୍ଧା ମଲ୍ଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। କାମ ଶେଷ ବେଳକୁ ତାଙ୍କୁ 'ବାହାଣିଆ' ଗାଁରେ ୭ମାଣ ୭ଗୁଣ୍ଠ ୭ ବିଶ୍ୱା ଜମି ଉପହାର ଦିଆଯାଇଥିଲା ଗଜପତିଙ୍କ ପକ୍ଷରୁ। ସେ ମାଗଣାରେ ପାନ ଯୋଗାଉ ନ ଥିଲେ, ତଥାପି ଦାୟିତ୍ୱ ଓ କର୍ତ୍ତବ୍ୟ ସେ ଯେପରି କରିଥିଲେ ସେଥିପାଇଁ ମର୍ଯ୍ୟାଦା ଦିଆଯାଇଥିଲା। କେବଳ ଏହା ଗୋଟିଏ ଉଦାହରଣ ନୁହେଁ, ପାଉଣା ନେଇ ବର୍ଷ ବର୍ଷ ଧରି କୋଣାର୍କର ରାସ୍ତା, ଶିବିର ସ୍ଥାନ, ପଥର ଖୋଦେଇ ସ୍ଥାନ, କାଠ ଅଡ଼ା ପ୍ରଭୃତି ୩୦ଜଣ ସଫେଇ କର୍ମଚାରୀ ସଫା କରିଚାଲିଥିଲେ। ତାଙ୍କ ମୁଖିଆ ଥିଲେ ଶ୍ରୀରାମ ରାଉଳ, ସେମାନଙ୍କୁ ଜମି ଉପହାର ଦିଆଯାଇଥିଲା। ପରିଶ୍ରମ, ନିଷ୍ଠା ଓ ତ୍ୟାଗର ମୂଲ୍ୟ ଦେବାରେ ଓଡ଼ିଆ ଜାତି କୃପଣ ନ ଥିଲା।

୨୬୧ ଉଲ୍ଲଂଘନକାରୀଙ୍କ ଡିଏଲ୍ ରଦ୍ଦ ହେବ

ଭୁବନେଶ୍ୱର,୨୪।୭(ବ୍ୟୁରୋ) : ଟ୍ରାଫିକ ନିୟମକୁ ଅବମାନନା କରି ଗାଡି ଚଳାଉଥିବା ଚାଳକଙ୍କ ଉପରେ ଭୁବନେଶ୍ୱର ଟ୍ରାଫିକ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜୁଲାଇ ୧୭ରୁ ୨୩ ତାରିଖ ମଧ୍ୟରେ ଟ୍ରାଫିକ ନିୟମ ଖିଲାପ କରିଥିବା ୩ ହଜାର ୪୫୫ ଜଣଙ୍କ ନାମରେ ଚାଲାଣ ପଠାଯାଇଛି । ଏଥିସହ ୨୬୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ନିବେଦନ କରାଯାଇଛି। ଏପରି ଚଢାଉ ଆଗକୁ ଅଧିକ କଡାକଡି ଭାବେ ପାଳନ କରାଯିବ ବୋଲି ଭୁବନେଶ୍ୱର ଟ୍ରାଫିକ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | For Single Day | For 7 Days | For 15 Days | For 30 days
6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4
1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00
GST 5%
for Booking Contact: 0674-2580385, 8637280816, 7894447167, 9338226625

KUBER FINANCE (Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଜଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

ଧନଲକ୍ଷ୍ମୀ ଫାଇନାନ୍ସ
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏ

ବର୍ଷା ଋତୁରେ ରୋଗ ଓ ପ୍ରତିକାର

ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ବର୍ଷା ଋତୁରେ ନଦୀ, ପୋଖରୀ ଝରଣା ଜଳକୁ ପାନୀୟ ଜଳ ଭାବେ ଗ୍ରହଣ କରିବା ଅନୁଚିତ। ନଳକୂପ ଜଳକୁ ଭଲଭାବେ ସିଝାଇ ଛାଣି ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଡାଇରିଆରୁ ରକ୍ଷାପାଇବା ନିମନ୍ତେ ବର୍ଷା ଋତୁରେ ଉଷୁମ ତଥା ତଟକା ଖାଦ୍ୟ, ଉଷୁମ ଜଳ ସେବନ, ଖାଦ୍ୟ ଖାଇବା ପୂର୍ବରୁ ପରିଷ୍କାର ଭାବେ ହାତ ଧୋଇବା, ଖାଦ୍ୟକୁ ସର୍ବଦା ଘୋଡ଼ାଇ ରଖିବା ନିତାନ୍ତ ଜରୁରୀ । ବାସିଖାଦ୍ୟ, ଘୋଡ଼ା ଯାଇ ନ ଥିବା ଖାଦ୍ୟ ଖାଇବା ଆଦୌ ଠିକ୍ ନୁହେଁ ।"

ସାଧାରଣତଃ ବର୍ଷା ଋତୁରେ କେତେକ ନିର୍ଦ୍ଦିଷ୍ଟ ରୋଗର ପ୍ରକୋପ ବୃଦ୍ଧି ପାଇଥାଏ । ଏହି ସମୟରେ ରୋଗ ପ୍ରତି ସତର୍କ ନ ରହିବା, ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଠିକ୍ ସମୟରେ ଚିକିତ୍ସା ନ କରିବା ଦ୍ୱାରା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ଆକାର ଧାରଣ କରିଥାଏ । ଏହି ଋତୁରେ ମୁଖ୍ୟତଃ ଡାଇରିଆ (ଝାଡ଼ାବାନ୍ତି), ମ୍ୟାଲେରିଆ, 'ଡେଙ୍ଗୁ' ଆଦି ରୋଗର ପ୍ରକୋପ ଅଧିକ ଦେଖାଯାଇଥାଏ । ବର୍ଷା ଋତୁ ଆରମ୍ଭରେ ନଦୀ, ନାଳ, ପୋଖରୀ ଆଦି ସମସ୍ତ ଜଳାଶୟରେ ଦୂଷିତ ଜଳ ଭରପୂର ହୋଇ ରହିଥାଏ । ଉକ୍ତ ଦୂଷିତ ଜଳ ସଂସ୍ପର୍ଶରେ ଆସିଲେ ଆମେ ଡାଇରିଆ ତଥା ବିଭିନ୍ନ ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ବର୍ଷା ଋତୁରେ ନଦୀ, ପୋଖରୀ ଝରଣା ଜଳକୁ ପାନୀୟ ଜଳ ଭାବେ ଗ୍ରହଣ କରିବା ଅନୁଚିତ । ନଳକୂପ ଜଳକୁ ଭଲଭାବେ ସିଝାଇ ଛାଣି ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ । ଡାଇରିଆରୁ ରକ୍ଷା ପାଇବା ନିମନ୍ତେ ବର୍ଷା ଋତୁରେ ଉଷୁମ ତଥା ତଟକା ଖାଦ୍ୟ, ଉଷୁମ ଜଳ ସେବନ, ଖାଦ୍ୟ ଖାଇବା ପୂର୍ବରୁ ପରିଷ୍କାର ଭାବେ ହାତ ଧୋଇବା, ଖାଦ୍ୟକୁ ସର୍ବଦା ଘୋଡ଼ାଇ ରଖିବା ନିତାନ୍ତ ଜରୁରୀ । ବାସିଖାଦ୍ୟ, ଘୋଡ଼ା ଯାଇ ନ ଥିବା ଖାଦ୍ୟ ଖାଇବା ଆଦୌ ଠିକ୍ ନୁହେଁ । ଡାଇରିଆକୁ ପ୍ରତିରୋଧ ନିମନ୍ତେ ନିଜେ ସତର୍କ ରହିବା ସହ ନିଜ ପରିବାର ଓ ସମାଜକୁ ସଚେତନ କରିବାର ଆବଶ୍ୟକତା ରହିଛି ।

ବର୍ଷା ଋତୁରେ ମ୍ୟାଲେରିଆ ଜ୍ୱରର ପ୍ରକୋପ ବୃଦ୍ଧି ପାଇଥାଏ । ସାଧାରଣତଃ ବର୍ଷା ଋତୁରେ ମଶାମାନଙ୍କର ବଂଶ ବୃଦ୍ଧି ଘଟିଥାଏ । ମାଈ ଏନୋଫିଲିସ ନାମକ ମଶା ହିଁ ମ୍ୟାଲେରିଆ ଜ୍ୱରର ବାହକ ଅଟେ । ଜଣେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କଠାରୁ ମାଈ ଏନୋଫିଲିସ ମଶା ପରଜୀବୀ ଭୂତାଣୁ (PASMODIUM) କୁ ନେଇ ଏକ ସୁସ୍ଥ ଲୋକର ଶରୀରରେ ପ୍ରବେଶ କରାଇଲା ପରେ ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାଏ । ଏହି ମାଈ ଏନୋଫିଲିସ ମଶା ସାଧାରଣତଃ ସଫା ଓ ସ୍ଥିର ପାଣିରେ ହିଁ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାଏ । ତେଣୁ ନିଜ ବାସଗୃହ ନିକଟ ଏବଂ ନିଜ ପରିବେଶରେ ପାଣି ଜମିବାକୁ ଦେବା ଅନୁଚିତ । ରାତିରେ ମଶାରୀ ଟାଙ୍ଗି ଶୋଇବା, ବାସ ଗୃହ ଚାରିପାଖ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ । ଲକ୍ଷଣ ଦେଖାଦେବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମ୍ୟାଲେରିଆ କିଟ୍ ଦ୍ୱାରା ନିଜର ରକ୍ତ ନମୁନା ପରୀକ୍ଷା କରାଇବା ଉଚିତ । ପୃଥିବୀରେ ମ୍ୟାଲେରିଆ ଜୀବାଣୁ ସାଧାରଣତଃ ୪ପ୍ରକାର ଦେଖାଯାଉଥିବା ବେଳେ ଆମ ଭାରତରେ ମୁଖ୍ୟତଃ ପ୍ଲାଜମୋଡିୟମ ଫେଲସି FERUM (PF) ଓ ପ୍ଲାଜମୋଡିୟମ ଭାଇ ଭେକ୍ସ (PV) ନାମରେ ୨ ପ୍ରକାର ମ୍ୟାଲେରିଆ ଦେଖା ଦେଇଥାଏ । ଏଥିରୁ ପ୍ଲାଜମୋଡିୟମ ଫୋଲ୍ସିଫରମ (PF) ମ୍ୟାଲେରିଆର ପ୍ରକୋପ ଅଧିକ ଅଟେ । ଠିକ୍ ସମୟରେ ଠିକ୍ ଚିକିତ୍ସା କରା ନ ଗଲେ କିମ୍ବା ରୋଗୀ ପ୍ରତି ଅବହେଳା କଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ଅଧିକ ରହିଥାଏ । ମ୍ୟାଲେରିଆ ଜ୍ୱରରେ ମନୁଷ୍ୟ ଆକ୍ରାନ୍ତ ହେଲେ ଶରୀରରେ ତାପମାତ୍ରା ବୃଦ୍ଧି ହେବାସହ ରୋଗୀ ବାଉଳିଚାଉଳି ହୋଇଥାଏ । ରୋଗୀର ଏହି ଅବସ୍ଥା ଦେଖି କେତେକ ବ୍ୟକ୍ତି ଗୁଣୀ ଗାରେଡ଼ି, ଝଡ଼ାଫୁଙ୍କାର ଆଶ୍ରୟ ନେଇଥାନ୍ତି, ଯଦ୍ୱାରା ରୋଗୀର ଠିକ୍ ସମୟରେ ଚିକିତ୍ସା ହୋଇପାରି ନ ଥାଏ । ଏହାଫଳରେ ରୋଗୀଟି ଅବହେଳିତ ହୋଇ ମୃତ୍ୟୁମୁଖରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ଏକ ପରିସଂଖ୍ୟାନ ଅନୁଯାୟୀ ବହୁ ବର୍ଷ ପୂର୍ବେ ଆମ ଦେଶରେ ବହୁତ ବ୍ୟକ୍ତି ମ୍ୟାଲେରିଆରେ ମୃତ୍ୟୁବରଣ କରୁଥିଲେ । ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର 'ଦମନ କାର୍ଯ୍ୟକ୍ରମ' ଓ ମ୍ୟାଲେରିଆକୁ ପ୍ରତିରୋଧ ନିମନ୍ତେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହେତୁ ମ୍ୟାଲେରିଆକୁ ପୂର୍ଣ୍ଣ ମାତ୍ରାରେ ପ୍ରତିହତ କରାଯାଇପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାରେ ଗତ ୩ ବର୍ଷ ମଧ୍ୟରେ ମ୍ୟାଲେରିଆ ପ୍ରାୟତଃ ୯୦ ପ୍ରତିଶତ ହ୍ରାସ ପାଇପାରିଛି, ଯାହାକି ଶୁଭ ସୂଚନା । ଏକ ସର୍ଭେରୁ ଜଣାପଡ଼ିଛି ଯେ, ଆମ ଦେଶରେ ମ୍ୟାଲେରିଆ ସଂକ୍ରମଣ ହାର ୭୪ ପ୍ରତିଶତ ହ୍ରାସ ପାଇଥିବା ବେଳେ ତୁଳନାତ୍ମକ ଭାବେ ମ୍ୟାଲେରିଆରେ ମୃତ୍ୟୁସଂଖ୍ୟା ମଧ୍ୟ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି ।

ବର୍ଷା ଋତୁରେ ଡେଙ୍ଗୁ ଏବଂ ଚିକୁନଗୁନିଆ ରୋଗର ପ୍ରାଦୁର୍ଭାବ ଅଧିକ ରହିଥାଏ । ଡେଙ୍ଗୁ ଏକ ଭୂତାଣୁଜନିତ ରୋଗ । ଏଡିସ ମଶା କାମୁଡ଼ିବା ଦ୍ୱାରା ହିଁ ଜଣେ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୋଇଥାଏ । ଉକ୍ତ ଏଡିସ ମଶା ମାଟି ସହ ସଲଗ୍ନ ହୋଇ ନ ଥିବା ଜଳ (ଭଙ୍ଗା ମାଠିଆ, ଫିଙ୍ଗା ଯାଇଥିବା ନଡ଼ିଆ ଶଢ଼େଇ, ପଇଡ଼ଖୋଳ ଏବଂ ଚା ଓ ଥଣ୍ଡା ପାନୀୟ ପ୍ଲାଷ୍ଟିକ କପ, ସାଇକେଲ ଓ ମୋଟର ସାଇକେଲର ପୁରୁଣା ଟାୟାରରେ ନିଜର ବଂଶ ବିସ୍ତାର କରିଥାଆନ୍ତି । ତେଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ସହ ବାସଗୃହ ଏବଂ ନିଜ ପରିବେଶକୁ ସଫା ରଖିବା ଜରୁରୀ ଅଟେ । ଡେଙ୍ଗୁରେ ଆକ୍ରାନ୍ତ ହେଲେ ରୋଗୀ ଜ୍ୱର ସହ ଖଞ୍ଜାରେ ଯନ୍ତ୍ରଣା (ଜଏଣ୍ଟ ପେନ୍) ଅନୁଭୂତ ହୋଇଥାଏ । ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀର ରକ୍ତ ନମୁନା ପରୀକ୍ଷା ପରେ ହିଁ ଡେଙ୍ଗୁ ଭୂତାଣୁ ଚିହ୍ନଟ ହୋଇଥାଏ । ଏଥିରେ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ । ଏ ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବର୍ଷା ଋତୁରେ ଜଳଜନିତ ବିଭିନ୍ନ ରୋଗରୁ ସୁରକ୍ଷା ନିମନ୍ତେ ନିଜେ ଅଧିକ ସତର୍କ ରହିବା ଦରକାର । ତା' ସହ ଅନ୍ୟମାନଙ୍କୁ ମଧ୍ୟ ଉପରୋକ୍ତ ରୋଗ ବିଷୟରେ ସଚେତନ କରାଇବାର ଆବଶ୍ୟକତା ରହିଛି ।

–ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

ହୃଦ୍‌ଜନିତ ସମସ୍ୟା ଓ ଦୁଗ୍ଧଜାତୀୟ ଖାଦ୍ୟ

ଆଜିକାଲି ହୃଦ୍‌ରୋଗ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ । ହେଲେ ଏପରି ଏକ ସହଜ ତଥା ସରଳ ଉପାୟ ରହିଛି, ଯାହାକୁ ଆପଣେଇ ଜଣେ ନିଜକୁ ଏଥିରୁ କେତେକାଂଶରେ ଦୂରେଇ ରଖିପାରିବ । ଏଭଳି ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ । ସେଥିରୁ ସେମାନେ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତି ତେବେ ସେ ନିଜକୁ ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବେ । ଏଭଳି ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କର ହୃତ୍‌ପିଣ୍ଡର କାର୍ଯ୍ୟକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରି ଏ ସମ୍ପର୍କରେ ସୂଚନା ପାଇଥିଲେ । ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ନିଶ୍ଚୟ ସାମିଲ କରିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି ।

ନିଦ୍ରାହୀନତାର ସହଜ ଉପଚାର

ଆମେ ପ୍ରତିଦିନ ରାତିରେ ଆବଶ୍ୟକ ମୁତାବକ ଅର୍ଥାତ୍ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର । ହେଲେ ଅନେକଙ୍କର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ । ନିଦ୍ରାହୀନତା ଏପରି ଏକ ସମସ୍ୟା, ଯାହା ପରବର୍ତ୍ତୀ ସମୟରେ ଅନ୍ୟ କେତେକ ରୋଗର କାରଣ ସାଜିଥାଏ । ତେବେ ରାତିରେ ଭଲ ନିଦ ହେବା ପାଇଁ ଏକ ସହଜ ପ୍ରଣାଳୀ ଅବଲମ୍ବନ କରିପାରନ୍ତି । ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ, ପ୍ରାଣାୟାମ କରନ୍ତି, ତେବେ ସେ ନିଦ୍ରାହୀନତା ପରି ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିଥାଆନ୍ତି । ଅନ୍ୟପକ୍ଷରେ ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ । ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ ।

ଆକ୍ୟୁଟ ରେନାଲ ଫେଲ୍ୟୁଓର

କିଡ୍‌ନୀ ଏପରି ଏକ ଅଙ୍ଗ ଯାହାର କାର୍ଯ୍ୟ ଅକ୍ଷମତା ଅନେକ ଡେରିରେ ଧରାପଡ଼େ । ଅଙ୍ଗଟି ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ନ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି । ଦୁଇଟିଯାକ କିଡ୍‌ନୀ ସୁସ୍ଥ ଭାବରେ କାମ କରି ଚାଲିଥିବାବେଳେ ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ । ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର' ବା ଏଆର୍‌ଏଫ୍ । କିଡ୍‌ନୀ ମଧ୍ୟ ଦେଇ ଯଥେଷ୍ଟ ରକ୍ତ ପ୍ରବାହିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ । ପରିସ୍ରାର ପରିମାଣ କମିଯିବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦ ଲାଗିବା, ଶ୍ୱାସ କଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ । ଅନ୍ୟପକ୍ଷରେ ରକ୍ତଚାପ ବଢ଼ି ଦୀର୍ଘଦିନ ଧରି ଅନିୟନ୍ତ୍ରିତ ଅବସ୍ଥାରେ ରହିଲେ, ଡାଇବେଟିସ୍ ନିୟନ୍ତ୍ରଣରେ ନ ଥିଲେ, କିଡ୍‌ନୀ ବାରମ୍ବାର ସଂକ୍ରମିତ ହେଲେ ଏପରି ସମସ୍ୟା ଦେଖାଦେଇଥାଏ । ଏଭଳି ଅବସ୍ଥାକୁ 'ଦୀର୍ଘକାଳୀ କିଡ୍‌ନୀ ଅକ୍ଷମତା' (କ୍ରନିକ୍ ରେନାଲ୍ ଫେଲ୍ୟୁଓର ବା ସିଆର୍‌ଏଫ୍) ବୋଲି କୁହାଯାଏ । ଏହି କ୍ରନିକ୍ ଅକ୍ଷମତାର ପ୍ରଥମ ଅବସ୍ଥାରେ କୌଣସି ଲକ୍ଷଣ ପ୍ରକାଶ ନ ପାଇପାରେ । ପରେ ପରେ ପରିସ୍ରାର ପରିମାଣ କମିଯାଏ, ଦୁର୍ବଳ ଲାଗେ, ଅଇ ଉଠେ, ଭୋକ ହୁଏନି, ଦେହହାତ କୁଣ୍ଡେଇ ହୁଏ, ରକ୍ତହୀନତା ଦେଖାଦିଏ, ଶ୍ୱାସ କଷ୍ଟ ହୁଏ ଓ ମୁହଁ ପାଦ ଫୁଲେ ।





କ୍ୟାନ୍‌ସର ଆଶଙ୍କା ଦୂର କରେ ଚିନାବାଦାମ

ଚିନାବାଦାମରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ତେବେ ଏହାକୁ ନିୟମିତ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର କ୍ୟାନ୍‌ସର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଚିନାବାଦାମରେ ଭିଟାମିନ୍ ଏବଂ ଖଣିଜ ଲବଣ ଭରି ରହିଛି, ଯାହା ଆମ ଶରୀରରେ ଆଣ୍ଟିବଡି ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଫଳରେ ଜଣେ ବ୍ୟକ୍ତି ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । କେବଳ ସେତିକି ନୁହେଁ, ଏହାକୁ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ । ଚିନାବାଦାମରେ ଭିଟାମିନ୍ 'ବି' ଭରିରହିଛି, ଯାହା ସ୍ମରଣ ଶକ୍ତିକୁ ଆହୁରି ପ୍ରଖର କରାଇଥାଏ ।

ବିଶ୍ୱ ବ୍ରହ୍ମାଣ୍ଡର ବିସ୍ମୟ କୃଷ୍ଣଗର୍ତ୍ତ

(ଶେଷ ଭାଗ)

ଆମେ ସମସ୍ତେ କାଗଜ କଲମରେ ହିସାବ କରି ନିଜ ପାଇଁ ଏକ କୃଷ୍ଣଗର୍ତ୍ତ ତିଆରି କରି ପାରିବା । ସୂତ୍ର ହେଉଛି $v_e = \sqrt{\frac{2GM}{r}}$ । ଏହି ପରିବେଗର ଗାଣିତିକ ସୂତ୍ରକୁ ଧ୍ୟାନ ଦେବା । ଏଠାରେ Rର ହେଉଛି ବସ୍ତୁତ୍ୱର ବ୍ୟାସାର୍ଦ୍ଧ । ତେବେ ପଳାୟନ ପରିବେଗ ବଢ଼ାଇବାକୁ ହେଲେ ବସ୍ତୁତ୍ୱ 'M'ର 'R' ମୂଲ୍ୟକୁ ବଢ଼ାଇବାକୁ ପଡ଼ିବ । ସୂତ୍ରରେ ଅନ୍ୟ ସବୁ ରାଶି ସ୍ଥିର ଅଛି । ତାକୁ ନା କମାଇ ପାରିବା ନା ବଢାଇ ପାରିବା । ଏହାକୁ ସମ୍ଭବ କରିବାକୁ ହେଲେ ଆମକୁ ସେ ବସ୍ତୁର ବସ୍ତୁତ୍ୱ ସାନ୍ଦ୍ରତା ବଢାଇବାକୁ ପଡିବ ନ ହେଲେ ବସ୍ତୁର ଆକୃତି କମାଇବାକୁ ପଡ଼ିବ । ଯଦି ଆମେ କୌଣସି ଉପାୟରେ ତାହାର ସାନ୍ଦ୍ରତାକୁ ବଢାଇ ଚାଲିବା, ଆମକୁ ଏପରି ଏକ ବସ୍ତୁ ମିଳିବ ଯାହାକୁ ଆମେ ଦେଖି ପାରିବା ନାହିଁ । କେମିତି ଦେଖାଯିବ କାରଣ ଏହା କୌଣସି ଆଲୋକ ବିକିରଣ କରିବ ନାହିଁ । ସବୁ ବିକିରଣକୁ ଶୋଷିନେବ । ତେଣୁ କୃଷ୍ଣଗର୍ତ୍ତ ହେଉଛି ଆମ ବ୍ରହ୍ମାଣ୍ଡର ସବୁଠୁ ବଡ ରହସ୍ୟମୟ ବସ୍ତୁ । ଏହାର ଭିତରେ କଣ ଘଟୁଛି, ତାହା ଆମକୁ କେବେ ବି ଦେଖାଯିବ ନାହିଁ । କାରଣ ତାହା ଭିତରୁ କୌଣସି ଜିନିଷ ବାହାରକୁ ଆସିପାରୁ ନାହିଁ କି ଆଲୋକ ରଶ୍ମି ବି ଆସୁ ନାହିଁ । ଏହି କାରଣରୁ ଏହାର ନାମ କୃଷ୍ଣଗର୍ତ୍ତ ବୋଲି ରଖାଯାଇଛି । ଯଦି ଶୂନ୍ୟରେ କୌଣସି ଏକ ସ୍ଥାନରେ କୃଷ୍ଣଗର୍ତ୍ତ ରହିଛି, ତେବେ ତାହାର ଆଖ ପାଖ ଜିନିଷ ଉପରେ ମାଧ୍ୟକର୍ଷଣ ଶକ୍ତିର ପ୍ରଭାବ ପଡିବ । ଆଖ ପାଖ ଜିନିଷ ଉପରେ ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବରେ କୃଷ୍ଣଗର୍ତ୍ତର ଚତୁଃପାର୍ଶ୍ୱରେ ବସ୍ତୁ ମାନେ ଚୁଲିବେ । ସେଥିରୁ ଆମକୁ କୃଷ୍ଣଗର୍ତ୍ତର ଉପସ୍ଥିତି ସଂପର୍କରେ ସୂଚନା ମିଳିପାରିବ ।

ଯଦି ଅନ୍ତରୀକ୍ଷର କିଛି ଅଂଶରେ ଏହିପରି ଅବସ୍ଥା ଦେଖାଦିଏ, ଅର୍ଥାତ୍ କିଛି ଗ୍ରହ ନକ୍ଷତ୍ର ଏକ ଅନ୍ଧାର କ୍ଷେତ୍ରରେ ଚକର କାଟୁ ଥିବାର ଦେଖିବାକୁ ମିଳିଲେ, ଆମକୁ ଅନୁମାନ ହୋଇଯାଏ ଯେ ସେଠାରେ ଏକ କୃଷ୍ଣଗର୍ତ୍ତ ରହିଛି । ଆମେ ଜାଣିଲେ ଯେ କୃଷ୍ଣଗର୍ତ୍ତରେ ମାଧ୍ୟାକର୍ଷଣ ଶକ୍ତି ବାହାରୁଛି କିନ୍ତୁ ସେହିଠାରୁ ଆଲୋକ ରଶ୍ମି ବାହାରୁ ନାହିଁ । କାରଣ ଯେଉଁ ମାଧ୍ୟାକର୍ଷଣ ଶକ୍ତିର ଆକର୍ଷଣ ହେଉଛି ଏକ କୃଷ୍ଣଗର୍ତ୍ତ ଭିତରେ ଥିବା ବସ୍ତୁତ୍ୱର କାରଣରୁ ଏହା ଏପରି ଘଟୁଛି । କୌଣସି ଉପାୟରେ କୃଷ୍ଣଗର୍ତ୍ତର ଚତୁଃପାର୍ଶ୍ୱରେ ମାଧ୍ୟାକର୍ଷଣ ଶକ୍ତି କେତେ ଅଛି ଜାଣିପାରିଲେ, ଆମେ ସମ୍ପୂର୍ଣ୍ଣ ଭାବରେ ଜାଣିପାରିବା ଯେ କୃଷ୍ଣଗର୍ତ୍ତ ଭିତରେ କେତେ ପରିମାଣର ବସ୍ତୁତ୍ୱ ନିହିତ ଅଛି । ଏହି ମାଧ୍ୟାକର୍ଷଣ ଶକ୍ତି ଭୂମି ପଦ୍ଧତି ପ୍ରୟୋଗ କରି ଆମେ କୃଷ୍ଣଗର୍ତ୍ତ ଭିତରେ କିପରି କାମ କରୁଛି ଜାଣିପାରିବା । ଆଜିକାର ସମୟରେ ଯେମିତି ଆଧୁନିକ ପଦ୍ଧତି ଅବଲମ୍ବନ କରି ଯେଉଁଥିରେ ସବୁଠୁ ଅଧିକ ଗବେଷଣା ଚାଲିଛି ତାହା ହେଉଛି ମାଧ୍ୟାକର୍ଷଣ ତରଙ୍ଗକୁ ସଠିକ ଭାବରେ ମାପିବା ପାଇଁ । ଦେଖିବା ପାଇଁ ମାଧ୍ୟାକର୍ଷଣ ତରଙ୍ଗ ଆମର ଆଖିପରି କାମ କରିବ ଯେ ଏକ କୃଷ୍ଣଗର୍ତ୍ତ ଭିତରେ କ'ଣ ଚାଲୁଅଛି । ବୈଜ୍ଞାନିକମାନେ ମାଧ୍ୟାକର୍ଷଣ ବିକିରଣ ସଂପର୍କରେ ଗବେଷଣାଗାରରେ ପରୀକ୍ଷା ନିରୀକ୍ଷା କରିଛନ୍ତି । ଏହି ପରୀକ୍ଷାକୁ କାର୍ଯ୍ୟକାରୀ କରିବା ପାଇଁ ବହୁତ ଭାରତୀୟ ବୈଜ୍ଞାନିକମାନଙ୍କର ଭୂମିକା ରହିଛି । ଯେଉଁ ମାଧ୍ୟାକର୍ଷଣ ତରଙ୍ଗକୁ ଆମେ ପୃଥିବୀ ପୃଷ୍ଠରେ ପାଇବା, ତାହା ହେଉଛି ଦୁଇଟା କୃଷ୍ଣଗର୍ତ୍ତର । ଏହି ଦୁଇଟି ମଧ୍ୟରେ ଧକ୍କା ହେବା ଫଳରେ ଦୁଇଟା କୃଷ୍ଣଗର୍ତ୍ତ ଗୋଟିଏ ବଡ଼ କୃଷ୍ଣଗର୍ତ୍ତରେ ପରିଣତ ହେବେ । ମାଧ୍ୟାକର୍ଷଣ ତରଙ୍ଗ ଉପରେ ସକ୍ରିୟ ଗବେଷଣା ଚାଲୁରହିଛି । ସେହି ଗବେଷଣାରୁ ଆମେ କୃଷ୍ଣଗର୍ତ୍ତର ଭିତର ରହସ୍ୟକୁ ଜାଣି ପାରିବା । ଲେଜର ଇଣ୍ଟର୍‌ଫେରୋମିଟର ଗ୍ରାଭିଟେସନାଲ ମାଧ୍ୟାକର୍ଷଣ ଜନିତ ତରଙ୍ଗ ଅବଜରଭେଟୋରି ଏପରି ଏକ ପରୀକ୍ଷାଗାର, ଯାହା ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ମାଧ୍ୟାକର୍ଷଣ ତରଙ୍ଗ ଖୋଜିବାରେ ସାହାଯ୍ୟ କରିବ । ଏହି ପରୀକ୍ଷାକୁ ବୁଝିବାକୁ ହେଲେ ଆମକୁ ଆଇନଷ୍ଟାଇନ୍‌ଙ୍କ ଆପେକ୍ଷିକତା ତତ୍ତ୍ୱକୁ ବୁଝିବାକୁ ପଡ଼ିବ । ଆପେକ୍ଷିକତା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୨୫/୨୦୨୨ Bhubaneswar, Monday, July 25/ 2022

ଆଜିଠୁ କଳିଙ୍ଗରେ ସାଫ୍ ଫୁଟବଲ

ରବିବାର ଖବରଦାତା ସମ୍ମିଳନୀ ଅବସରରେ ମୁଖ୍ୟ କୋଚ୍ ଶନ୍‌ମୁଗମ୍ ଭେଙ୍କଟେଶ ଓ ଡିଫେଣ୍ଡର ବିକାଶ ୟୁମନାମ।

ଭୁବନେଶ୍ୱର, ୨୪।୭
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ଆଉ ଏକ ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ। ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ୍ ଫୁଟ୍‌ବଲ ଫେଡେରେଶନ)ଚାମ୍ପିୟନଶିପ୍‌ର ୪ର୍ଥ ସଂସ୍କରଣ ସୋମବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ସମେତ ମାଳଦ୍ୱୀପ, ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କା ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ଅଗଷ୍ଟ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଗତ ସଂସ୍କରଣ ଅର୍ଥାତ୍ ୨୦୧୯ ମସିହା ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏଥର ଭାରତ ଆସନ୍ତା ୨୭ରେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଅଂଶଗ୍ରହଣକାରୀ ୫ଟି ଯାକ ଦଳ ଭୁବନେଶ୍ୱରରେ ଅଭ୍ୟାସକୁ ବୃତ୍ତାନ୍ତ ରୂପ ଦେଇଛନ୍ତି। ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମସ୍ତ କୋଚ୍ ଓ ଖେଳାଳି ନିଜ ଦଳକୁ ନେଇ ଆଶାରେ ରହିଛନ୍ତି। ଭାରତ ଗତଥରର ଚାମ୍ପିୟନ ହୋଇଥିବାରୁ ଏଥର ମଧ୍ୟ ଟାଇଟଲ ବଜାୟ ରଖିବା ନେଇ ଆଶା ରହିଛି। ୨୦୧୫ ଓ ୨୦୧୭ରେ ୨ଥର ଚାମ୍ପିୟନ ନେପାଳ ଏବଂ ୨୦୧୭ ଓ ୨୦୧୯ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ବାଂଲାଦେଶ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ବଦ୍ଧପରିକର। ଭାରତ, ନେପାଳ, ବାଂଲାଦେଶ ଓ ମାଳଦ୍ୱୀପ ୪ଟି ଯାକ ସଂସ୍କରଣରେ ଖେଳିବାକୁ ଯାଉଥିବାବେଳେ ଶ୍ରୀଲଙ୍କା ଦ୍ୱିତୀୟଥର ପାଇଁ ଭାଗ୍ୟ ପରୀକ୍ଷା କରିବ। ଲିଗ୍ ପର୍ଯ୍ୟାୟ ଅଗଷ୍ଟ ୨ରେ ଶେଷ ହେବ। ସର୍ବାଧିକ ପଏଣ୍ଟ ରଖିଥିବା ୨ ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅଗଷ୍ଟ ୫ରେ ମେଗା ଫାଇନାଲ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ, ଏହା ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ୨୦୧୯ ଫେବୃୟାରୀରେ ମହିଳା ଗୋଲ୍ଡ କପ୍ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଠାରେ ଆସନ୍ତା ଅକ୍ଟୋବରରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ମ୍ୟାଚ୍ ହେବ। ଭାରତୀୟ ୨୦ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ଶନ୍‌ମୁଗମ୍ ଭେଙ୍କଟେଶ ଇତିମଧ୍ୟରେ ୨୩ ଜଣିଆ ଖେଳାଳି ତାଲିକା ଘୋଷଣା କରିଛନ୍ତି। "ଦକ୍ଷିଣ ଏସିଆରେ ଭାରତ ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ଆଶା ଆକାଂକ୍ଷା ବହୁ ଉପରେ ରହିଛି। ଏହି ପ୍ରତିଯୋଗିତା ଆମ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ମହାମାରୀ ପରେ ପ୍ରଥମଥର ପାଇଁ ଆମ ଖେଳାଳିମାନେ ଅନ୍ତର୍ଜାତୀୟ ସ୍ତରର ଏକ ପ୍ରତିଯୋଗିତା ଖେଳିବାକୁ ଯାଉଛନ୍ତି" ବୋଲି ଭେଙ୍କଟେଶ ପ୍ରକାଶ କରିଛନ୍ତି। ଗତ ୨ ସିଜନରେ ଘରୋଇ ସ୍ତରରେ ଭାରତୀୟ ଖେଳାଳିମାନେ ଆଇ-ଲିଗ୍ ଏବଂ ଆଇଏଫ୍‌ଏ ସିଲ୍ଡ ଟୁର୍ନାମେଣ୍ଟ ଖେଳିଛି। ଇଣ୍ଡିଆନ ଆରୋଜ୍‌ର ଅଧିକାଂଶ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

ଭାରତ ୨୭ରେ ବାଂଲାଦେଶକୁ ଭେଟିବ

ଭାରତୀୟ ଦଳ

ଗୋଲକିପର: ସୟଦ ଜାହିଦ ହୁସେନ ବୁଖାରି, ମୋହିତ ସିଂ ଧାମି, ସୋମ୍ କୁମାର।
ଡିଫେଣ୍ଡର: ଅମନଦୀପ, ହାଲେନ ନୋଙ୍ଗଡୁ, ବିକାଶ ୟୁମନାମ, ସାଜିତ ହୁସେନ ପାରେ, ରାଜ ବାସଫୋରେ, ବ୍ରିଜେଶ ଗିରି, ଟଙ୍କଧର ବାଗ୍, ପ୍ରୀତମ ମିତେଇ ସୋରୋଖାଇବାମ୍।
ମିଡ୍‌ଫିଲ୍ଡର: ଶିବଜିତ ସିଂ ଲେଇମାପୋକପାମ, ଭିବିନ ମୋହନନ, ବିନୟ ହାରଜି, ମହେସନ ସିଂ ଟୋଙ୍ଗବ୍ରାମ୍, ସୁଜିତ ସିଂ, ହର୍ଶ ଶୈଳେଶ ପାତ୍ରେ, ଟାଇସନ ସିଂ ଲୋଇଟୋଙ୍ଗବାମ, ମାକାର୍ଟନ ଲୁଇସ ନିକ୍‌ସନ।
ଫରୱାର୍ଡ: ଗୁରକୀରଟ ସିଂ, ପାର୍ଥିବ ସୁନ୍ଦର ଗୋଗୋଇ, ହିମାଂଶୁ ଜାଙ୍ଗ୍ରା, ଶୁଭୋ ପଲ୍।

କାର୍ଯ୍ୟସୂଚୀ

ତାରିଖ	ମ୍ୟାଚ	ସମୟ
୨୫।୭	ନେପାଳ ବନାମ ମାଳଦ୍ୱୀପ	ଅପରାହ୍ନ ୪ଟା
	ଶ୍ରୀଲଙ୍କା ବନାମ ବାଂଲାଦେଶ	ରାତି ୭ଟା
୨୬।୭	ବିଶ୍ରାମ ଦିବସ	
୨୭।୭	ବାଂଲାଦେଶ ବନାମ ଭାରତ	ଅପରାହ୍ନ ୪ଟା
	ଶ୍ରୀଲଙ୍କା ବନାମ ନେପାଳ	ରାତି ୭ଟା
୨୮।୭	ବିଶ୍ରାମ ଦିବସ	
୨୯।୭	ଭାରତ ବନାମ ଶ୍ରୀଲଙ୍କା	ଅପରାହ୍ନ ୪ଟା
	ମାଳଦ୍ୱୀପ ବନାମ ବାଂଲାଦେଶ	ରାତି ୭ଟା
୩୦।୭	ବିଶ୍ରାମ ଦିବସ	
୩୧।୭	ମାଳଦ୍ୱୀପ ବନାମ ଶ୍ରୀଲଙ୍କା	ଅପରାହ୍ନ ୪ଟା
	ନେପାଳ ବନାମ ଭାରତ	ରାତି ୭ଟା
୧।୮	ବିଶ୍ରାମ ଦିବସ	
୨।୮	ବାଂଲାଦେଶ ବନାମ ନେପାଳ	
	ଭାରତ ବନାମ ମାଳଦ୍ୱୀପ	ରାତି ୭ଟା
୩।୮ ଓ ୪।୮	ବିଶ୍ରାମ ଦିବସ	
୫।୮	ଫାଇନାଲ	ରାତି ୭ଟା

ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ସ୍କୁଲ୍ସ ଓପନ ଚେସ୍: ବିନିତ ଚାମ୍ପିୟନ

ଭୁବନେଶ୍ୱର, ୨୪।୭ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୨ୟ ଉପେନ୍ଦ୍ର ନାୟକ ମେମୋରିଆଲ ସ୍କୁଲ୍ସ ଓପନ୍ ଚେସ୍ ଚାମ୍ପିୟନଶିପ୍ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ବିଜେଇଏମ୍ ସ୍କୁଲ-୧ର ଭିନିତ ନାୟକ ୫.୫ ପଏଣ୍ଟ ରଖି ଚାମ୍ପିୟନ ହୋଇଛନ୍ତି। କଟକ ଏଲ୍‌ଆର୍ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଜ୍ଞାନଜ୍ୟୋତି ସିଂ ଓ ଭଦ୍ରକ ସେଣ୍ଟ ଜାଭିଅର ହାଇସ୍କୁଲ୍‌ର ସାଇ ବିଦ୍ୟାଶ୍ରୀ ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରିତ୍ୱିକ ରାଜ ମିଶ୍ର, ଆଦିତ୍ୟ ଜେନା, ସାହାନା ଲେଙ୍କା, ନମସ୍ୟ ନଳିନୀ, ସାୟେଂଶୁ ସେନାପତି, ସିଞ୍ଚନ ଦାଶ ଓ ସାଇ ଅଂଶୁମାନ ସିଂ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳି ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ୨ ଜଣଙ୍କୁ ଶାସ୍ତ୍ରନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ନୟାପଲୀ ବ୍ରାଞ୍ଚ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମ୍ୟାନେଜର ଜ୍ୟୋତି ନାୟାର ମୁଖ୍ୟ ଅତିଥି ଏବଂ ରାଜ୍ୟ ଗୋଇନ୍ଦା ଇନ୍‌ସ୍ପେକ୍ଟର ପ୍ରିୟଦର୍ଶିନୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ସଂକ୍ଷେପରେ

ସାପ କାମୁଡ଼ାରେ ନାବାଳକ ମୃତ

ବ୍ରହ୍ମପୁର ଅଫିସ,୨୪।୭: ସାପ କାମୁଡ଼ାରେ ଗୁରୁତର ଥିବା ଜଣେ ନାବାଳକଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଦେବିଝର ଗ୍ରାମର ଦୀନବନ୍ଧୁ ଶବରଙ୍କ ପୁଅ ମଳୟ(୧୬)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୩୯୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଳୟ ଘରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଳୟଙ୍କ ମୃତ୍ୟୁ ଘଟିଥିଲା।

ଯୁବତୀଙ୍କୁ ଅସଦାଚରଣ: ଛାତ୍ର ଗିରଫ

ବ୍ରହ୍ମପୁର ଅଫିସ,୨୪।୭: ଜଣେ ଯୁବତୀଙ୍କୁ ଅସଦାଚାରଣ କରିଥିବା ଅଭିଯୋଗରେ ଗୋଷାଣି ନୂଆଗାଁ ପୋଲିସ ଜଣେ ଛାତ୍ରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ନବରଙ୍ଗପୁରର ସାଗର ପାଣିଗ୍ରାହୀ (୨୨)। ମାମଲା ନଂ.୧୨୧/୨୨ରେ ସାଗରଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ସାଗର ବ୍ରହ୍ମପୁରରେ ଏକ ସରକାରୀ କଲେଜରେ ଏମସିଏ ଦ୍ୱିତୀୟ ବର୍ଷର ଛାତ୍ର। ସେ ଗୋଷାଣି ନୂଆଗାଁ ଥାନା ଅଞ୍ଚଳରେ ଘରଭଡା ନେଇ ରୁହନ୍ତି। ଗତବର୍ଷ ସାଗର ଇନଷ୍ଟାଗ୍ରାମ ଜରିଆରେ ଜଣେ ଯୁବତୀଙ୍କ ସହ ବନ୍ଧୁତା କରିଥିଲେ। କୌଶଳକ୍ରମେ ସେ ତାଙ୍କ ଫୋନ ନମ୍ବର ମଧ୍ୟ ନେଇଯାଇଥିଲେ। ପରେ ସାଗର ଫୋନରେ ସମ୍ପୃକ୍ତ ଯୁବତୀଙ୍କୁ ବାରମ୍ବାର ଫୋନ କରି ହଇରାଣ କରୁଥିଲେ। ଏପରିକି ଦୁଇଦିନ ତଳେ ଯୁବତୀଙ୍କ ଘର ସମ୍ମୁଖରେ ପହଞ୍ଚି ତାଙ୍କୁ ବାହାରକୁ ଆସିବାକୁ ଧମକ ଦେଇଥିଲେ। ସେହିପରି ଯୁବତୀଙ୍କ ସମ୍ପର୍କରେ ଅଶ୍ଳୀଳ ବ୍ୟବହାର କରିବା ସହ କଟୁ ମନ୍ତବ୍ୟ ଦେଇଥିଲେ। ଯାହାଫଳରେ ଯୁବତୀ ଓ ତାଙ୍କ ମା' ଭୟଭୀତ ହୋଇ ଘର କବାଟ ବନ୍ଦ କରି ରହିଥିଲେ। ସାଗରଙ୍କ ଏଭଳି କାଣ୍ଡ ଯୋଗୁ ସମ୍ମାନ ହାନି ହୋଇଥିବା ପୀଡ଼ିତାଙ୍କ ମା' ଗୋଷାଣିନୁଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଶନିବାର ରାତିରେ ସାଗରଙ୍କୁ ଗିରଫ କରିଥିଲା।

ବକ୍ତୃତା, କୁଇଜ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୪।୭: ରାଷ୍ଟ୍ରବାଦୀ ଶିକ୍ଷକ ସଂଘ ପକ୍ଷରୁ ରବିବାର ସରକାରୀ କୁଇନ ମିଶନ ହାଇସ୍କୁଲ ଠାରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ନଗରସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଷ୍ଠ ଠାରୁ ଯୁକ୍ତ ୩ ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, କୁଇଜ ପ୍ରତିଯୋଗିତା ହୋଇଥିଲା। ମୋଟ ୫୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଦକ୍ଷିଣ ଓଡ଼ିଶାର ଅବଦାନ, ସ୍ୱାଧୀନତା ସଂଗ୍ରାମରେ ନାରୀଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଡ଼.ବିଷ୍ଣୁ ପ୍ରସାଦ ଦାଶ, ଡ଼.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡ଼.ନିବେଦିତା ପାଢ଼ୀ, ଡ଼.ମନୀଷା ମିଶ୍ର, ବିଜୟ କୁମାର ମହାନ୍ତି ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଆସନ୍ତା ଅଗଷ୍ଟ ୭ରେ ହେବାକୁ ଥିବା ଜିଲା ସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ।

ଶଙ୍କର ଚକ୍ଷୁ ଚିକିତ୍ସା ଶିବିର

ରମ୍ଭା,୨୪।୭: ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡିଆଁଡେଇ ବାମଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀନ ପିସ ଭିଲେଜ୍ ଫାଉଣ୍ଡେଶନ, ସାଇବାବା କ୍ଲବ, ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତିର ମିଳିତ ସହଯୋଗରେ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଏକ ମାଗଣା ପରଳ ଚକ୍ଷୁ ଚିକିତ୍ସା ଶିବିର ଆୟୋଜି ହୋଇଥିଲା। ମୁଖ୍ୟଅତିଥି ଭାବେ ବାମଦେବ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ର, ସମ୍ମାନୀତ ଅତିଥିଭାବେ ରମ୍ଭାର ସମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ଆମ୍ବାର ସଭାପତି ଚନ୍ଦ୍ର ଶେଖର ନାହାକ, ଗ୍ରୀନ ପିସ୍ ଭିଲେଜ୍ ଫାଉଣ୍ଡେଶନର ସଭାପତି ପ୍ରତାପ ନାହାକ, ଶିବରାମ ପାତ୍ର, ସାଇବାବା କ୍ଲବ ସଭାପତି ହେମନ୍ତ ଦାସ, ସମ୍ପାଦକ ସୁକାନ୍ତ କୁମାର ନାହାକ, ଶେଷଦେବ ବେହେରା, ରବିନାରାୟଣ ସେନାପତି, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଶିବିର ପରିଚାଳକ ଚିତ୍ରସେନ ଗୌଡ଼ ଯୋଗଦେଇଥିଲେ। ଶିବିରରେ ଉପସ୍ଥିତ ୨୦୦ ରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କୁ ପରୀକ୍ଷା କରିଥିଲେ ଏବଂ ଶିବିରରୁ ୨୩ ଜଣ ଚକ୍ଷୁ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମର ଝୋଳ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି।

ଗଞ୍ଜାମରୁ ୩ ମହିଳା ଲୋକସଭା ସଦସ୍ୟ

ବ୍ରହ୍ମପୁର ଅଫିସ,୨୪।୭

ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରୁ ୨୦୧୯ ମଧ୍ୟରେ ହୋଇଛି ୧୭ ଲୋକ ସଭା ନିର୍ବାଚନ। ଏହି ସମୟ ଭିତରେ ଗଞ୍ଜାମରୁ ବିଜେଡି ଓ କଂଗ୍ରେସରୁ ମାତ୍ର ୩ ମହିଳା ଏମ୍‌ପି ହୋଇଛନ୍ତି। ୧୯୯୮ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ପ୍ରଥମେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ସେ ଭାଜପା ପ୍ରାର୍ଥୀ ପାରଳା ରାଜା ଗୋପୀନାଥ ଗଜପତିଙ୍କୁ ପରାସ୍ତ କରିଥିଲେ। ୧୯୯୯ ନିର୍ବାଚନରେ ଆସିକାରୁ ବିଜେଡି ଏମ୍‌ପି ହୋଇଥିଲେ ନବୀନ ପଟ୍ଟନାୟକ। ୨୦୦୦ ବିଧାନସଭା ନିର୍ବାଚନରେ ସେ ହିଞ୍ଜିଳିକାଟୁ ଆସନରୁ ଜିତି ରାଜ୍ୟ ମୁଖ୍ୟମନ୍ତ୍ରୀ ହେବାରୁ ଏମ୍‌ପି ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଆସିକା ଲୋକ ସଭା ପାଇଁ ହୋଇଥିବା ଉପନିର୍ବାଚନରେ ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ପତ୍ନୀ କୁମୁଦିନୀ ପଟ୍ଟନାୟକ ବିଜେଡିରୁ ନିର୍ବାଚିତ ହୋଇଥିଲେ। ସେ ଥିଲେ ଜିଲାରୁ ଦ୍ୱିତୀୟ ମହିଳା ଏମ୍‌ପି।

୨୦୧୯ ନିର୍ବାଚନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳନ୍ତି ରାଜନୀତିରେ ମାଷ୍ଟର ଷ୍ଟ୍ରୋକ୍ ଦେଖାଇ ଏସ୍‌ଏଚ୍‌ଜିର ପ୍ରମିଳା ବିଷୋୟୀଙ୍କୁ ପ୍ରାର୍ଥୀ କରି ଚର୍ଚ୍ଚା ସୃଷ୍ଟି କରିଥିଲେ। ତାଙ୍କ ସହ

ଜଣେ ରାଜ୍ୟ ସଭାକୁ ନିର୍ବାଚିତ

ଭାଜପାରୁ କୁମୁଦିନୀ ଓ ରାମକୃଷ୍ଣଙ୍କ ଝିଅ ଅନିତା ଶୁଭଦର୍ଶନୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରମିଳା ପ୍ରାୟ ୪ ଲକ୍ଷରୁ ଅଧିକ ଭୋଟ ପାଇ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ଗାଉଁଲି ମହିଳା ପ୍ରମିଳା ହେଉଛନ୍ତି ଜିଲାର ତୃତୀୟ ମହିଳା ଏମ୍‌ପି। ଯେଉଁଠି ଦେଶର ଆଇନ ଓ ସାମ୍ବିଧାନିକ ପ୍ରଣୟନ ଏବଂ ଆବଶ୍ୟକସ୍ଥଳେ ସଂଶୋଧନ କରାଯାଉଛି, ସେହି ଗଣତନ୍ତ୍ରର ମନ୍ଦିରକୁ ଯାଇଛନ୍ତି ପ୍ରମିଳା। ଜିଲାରୁ ଆଉ ଜଣେ ମହିଳା ରେଣୁବାଳା ପ୍ରଧାନ ୨୦୦୮ରୁ ୨୦୧୪ ଯାଏ ବିଜେଡିରୁ ରାଜ୍ୟ ସଭା ସଦସ୍ୟ ହୋଇଥିଲେ।

ତଥ୍ୟାନୁସାରେ ୧୯୯୬ ଲୋକ ସଭା ନିର୍ବାଚନ ଜିଲା ପାଇଁ ରୋଚକ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ବ୍ରହ୍ମପୁରରୁ କଂଗ୍ରେସରୁ ଲଢ଼ିଥିବା ବେଳେ ଆସିକା କ୍ଷେତ୍ରରୁ ବିଜୁ ପଟ୍ଟନାୟକ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଭୟ ଜାତୀୟ ସ୍ତରର ରାଜନେତା ପାର୍ଲାମେଣ୍ଟକୁ ନିର୍ବାଚିତ ହେଲେ। ନରସିଂହ ରାଓ ଜିତିବା ପରେ ଆଉ ପ୍ରଧାନମନ୍ତ୍ରୀ ହୋଇପାରି ନ ଥିଲେ। ବର୍ଷକ ପରେ ୧୯୯୭ ଏପ୍ରିଲ ୧୭ରେ ବିଜୁ ଆରପାରିକୁ ଚାଲିଗଲେ। ସେଠାରେ ହୋଇଥିବା ଉପ ନିର୍ବାଚନରେ ପୁତ୍ର ନବୀନ ଜନତା ଦଳରୁ ଜିତିବା ସହ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ନବୀନ ପିତାଙ୍କ ନାମରେ ଆଞ୍ଚଳିକ ଦଳ ଗଠନ କରି ଲଗାତର ଭାବେ ୫ ଥର ମୁଖ୍ୟମନ୍ତ୍ରୀ ହୋଇ ଜାତୀୟ ରାଜନୀତିରେ ଚର୍ଚ୍ଚାକୁ ଆସିଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ ବିଧାୟିକା ସୁଜ୍ଞାନ କୁମାରୀ ଦେଓ ବହୁବାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ ଲୋକ ସଭା ନିର୍ବାଚନରେ ସେ ଜନତା ଦଳରୁ ବ୍ରହ୍ମପୁର କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ନରସିଂହ ରାଓଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁଜ୍ଞାନ ଲକ୍ଷାଧିକ ଭୋଟରେ ପରାସ୍ତ ହୋଇଥିଲେ।

ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୨୪।୭

ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ୧୪ତମ ବାର୍ଷିକ ଉତ୍ସବ ତଥା ସମ୍ବର୍ଦ୍ଧନା ଉତ୍ସବ ରବିବାର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ.ବାଞ୍ଛାନିଧି ଦାଶ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫେସର ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଗବେଷକ ଡ.ଅନନ୍ତ ରାମ କର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଇଂ.ଶ୍ରୀକାନ୍ତ ମହାପାତ୍ର, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମହାପାତ୍ର ଓ ବିଶିଷ୍ଟ ଶିକ୍ଷାଗତ ସ୍ତମ୍ଭକାର ଦେବୀପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର 'ସ୍ମରଣିକା' ଲୋକାର୍ପଣ ହୋଇଥିଲା। ଏଥିସହ ବିଧାୟକ ପଣ୍ଡାଙ୍କୁ ବିଶିଷ୍ଟ ନାଗରିକ ସମ୍ମାନ, ଲେଖକ ଶରତ ଚନ୍ଦ୍ର ଦାସଙ୍କୁ ସାହିତ୍ୟିକ ସମ୍ମାନ, ସମବାୟବିତ ଚନ୍ଦ୍ରଶେଖର ନାୟକଙ୍କୁ ବିଶିଷ୍ଟ ସମାଜସେବୀ ସମ୍ମାନ ଓ ସାହିତ୍ୟିକ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କୁ କବି ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖଲ୍ଲିକୋଟ, ଆଠଗଡ ବିରୁଲି ଗଡଜାତ ଅଞ୍ଚଳର ଚଳିତ ବର୍ଷର ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ଦଣ୍ଡପାଣି ସାହୁ ସ୍ମୃତି ଫଳକ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ଉକ୍ତ ଅଞ୍ଚଳର ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରୀ ମଧୁସ୍ମିତା ଦାସଙ୍କୁ ସ୍ୱର୍ଗତ ତ୍ରିନାଥ ସାମନ୍ତରାୟ ସ୍ମୃତି ପ୍ରଶଂସା ପତ୍ର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ପ୍ରଫୁଲ୍ଲ କୁମାର ନନ୍ଦ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ସୁବୁଦ୍ଧିଙ୍କ ସମେତ ସୁବାସ ଚନ୍ଦ୍ର ପଣ୍ଡା, ଭିକାରୀ ମହାପାତ୍ର, ହାତିବନ୍ଧୁ ମାଳି, ବିଜୟ କୁମାର ପାଢ଼ୀ ଓ ବନ୍ଦନା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପଠାଣି ସାମନ୍ତ ମ୍ୟୁଜିୟମ ପରିଦର୍ଶନ କଲେ ଉଚ୍ଚ କର୍ତ୍ତୃପକ୍ଷ

ବିଭାଗୀୟ ଅଧିକାରୀମାନେ ପଠାଣୀ ସାମନ୍ତ ମ୍ୟୁଜିୟମ ବୁଲି ଦେଖୁଛନ୍ତି।

ଖଣ୍ଡପଡ଼ା,୨୪।୭(ସ୍ୱ.ପ୍ର.)

୨୦୧୬ ଡିସେମ୍ବର ୧୬ରେ ଖଣ୍ଡପଡ଼ାରେ କାର୍ଯ୍ୟକ୍ଷମ ହୋଇଥିବା ପଠାଣି ସାମନ୍ତ ମ୍ୟୁଜିୟମ ଇତିମଧ୍ୟରେ ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ମ୍ୟୁଜିୟମରେ ବିଭିନ୍ନ ଅବ୍ୟବସ୍ଥା ଦେଖା ଦେଇଥିବା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ହେବା ପରେ ଶନିବାର ଅତିରିକ୍ତ ଶାସନ ସଚିବ ମଞ୍ଜୁଲତା ବେହେରା, ଯୁଗ୍ମ ସଚିବ ବିଦ୍ୟୁତପ୍ରଭା ରାଉତ, ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନିଟୋରିୟମର ବରିଷ୍ଠ ଇଞ୍ଜିନିୟର ଡ.ଜୟଦେବ କର ପ୍ରମୁଖ ଉକ୍ତ ମ୍ୟୁଜିୟମ ପରିଦର୍ଶନରେ ଆସିଥିଲେ । ଉଚ୍ଚ କର୍ତ୍ତୃପକ୍ଷ ମ୍ୟୁଜିୟମର ସ୍ଥିତି ଅନୁଧ୍ୟାନ କରି ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି । ଖୁବ୍‌ଶୀଘ୍ର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଅର୍ଥ ମଞ୍ଜୁର କରାଯିବ ବୋଲି ପ୍ରଶାସନିକ ଅଧିକାରୀଗଣ ପ୍ରତିଶ୍ରୁତି ଦେଇଛନ୍ତି । ରାଜ୍ୟ ଓ ରାଜ୍ୟ ବାହାରରୁ ପର୍ଯ୍ୟଟକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମ୍ୟୁଜିୟମ ପରିସରରେ ଏକ ମୋବାଇଲ ପ୍ଲାନିଟୋରିୟମ ଓ ଟେଲିସ୍କୋପ ସ୍ଥାପନ କରାଯିବ ବୋଲି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି ।

ବିପଦସଙ୍କୁଳ ଅବସ୍ଥାରେ ହାଇମାଷ୍ଟ ଲାଇଟ୍ ଖୁଣ୍ଟ

ଖଣ୍ଡପଡ଼ା,୨୪।୭(ସ୍ୱ.ପ୍ର.)

କଣ୍ଟିଲୋ ଯାତ୍ରାପଦା ବଜାର ଛକ ଉପରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଦୀର୍ଘ ବର୍ଷ ହେଲା ଅକାମୀ ହୋଇ ପଡିଛି। ଏହି ଲାଇଟ୍ ଖୁଣ୍ଟର ନିମ୍ନଭାଗ ନଷ୍ଟ ହୋଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଘରୋଇ ବିଦ୍ୟୁତ ସଂଯୋଗ ହୋଇଥିବା ଟଣକା ତାରରେ ଖୁଣ୍ଟଟି ଅଟକି ରହିଛି । ଏହା କେତେବେଳେ ଯେ ବିପଦ ଘଟାଇବ କହିହେବ ନାହିଁ । ୨୦୦୩ରେ ତତ୍କାଳୀନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀଙ୍କ ହାତପାଣ୍ଠିରୁ ବିଭିନ୍ନ ପଞ୍ଚାୟତକରେ ହାଇମାଷ୍ଟ ଲାଇଟ ଲଗାଯାଇଥିଲା । ଏହି ଯୋଜନାରେ କଣ୍ଟିଲୋ ପଞ୍ଚାୟତ ଅଧୀନ ନୀଳମାଧବ ଜୀଉ ମନ୍ଦିର ପୂର୍ବଦ୍ୱାର ଓ କଣ୍ଟିଲୋ ଯାତ୍ରାପଦା ବଜାର ଛକରେ ଗୋଟିଏ ଲେଖାଏ ଏପରି ୨ ହାଇମାଷ୍ଟ ଲାଇଟ୍ ଲଗାଯାଇଥିଲା । ମାତ୍ର ଲାଇଟ୍ ଲାଗିବାର ମାତ୍ର ୨ବର୍ଷ ନ ପୁରୁଣୁ ତାହା ଅକାମୀ ହୋଇ ପଡିଥିଲା । ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲା । ହେଲେ ରକ୍ଷଣାବେକ୍ଷଣ ଦାୟିତ୍ୱ ଆମର ନୁହେଁ, ତାହା ପଞ୍ଚାୟତ ଦାୟିତ୍ୱ ବୋଲି କହିଥିଲେ । ପଞ୍ଚାୟତ କର୍ତ୍ତୃପକ୍ଷ ବି ଏହାର ମରାମତ ଦାୟିତ୍ୱ ଆମର ନୁହଁ ବୋଲି କହୁଛନ୍ତି। ଫଳରେ ଏହି ଲାଇଟଗୁଡିକ ଦୀର୍ଘ ୧୮ ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବିଶେଷ କରି ଖୁଣ୍ଟର ୯୦ ଭାଗ ଅଂଶ ନଷ୍ଟ ହୋଇଯାଇଛି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରା କହିଛନ୍ତି, ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ।

ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ଖୁଣ୍ଟ।

ଦୋଳାରେ ଗଲେ ଗର୍ଭବତୀ

ଆମ୍ବୁଲାନ୍ସରେ ସନ୍ତାନ ଜନ୍ମ

ପାତ୍ରପୁର, ୨୪।୭(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଗୁଡ଼ିପଦର ଗ୍ରାମର ଜଣେ ଗର୍ଭବତୀଙ୍କୁ ରବିବାର ଡାକ୍ତରଖାନା ନେବା ବେଳେ ଆମ୍ବୁଲାନ୍ସରେ ସନ୍ତାନ ଜନ୍ମ ହୋଇଥିବା ଜଣାପଡ଼ିଛି। ଗୁଡ଼ିପଦର ଗ୍ରାମର ଲକ୍ଷ୍ମଣ ଶବରଙ୍କ ପତ୍ନୀ ମୋହିନୀ ତିନିଦିନ ଧରି ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଏହି ଖବର ୱାର୍ଡ ସଭ୍ୟ ମଙ୍ଗଳା ଶବର ଜାଣି ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଥିଲେ। ଏହାପରେ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରି କୁରୁଡାଲ ନିକଟରେ ଅଟକି ରହିଥିଲା। ଗୁଡ଼ିପଦରରୁ କୁରୁଡାଲ ପ୍ରାୟ ୬କି.ମି. ରାସ୍ତାକୁ ଗ୍ରାମର ମଙ୍ଗଳା ଶବର, ଲବ ଶବର ଓ ଲକ୍ଷ୍ମଣ ଶବର ଗର୍ଭବତୀଙ୍କୁ ଏକ ଦୋଳାରେ ଆଣିଥିଲେ। ସେଠାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସରେ ତାଙ୍କୁ ପାତ୍ରପୁର ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ସେ ଆମ୍ବୁଲାନ୍ସ ଭିତରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି।

କଲର ବେଲ୍ଟ ପ୍ରତିଯୋଗିତା

ଛତ୍ରପୁର,୨୪।୭(ଡି.ଏନ.ଏ.)

ଛତ୍ରପୁରସ୍ଥିତ କେଏମ୍‌ପି ସ୍ପୋର୍ଟସ ଏକାଡେମୀ ପକ୍ଷରୁ ୨୫ତମ କଲର ବେଲ୍ଟ ପ୍ରତିଯୋଗିତା ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଥିବା ଏକାଡେମୀର ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାର ବିଭିନ୍ନ ଟାଏକୋଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ରରୁ ୮୨ ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ଓଡିଶା ଟାଏକୋଣ୍ଡୋ ସଂଘର ସହ ସମ୍ପାଦକ ଆନ୍ତର୍ଜାତିକ କୋଚ କେ.

ସଂକ୍ଷେପରେ

ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ପାଣିକୋଇଲି,୨୪।୭(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର-ଯାଜପୁର ରାସ୍ତାର ମାଧପୁର ଗ୍ରାମ ନିକଟରେ ରବିବାର ମଧ୍ୟାହ୍ନରେ ଜଣେ ବାଇକ ଆରୋହୀଙ୍କୁ ଏକ ଗାଡି ସାଇଟ ମାରିବାରୁ ସେ ପୋଲରେ ପିଟିହୋଇ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ବାଇକ୍ ଚାଳକ ହେଲେ କରଦା ପଞ୍ଚାୟତ ଅନ୍ତର୍ଗତ ରାଣୀଗୋଡ଼ା ଗ୍ରାମର ପ୍ରଦୀପ ମହାପାତ୍ର(୪୦)। ସେ ବାଇକ ଯୋଗେ ଯାଜପୁର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ଚଣ୍ଡିଖୋଲ,୨୪।୭(ଡି.ଏନ.ଏ.): ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ଶାନ୍ତନୁ ଦଳେଇ। ଶାନ୍ତନୁ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୨୬୨/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନରୁ ଶାନ୍ତନୁ ଫେରାର ଥିଲେ। ତେବେ ସେ ଶନିବାର ଘରକୁ ଆସିଥିବା ଖବର ପାଇ ପୋଲିସ ରାତିରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

ପାଗଳା କୁକୁର କାମୁଡ଼ାରେ ୪ ଆହତ

ବ୍ରହ୍ମବରଦା,୨୪।୭(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ଲଙ୍କାବାଲିସାହି ଓ ଖଣ୍ଡାସ ଗ୍ରାମରେ ପାଗଳା କୁକୁର କାମୁଡ଼ାରେ ୪ଜଣ ଆହତ ହୋଇଛନ୍ତି। ଏଥିସହିତ ୩ ଗୋରୁ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ପାଗଳା କୁକୁର ସେଠାରେ ଆତଙ୍କ ସୃଷ୍ଟି କରୁଥିବା ବେଳେ ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ଲଙ୍କାବାଲିସାହି ଗ୍ରାମର ରେବତୀ ବେହେରା(୭୬) ଘର ଆଗରେ ଠିଆ ହୋଇଥିବା ସମୟରେ ହଠାତ କୁକୁର ତାଙ୍କ ଜଂଘକୁ କାମୁଡ଼ି ପକାଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଏହାପରେ ସେହି ଗ୍ରାମର ମଲ୍ଲା ମଶ୍ର(୫୫)ଶୌଚ ହୋବା ପାଇଁ ଯିବା ସମୟରେ ତାଙ୍କୁ ମଧ୍ୟ କୁକୁର କାମୁଡ଼ି ଥିଲା। ସେହିପରି ଗ୍ରାମର ମନୋଜ ମିଶ୍ରଙ୍କ ଘରେ ପଶି କୁକୁର କାମୁଡ଼ିବାପରେ ତାଙ୍କ ଗୁହାଳରେ ଥିବା ତିନୋଟି ଗୋରୁଙ୍କୁ କାମୁଡ଼ି ଆହତ କରିଥିଲା। ଗ୍ରାମବାସୀ ଏକଜୁଟ ହୋଇ ପାଗଳା କୁକୁରକୁ ଘଉଡ଼ାଇଥିଲେ। ସେଠାରୁ ଉକ୍ତ ପାଗଳ କୁକୁର ପଳାଇ ଖଣ୍ଡାସର ବୁଲବୁଲ ନାମକ ଯୁବକଙ୍କୁ କାମୁଡ଼ିଥିଲା। ତେବେ ପାଗଳ କୁକୁରଟି ଧରାପଡ଼ି ନ ଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୁକୁରକୁ ତୁରନ୍ତ ଧରିବା ପାଇଁ ଅଞ୍ଚଳ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ସଙ୍କୁଚିତ ହେଉଛି ସରକାରୀ ଜମି

- ବାଦ୍ ପଡ଼ୁନି ଶିକ୍ଷାନୁଷ୍ଠାନ
- ଜବରଦଖଲ ଉଚ୍ଛେଦ ନେଇ ବିଚିତ୍ର ନୀତି
- କାମରେ ଲାଗୁନି ଜାଗା ମିଶନ

ଯାଜପୁର ଅଫିସ,୨୪।୭

ସରକାରୀ ଜମି ଜବରଦଖଲ ଉଚ୍ଛେଦ ନେଇ ଯାଜପୁର ଜିଲା ପ୍ରଶାସନର ନୀତି ଅସ୍ପଷ୍ଟ ଓ ବିଚିତ୍ର। କେତେକ ସ୍ଥାନରେ ଜବରଦଖଲ ଯୋଗୁ ସରକାରୀ ଶିକ୍ଷାନୁଷ୍ଠାନ ପରିସର ସଙ୍କୁଚିତ ହୋଇ ତାହା ଅସାମାଜିକ ଲୋକଙ୍କ କବଜାକୁ ଚାଲିଯାଉଛି। ଆଉ କେଉଁଠି କେତେକ ଅସାଧୁ ଅଧିକାରୀଙ୍କ ନିଜସ୍ୱ ସ୍ୱାର୍ଥ ସାଧନ ପାଇଁ ବହୁ ମୂଲ୍ୟବାନ ସରକାରୀ ଜମିକୁ ସହରର ପ୍ରଭାବଶାଳୀ ବ୍ୟକ୍ତି ମାଡ଼ି ବସିଛନ୍ତି। ଜିଲା ରାଜସ୍ୱ ବିଭାଗ ଏବଂ ପୌର ପ୍ରଶାସନର ଚରମ ନିଷ୍କ୍ରିୟତାର ସୁଯୋଗ ନେଇ ଜବରଦଖଲ ଜିଲାକୁ ଗ୍ରାସ କରି ଚାଲିଛି। ଏହି ବେଆଇନ କାର୍ଯ୍ୟ ସ୍ଥାନୀୟ ରାଜସ୍ୱ ବିଭାଗ ଜାଣତରେ ଚାଲିଛି। ବିବାଦୀୟ ପରିସ୍ଥିତି କିମ୍ବା ଅଭିଯୋଗ ହେଲେ ଉଚ୍ଛେଦ ପାଇଁ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଥାଏ। ନଚେତ୍ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନର କୌଣସି ନିଜସ୍ୱ ଅଭିଯାନ ଆଜିଯାଏ ହୋଇନାହିଁ। ଫଳରେ ଜିଲାର ଦୁଇ ସହର ବ୍ୟାସନଗର ଏବଂ ଯାଜପୁର ପୌର ପରିଷଦର ଜଳନିଷ୍କାସନ ଓ ଟ୍ରାଫିକ ସମସ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ବ୍ୟାସନଗରର ଏନ୍‌ସି ହାଇସ୍କୁଲ ଜମିରେ କେତେକ ବସ୍ତି ଗଢ଼ିଉଠିଛି। ଫଳରେ ହାଇସ୍କୁଲ ପଡ଼ିଆ ସହ ସ୍କୁଲ ଗୃହ ବାଡ଼ ନିକଟ ଖୋଲା ଶୌଚାଳୟ ପାଲଟିଛି। ଏଠାରେ ଜାଗା ମିଶନରେ ଭୂମିହୀନଙ୍କୁ ଜମି ଅଧିକାର ପ୍ରମାଣପତ୍ର ଦେବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାରେ ବିଫଳତା ଯୋଗୁ ସରକାରୀ ଜମି କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି।

ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ଦେବାକୁ ୨୦୧୭ରେ ଜାଗା ମିଶନ କାର୍ଯ୍ୟକାରୀ ହୋଇଥିଲା। ଏହିକ୍ରମରେ ରାଜ୍ୟରେ ପ୍ରାୟ ୭୦ ହଜାର ପରିବାରଙ୍କୁ ଜମି ଅଧିକାର ପ୍ରମାଣପତ୍ର ଏବଂ ପ୍ରାୟ ୧ ଲକ୍ଷ ୫ ହଜାର ପରିବାରଙ୍କୁ ଜମି ହକଦାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜମି ଅଧିକାର ପ୍ରମାଣପତ୍ର ପାଇଥିବା ୭୦ ହଜାର ପରିବାରଙ୍କ ମଧ୍ୟରୁ ୪୫ ହଜାର ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ)ରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏଥିପାଇଁ ୬୭୫ କୋଟି ଟଙ୍କା ବିନିଯୋଗ ହୋଇସାରିଛି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହେଲେ ଏହି ଯୋଜନା ଯାଜପୁର ଜିଲାର ୨ ପୌର ପରିଷଦରେ ସେତେଟା ସଫଳ ହୋଇପାରିନାହିଁ। ଯାଜପୁର ସହରରେ କେବଳ ୨୧ ପରିବାର ଏହି ଯୋଜନାରେ ଉପକୃତ ହୋଇଥିବା ଜଣାପଡିଛି। ସେମାନଙ୍କୁ ଗୃହ ନିର୍ମାଣ ବାବଦକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଏହାସହ ରାସ୍ତା, ପାଣି, ବିଦ୍ୟୁତ ଓ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ବ୍ୟାସନଗରର ବିଭିନ୍ନ ବସ୍ତିରେ ଜାଗା ମିଶନ ଉପରେ କେବଳ ବୈଠକ କରି ଫଟୋଗୁଡିକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଇ ବାହୁସ୍ଫୋଟ ମାରୁଥିବା ଦେଖିବାକୁ ମିଳିଛି। ଏଠାରେ ମୁଣ୍ଡୋମାଳ ବ୍ୟାସସରୋବର ରାସ୍ତା, ଏନ୍‌ସି ହାଇସ୍କୁଲ ପଛପଟ, କୁଷ୍ଠ କଲୋନୀ ଆଦି ଅଞ୍ଚଳକୁ ଉଦାହରଣ ଭାବେ ନିଆଯାଇପାରେ। ଜାଗା ମିଶନ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏନ୍‌ସି ହାଇସ୍କୁଲର ପ୍ରାୟ ୧୭.୪୬ ଏକର ଜମିରୁ ଅଧିକାଂଶ ଜମି କେତେଜଣବ୍ୟକ୍ତିଙ୍କ କବଜାକୁ ଚାଲିଯାଇଛି।

ଦ୍ରୁତ ଶିଳ୍ପାୟନ ଓ ବ୍ୟବସାୟିକ ଅଭିବୃଦ୍ଧି କାରଣରୁ ଜିଲାରେ ଜମିର ମୂଲ୍ୟ ଆଶାତୀତ ବୃଦ୍ଧି ପାଇଚାଲିଛି। ତା' ସାଙ୍ଗକୁ ବହିରାଗତ ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ଏଠାରେ ଜମି ଅକ୍ତିଆର ପାଇଁ ପ୍ରତିଯୋଗିତା ଚାଲିଛି। ସରକାରୀ ଜମି ପ୍ରତି ଲୋଲୁପ ଦୃଷ୍ଟି ରଖୁଥିବା ପ୍ରତିପତ୍ତିଶାଳୀ ଓ ରାଜନୈତିକ ବ୍ୟକ୍ତିମାନେ ଅସାଧୁ ସରକାରୀ ଅଧିକାରୀଙ୍କୁ ହାତେଇ ଜବରଦଖଲ କରୁଛନ୍ତି। କେତେକ ସ୍ଥାନରେ ବେଆଇନ ଭାବରେ ଲିଜ୍‌ରେ ମଧ୍ୟ ଜମି ହାତେଇବାରେ ଏମାନେ ସକ୍ଷମ ହେଉଛନ୍ତି। ଜଳାଶୟଗୁଡିକୁ ପୋତି ବେଆଇନ କବଜା ମଧ୍ୟ କରିଗଲେଣି। ତହସିଲ ଅଫିସ ପକ୍ଷରୁ କେବଳ ଜବରଦଖଲ ମାମଲା ରୁଜୁ କରି ଚୁପ ହୋଇ ବସି ଯାଉଛନ୍ତି। ଏହି କେସ୍‌ଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡ଼ିରହୁଛି। ଫଳରେ ଜିଲାରେ ସମୁଦାୟ ୩,୭୬୩ଟି ରାଜସ୍ୱ ଜନିତ ମକଦ୍ଦମା ପଡ଼ିରହିଛି। ଏଥିରେ ୬୬୫.୮୧୭ ଏକର ସରକାରୀ ଜମି ଜବରଦଖଲରେ ରହିଛି।

ମୁଣ୍ଡୋମାଳ ବ୍ୟାସସରୋବର ରାସ୍ତାରେ ଥିବା ବସ୍ତିବାସିନ୍ଦା।

ଯୌତୁକ ନିର୍ଯାତନା: ସ୍ୱାମୀ, ଶ୍ୱଶୁର ଗିରଫ

ଧର୍ମଶାଳା,୨୪।୭(ଡି.ଏନ.ଏ.)

ଜେନାପୁର ଥାନା ଅଧୀନ ଅରିମୂଳ ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୃଷ୍ଣଚନ୍ଦ୍ର ବାରିକ ଓ ତାଙ୍କ ପୁଅ ମିଥୁନ। ଦେଢ଼ ବର୍ଷ ପୂର୍ବେ ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଚଡ଼କମରା ଗ୍ରାମର କ୍ଷୀରୋଦ ପାଣ୍ଡବଙ୍କ ଝିଅଙ୍କୁ ମିଥୁନ ବିବାହ କରିଥିଲେ। ବିବାହ ସମୟରେ ଝିଅ ଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର ୧ ବର୍ଷ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ବୋହୂଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ମହିଳା ଜଣକ ତାଙ୍କ ବାପାଙ୍କୁ ଜଣାଇବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୯/୨୨ରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ବସ୍ ଧକ୍କାରେ ସାଇକେଲ୍ ଆରୋହୀ ମୃତ

କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଦଶରଥପୁର,୨୪।୭(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଲାଲବାଗ ଛକଠାରେ ରବିବାର ଭୋର୍ ପ୍ରାୟ ୫ଟା୩୦ରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ଲାଲବାଗ ଛକ ମୁଖ୍ୟ ରାସ୍ତାରେ ମୃତଦେହ ରଖି ୪ ଘଣ୍ଟା ରାସ୍ତାରୋକୋ କରିଥିଲେ। ବସ୍ ମାଲିକ ମୃତକଙ୍କ ପରିବାରକୁ ୭୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ହଟିଥିଲା। ମୃତକ ହେଲେ ଲାଲବାଗ ଗ୍ରାମର ଦୟାନିଧି ମଲ୍ଲିକ(୫୪)।

ଦୟାନିଧି କୌଣସି ବ୍ୟକ୍ତିଗତ କାମ ପାଇଁ ଦୁବକଣ ଯାଇ ଫେରୁଥିଲେ। ଏହି ସମୟରେ କୟାଁଗୋଲା ଛକଠାରୁ ଯାତ୍ରୀଧରି କଟକ ଅଭିମୁଖେ ଯାଉଥିବା ପ୍ରଧାନ ନାମକ ଘରୋଇ ବସ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଦୟାନିଧି ସାଇକେଲ୍‌ରୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଜୀବନପ୍ରତି ବିପଦ ଆଶଙ୍କାକରି ଡ୍ରାଇଭର ବସ୍‌କୁ ନେଇ ଏହି ବ୍ଲକ୍‌ର ମଙ୍ଗଳପୁର ଥାନା ଅଧୀନ ବଉଳାଙ୍ଗ ଛକଠାରେ ଥୋଇ ଫେରାର ହୋଇଯାଇଥିଲେ। ମଙ୍ଗଳପୁର ଥାନା ଅଧିକାରୀ ରିନାରାଣୀ ସାହୁ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ଉକ୍ତ ଘଟଣାର ଖବରପାଇ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ ବସ୍ ମାଲିକଙ୍କ ସହ କଥାହୋଇ ଘଟଣାର ସମାଧାନ କରିବାକୁ କହିଥିଲେ। ରାସ୍ତା ଅବରୋଧ ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

ଉଭ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବସ୍(ଇନ୍‌ସେଟ୍)।

ଜୁଲାଇରେ ସ୍ୱାଭାବିକଠାରୁ ଅଧିକ ବର୍ଷା

ଧର୍ମଶାଳା,୨୪।୭(ଡି.ଏନ.ଏ.)

ଚଳିତ ଥର ବର୍ଷା ଋତୁ ଆରମ୍ଭରୁ ଧର୍ମଶାଳା ବ୍ଲକରେ ସ୍ୱାଭାବିକଠାରୁ କମ ପରିମାଣର ବର୍ଷା ହୋଇଥିଲା। ଫଳରେ ଧାନଚାଷ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଗତବର୍ଷ ଜୁନରେ ଏଠାରେ ୨୬୮ ମିଲିମିଟର ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଜୁନରେ ୧୨୨ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା, ଯାହାକି ସ୍ୱାଭାବିକ ଠାରୁ ଖୁବ କମ ପରିମାଣର ବର୍ଷା ଯୋଗୁ ଧାନଚାଷ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଚାଷୀଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଥିଲା। ତେବେ ଗତ ବର୍ଷ ଜୁଲାଇ ୨୪ ସୁଦ୍ଧା ଏଠାରେ ୧୦୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ବେଳେ ଚଳିତ ବର୍ଷ ଜୁଲାଇ ୨୪ ତାରିଖ ସୁଦ୍ଧା ୩୧୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ ଆବଶ୍ୟକତାଠାରୁ ଅଧିକ ବର୍ଷା ହୋଇଥିବା ନେଇ ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆବଶ୍ୟକ ବର୍ଷା ହେତୁ ଚାଷୀ ଖେଲୁଆ, ବିଡା କରିବା ସହିତ ବିଲରେ ତଳି ପକାଇବା ଆରମ୍ଭ କରିଦେଇଛନ୍ତି।

ବ୍ଲକରେ ଚଳିତ ବର୍ଷ ୧୨ ହଜାର ୬ଶହ ହେକ୍ଟର ଜମିରେ ଧାନ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୩୫୮୦ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ଜଳସେଚନର ବ୍ୟବସ୍ଥା ରହିଥିବା ବେଳେ ଅନ୍ୟ ଜମିଗୁଡିକ ବର୍ଷା ଉପରେ ନିର୍ଭର। ତେବେ ଚଳିତଥର ଜୁଲାଇରେ ସ୍ୱାଭାବିକ ବର୍ଷା ହୋଇଥିବାରୁ ଉକ୍ତ ଜମି ଗୁଡିକରେ ଧାନ ଫସଲ ସ୍ୱାଭାବିକ ହେବା ଆଶଙ୍କା କରାଯାଇଛି। ସେହିପରି ବ୍ଲକର ଚାଷ ଜମିଗୁଡ଼ିକ କେନାଲ ମାଧ୍ୟମରେ ଜଳସେଚନ ପାଇଁ ବିରୂପା ନଦୀରୁ ବାହାରିଥିବା ହାଇଲେଭଲ କେନାଲରେ ୧୦ ତାରିଖରୁ ପାଣି ଛଡା ଯାଇଛି। ହେଲେ ବର୍ଷା ଲାଗିରହିଥିବାରୁ ଶାଖା କେନାଲ ଗୁଡ଼ିକରେ ପାଣି ଛଡାଯାଇ ନାହିଁ। ତେବେ ଅବଶ୍ୟକ ପଡ଼ିଲେ ଶାଖା କେନାଲ ଗୁଡ଼ିକରେ ପାଣି ଛଡ଼ାଯିବ ବୋଲି ଜାରକା ଜଳ ସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ସୂଚନା ଦେଇଛନ୍ତି।

ମାଙ୍କଡ଼ ଆକ୍ରମଣରେ ଆଶାକର୍ମୀ ଗୁରୁତର

ବ୍ରହ୍ମବରଦା,୨୪।୭(ଡି.ଏନ.ଏ.)

ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବାଲିଗୁଡ଼ା ଦେଉଳି ଗ୍ରାମର ଆଶାକର୍ମୀ ସାବିତ୍ରୀ ରାଉତ ମାଙ୍କଡ଼ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସାବିତ୍ରୀ ବ୍ରହ୍ମବରଦା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ମିଟିଂରେ ଯୋଗଦେବାକୁ ସାଇକେଲରେ ଯାଉଥିଲେ। ଏହି ସମୟରେ ଖଣ୍ଡାସ-ବ୍ରହ୍ମବରଦା ବ୍ରହ୍ମଣୀ ସେତୁ ମଧ୍ୟଭାଗରେ ମାଙ୍କଡ଼ ପଲ ଗୋଡ଼ାଗୋଡ଼ି ହେଉଥିଲେ। ହଠାତ୍ ଏକ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ପଠାଇଥିଲେ।

ବ୍ଲକ୍‌ସ୍ତରୀୟ ଭଜନମଣ୍ଡଳୀ ମନୋନୀତ

ବାଲିଚନ୍ଦ୍ରପୁର,୨୪।୭(ସ୍ୱ.ପ୍ର.)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭଜନ ପରିବେଷଣ ନିମନ୍ତେ ଯାଜପୁର ସଂସ୍କୃତି ଭବନଠାରେ ଭଜନମଣ୍ଡଳୀ ମନୋନୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଉନ୍ମେଷଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ବିଚାରକ ଭାବେ ପଣ୍ଡିତ ଭୁପତିଭୂଷଣ ମିଶ୍ର ଯୋଗଦେଇ ବଡ଼ଚଣା ବ୍ଲକ୍ ବାଲିପଡ଼ିଆ ପଞ୍ଚାୟତସ୍ଥିତ ମା'ବୁଢୀଜାଗୁଳାଇ ନାଦବ୍ରହ୍ମ ଭଜନ ମଣ୍ଡଳୀକୁ ମନୋନୀତ କରିଛନ୍ତି। ଏହି ଭଜନମଣ୍ଡଳୀର ମୁଖ୍ୟ ପରିଚାଳକ ଅନିରୁଦ୍ଧ ସାମଲ ଥିବା ବେଳେ ସଂଗୀତ ନିର୍ଦ୍ଦେଶକ ଯୋଗେନ୍ଦ୍ର କୁମାର ରାଉତ ଓ ଉପଦେଷ୍ଟା ଭାବେ ବୌଦ୍ଧ ଗବେଷକ ଡ. ହରିଶ ଚନ୍ଦ୍ର ପୃଷ୍ଟି ରହିଛନ୍ତି। ରଘୁନାଥ ନାୟକ, ମଞ୍ଜୁଲତା ନାୟକ, ସୂର୍ଯ୍ୟପ୍ରସାଦ ଶତପଥୀ, ପ୍ରମୋଦ କୁମାର କର, ବାସୁଦେବ ସାହୁ, ପ୍ରମୋଦ କୁମାର ସାହୁ, ଚନ୍ଦନ ରଣା, ସତ୍ୟବ୍ରତ ପରିଡ଼ା ଓ ବାଦ୍ୟକାର ଭାବେ ପଙ୍କଜ କୁମାର ରାଉତ, ଦର୍ଶନ କୁମାର ଶାନ୍ତି, ଭଞ୍ଜ କିଶୋର ମହାରଣା ପ୍ରମୁଖ ଭଜନ ମଣ୍ଡଳୀରେ ସହଯୋଗ କରୁଛନ୍ତି।

ମା'ବୁଢୀଜାଗୁଳାଇ ନାଦବ୍ରହ୍ମ ଭଜନ ମଣ୍ଡଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

'ସାହିତ୍ୟର ବିକାଶରେ ମହିଳାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ'

ଓଡ଼ିଶା ଲେଖିକା ସଂସଦର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଓଡ଼ିଶା ଲେଖିକା ସଂସଦର ବାର୍ଷିକ ଉତ୍ସବ

ଯାଜପୁର ଅଫିସ,୨୪।୭

ଓଡ଼ିଆ ସାହିତ୍ୟର ବିକାଶରେ ମହିଳାମାନଙ୍କ ବହୁ ଅବଦାନ ରହିଛି। ମହିଳାମାନେ ଖୁସିରେ ରହିଲେ ଭବିଷ୍ୟତ ଉତ୍ତରାଧିକାରୀଙ୍କ ଉନ୍ନତି ହେବ। ରବିବାର ଯାଜପୁର ଗୌତମ ବୁଦ୍ଧ ସ

ସଂକ୍ଷେପରେ

ବିଦ୍ୟୁତ ସଂସ୍ପର୍ଶରେ ବୃଦ୍ଧ ମୃତ

ବୁଗୁଡା,୨୪।୭(ଡି.ଏନ.ଏ.): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅଧୀନ କଳମ୍ବ ଗାଁରେ ବିଦ୍ୟୁତ ସଂସ୍ପର୍ଶରେ ଆସି ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁରେନ୍ଦ୍ର ନାୟକ(୬୫)। ଏ ନେଇ ବାଲିପଦର ଫାଣ୍ଡିରେ ମୃତକଙ୍କ ଜ୍ୱାଇଁ ରଞ୍ଜିତ ନାୟକଙ୍କ ଅଭିଯୋଗ କ୍ରମେ ନଂ. ୩୯୭/୨୨ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କଳମ୍ବ ଗ୍ରାମ ନିକଟସ୍ଥ ଏକ ମୁଣ୍ଡିଆରେ ଛେଳି ଚରାଇ ଅପରାହ୍ନରେ ସୁରେନ୍ଦ୍ର ଘରକୁ ଫେରୁଥିବା ବେଳେ ଏକ କୁକୁଡା ଫାର୍ମ ନିକଟରେ ତଳେ ପଡିଥିବା ଛିଣ୍ଡା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏହା ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ ବାଲିପଦର ଫାଣ୍ଡିକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

ଡାକ୍ତରଖାନାରୁ ଚୋରି ଅଭିଯୋଗ

ପାତ୍ରପୁର,୪।୭(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ତୁରିବୁଡ଼ି ଡାକ୍ତରଖାନାରୁ କିଛି ସରଞ୍ଜାମ ଚୋରି ହୋଇଥିବା ନେଇ ରବିବାର ଜରଡ଼ା ଥାନାରେ ଅଭିଯୋଗ ହୋଇଛି। ଡାକ୍ତର ଖାନାରେ କାର୍ଯ୍ୟରତ ଫାର୍ମାସିଷ୍ଟ ପୂର୍ଣ୍ଣଚନ୍ଦ୍ର ଭଟ୍ଟ ସକାଳୁ ଡାକ୍ତରଖାନା ଖୋଲିବାକୁ ଯାଇ ପ୍ରବେଶ ପଥରେ ଥିବା ଗ୍ରୀଲ୍ ଭାଙ୍ଗିଥିବା ଦେଖିଥିଲେ। ପରେ ଅଫିସରେ ଥିବା ଇନ୍‌ଭର୍ଟର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଖାରିଆଗୁଡ଼ା ଫାଣ୍ଡିରେ ଖବର ଦେବା ସହ ଜରଡ଼ା ଥାନାରେ ଏତଲା ଦେଇଛନ୍ତି। ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଛି।

ମାଙ୍କଡ଼କୁ ଧକ୍କା ଦେଲା ବାଇକ୍, ଦମ୍ପତି ଆହତ

ଭଞ୍ଜନଗର,୨୪।୭(ଡି.ଏନ.ଏ): ଭଞ୍ଜନଗର ଦୁର୍ଗାପ୍ରସାଦ ରାସ୍ତାରେ ଦିନକୁ ଦିନ ମାଙ୍କଡ଼ ଆତଙ୍କ ବଢୁଛି। ରବିବାର ଗୁଣ୍ଡିରିବାଡିର ସୁରେଶ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ବାସନ୍ତୀ ଭଞ୍ଜନଗରରୁ କାମ ସାରି ଗ୍ରାମକୁ ବାଇକ ଯୋଗେ ଫେରୁଥିଲେ। ବାଟରେ ବୁଦିଲି ନିକଟରେ ହଠାତ୍ ଏକ ମାଙ୍କଡ଼ ଆଗକୁ ଆସିବାରୁ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଉଭୟ ଦମ୍ପତି ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ଆଞ୍ଚଳିକ ବାଲ୍ମୀକି ଦାସ କୁଳ ସାଧାରଣ ବୈଠକ

ହିଞ୍ଜିଳିକାଟୁ, ୨୪।୭(ଡ଼ି.ଏନ୍.ଏ): ଆଞ୍ଚଳିକ ବାଲ୍ମୀକି ଦାସ କୁଳ ମହାସଂଘର ସାଧାରଣ ବୈଠକ ରବିବାର ହିଞ୍ଜିଳିକାଟୁ ନିକଟସ୍ଥ ମା' କୁରେଇଶୁଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ତାଲୁକା ସଭାପତି ପ୍ରଭାକର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ୯ମୁଠାର ୧୧୯ଗ୍ରାମର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରେ ଥିବା କୁଳ କୋଠଘରଗୁଡ଼ିକୁ ନିଶାଦ୍ରବ୍ୟମୁକ୍ତ ଉପରେ ଗୁରୁତ୍ୱାରୋପ କରାଯାଇଛି। କୁଳ ଛାତ୍ରୀଛାତ୍ର ଓ ଶିକ୍ଷିତ ଯୁବତୀଯୁବକଙ୍କୁ ନିଃଶୁଳ୍କ ଶିକ୍ଷାଦାନ ନିମନ୍ତେ ଆଲୋଚନା ହୋଇଥିଲା। ଏଥିସହ ନାରୀ ଶିକ୍ଷା ଓ ସରକାରଙ୍କ ନିର୍ଦ୍ଧାରିତ ବିବାହ ଯୋଗ୍ୟ ବୟସରେ ଉଭୟ ଝିଅ ଓ ପୁଅଙ୍କ ବିବାହ, ୨୦୨୧ର ଆୟବ୍ୟୟ ହିସାବ ଆଲୋଚନା ହୋଇଥିଲା। ବୈଠକରେ ସମ୍ପାଦକ ଅମୂଲ୍ୟ ଦାଶ ବିବରଣୀ ପାଠ କରିଥିଲେ। ତାଲୁକା ଉପସଭାପତି କାଳିଆ ଦାଶ, ପୁରୁଷୋତମପୁରର ଭିକା ଦାଶ, ମୁଠା ସଭାପତି ସୀମାଞ୍ଚଳ ଦାଶ, ଯୁବ ସଭାପତି ମିଥୁନ ଦାଶ, ତାଲୁକା ମହିଳା ସଭାନେତ୍ରୀ ଜୟନ୍ତୀ ଦାଶ, ଯୁବ ସମ୍ପାଦକ ଯୁଧିଷ୍ଠିର ଦାଶ, ଉପଦେଷ୍ଟା ଗୌରାଙ୍ଗ ଦାଶ, ଉପେନ୍ଦ୍ର ଦାଶ, ଶୁକୁରି ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ମହିଳାଙ୍କ ଆତ୍ମହତ୍ୟା

ଆସିକା, ୨୪।୭(ଡି.ଏନ୍.ଏ.): ଆସିକା ଥାନା ମଙ୍ଗଳପୁର ଗ୍ରାମରେ ରବିବାର ସକାଳେ କୀଟନାଶକ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲକ୍ଷ୍ମୀ ଜେନା (୬୫) । ସେ ସକାଳେ ଘରେ ଚାଉଳରେ ପକାଇବା ପାଇଁ ରହିଥିବା କୀଟନାଶକ ପିଇ ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତା ମହିଳାଙ୍କ ବୋହୂ ଝୁମୁରି ଏ ନେଇ ପୋଲିସରେ ଅଭିଯୋଗ କରିଛନ୍ତି । ପୋଲିସ ପକ୍ଷରୁ ୨୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ତେବେ ସେ କାହିଁକି କୀଟନାଶକ ପିଇଲେ, ତାହା ସ୍ପଷ୍ଟ ହୋଇନାହିଁ।

ବିପଦସଙ୍କୁଳ ଗାଜେଲ ନାଳ ପାର ହେଉଛନ୍ତି ଛାତ୍ରୀଛାତ୍ର

୨୦ ଗାଁକୁ ପୋଲ ନାହିଁ

ଆର୍.ଉଦୟଗିରି,୨୪।୭(ଡି.ଏନ୍.ଏ.)

ରାଜ୍ୟ ସରକାର ବିଭିନ୍ନ ସମୟରେ ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚକରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି। ହେଲେ ଗଜପତି ଜିଲା ମୋହନା ବ୍ଲକର ତିନୋଟି ପଞ୍ଚାୟତର ୨୦ ଖଣ୍ଡ ଗ୍ରାମବାସୀ ବିପଦସଙ୍କୁଳ ଅବସ୍ଥାରେ ନାଳ ପାର ହେଉଥିବା ବେଳେ ସ୍କୁଲ ଯାଉଛନ୍ତି କୁନି କୁନି ଛାତ୍ରୀଛାତ୍ର। ଏପରି ଦେଖିବାକୁ ମିଳିଛି ମୋହନା ବ୍ଲକ ଝରଣପୁର ଗାଁ ନିକଟ ଗାଜେଲ ନାଳରେ। ଚୁଡ଼ଙ୍ଗପୁର ପଞ୍ଚାୟତ ଶିଆଳିଲଟି, ଝରଣପୁରଠାରୁ ରାଇପଙ୍କାକୁ ସଂଲଗ୍ନ କରୁଥିବା ଏହି ନାଳ ରାସ୍ତାରେ ହଜାର ହଜାର ଲୋକ ନିର୍ଭରଶୀଳ। ପୋଲ ନ ଥିବାରୁ ସ୍କୁଲ, ହାଟ, ବଜାର, ମେଡିକାଲ ସମେତ ସମସ୍ତ ସରକାରୀ କାମରେ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ହେଲେ ଏହି ନାଳ ଉପରେ ପୋଲ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଯାହା ଉକ୍ତ ନାଳ ନିକଟରୁ ରାଇପଙ୍କା ଗ୍ରାମ ମାତ୍ର ୮ କିମି ଏବଂ ରାୟଗଡ଼ା ଜିଲାର ପଦ୍ମପୁର ମୁଖ୍ୟ ବଜାର ୧୪ କିମି। ଭଲ ରାସ୍ତା ଖଣ୍ଡେ ନାହିଁ, କିନ୍ତୁ ମାଟି ରାସ୍ତା ହୋଇଥିଲେ ମଧ୍ୟ ତିନୋଟି ନାଳ ଦେଇ ଯାତାୟାତ କରନ୍ତି ଅନେକ ଗ୍ରାମର ଲୋକ। ଅନ୍ୟ ଜିଲାର ବ୍ୟବସାୟୀମାନେ ବର୍ଷାଦିନେ ଏଭଳି ରାସ୍ତା ଓ ପୋଲ ନ ଥିବାରୁ ବହୁକଷ୍ଟରେ ନାଳ ପାର ହେଉଥିବା ଦେଖାଦେଇଛି। ଖାଲି ସେତିକି ନୁହେଁ, ଜରୁରିକାଳୀନ ଚିକିତ୍ସା ପାଇଁ ରୋଗୀଙ୍କୁ ଚୁଡଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମୋହନା ମେଡିକାଲକୁ ଆଣିବାକୁ ହେଲେ ଦୋଳା କରି ଗ୍ରାମବାସୀ ବୋହି ଆଣନ୍ତି । ତେଣୁ ତୁରନ୍ତ ଏହି ପୋଲ କାର୍ଯ୍ୟ ଶେଷ କରିବା ସହ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ବିଷୟରେ ଅତିରିକ୍ତ ଜିଲାପାଳ ସଂଗ୍ରାମ କେଶରୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ତୁରନ୍ତ ବ୍ଲକ ପ୍ରଶାସନକୁ କହି ପୋଲର ଉଭୟ ପଟ ରାସ୍ତା କାମ କରାଯିବ ଏବଂ ବିଶେଷକରି ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତର ଉନ୍ନତୀକରଣ ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି।

ବିପଦସଙ୍କୁଳ ଅବସ୍ଥାରେ ନାଳ ପାର ହୋଇ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର।

ଖରିଫ ପାଇଁ ବାଘୁଆ ଜଳଭଣ୍ଡାରରୁ ଛଡ଼ାଗଲା ପାଣି

ବୁଗୁଡ଼ା,୨୪।୭(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମତାଝରୀ ନିକଟସ୍ଥ ବାଘୁଆ ଜଳଭଣ୍ଡାରରୁ ଜଳ ଖରିଫ ଚାଷ ନିମନ୍ତେ ଦୁଇ କେନାଲ ଦେଇ ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଷ୍ଣୁଚରଣ ସାହୁଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଛଡ଼ାଯାଇଛି। ଗତ ସପ୍ତାହରେ ବୁଗୁଡ଼ା ଜଳସେଚନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ ଜଳଭଣ୍ଡାରର ବାମ ଓ ଡାହାଣ କେନାଲ ଦେଇ ଶନିବାର ଏହି ଜଳ ଛଡାଯାଇଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏହାଦ୍ୱାରା ଚାଷୀକୁଳ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ଥିବା ବେଳେ ବର୍ତ୍ତମାନ ଏହି ଜଳଭଣ୍ଡାର କ୍ଷମତା ୨୫୭୬ ହେକ୍ଟର ମିଟର ରହିଛି। ତେବେ ଏହି ଜଳଯୋଗାଣର ଯେପରି ସୁଷମ ବଣ୍ଟନ ହୋଇପାରିବ ସେଥିପାଇଁ ପାଣି ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ଏବଂ ଚାଷୀମାନେ ଧ୍ୟାନ ଦେବା ପାଇଁ ନିବେଦନ କରାଯାଇଛି।

ଭାଜପା ନୂତନ କର୍ମକର୍ତ୍ତା ନିଯୁକ୍ତ

ନବ ନିଯୁକ୍ତ କର୍ମକର୍ତ୍ତା ।

ଭଞ୍ଜନଗର,୨୪।୭(ଡି.ଏନ୍.ଏ.)

ଭଞ୍ଜନଗର ନିର୍ବାଚନମଣ୍ଡଳୀକୁ ପ୍ରାଧାନ୍ୟ

ଭାଜପା ଘୁମୁସର ସାଙ୍ଗଠନିକ ଜିଲ୍ଲାର ନୂତନ କର୍ମକର୍ତ୍ତା ନିଯୁକ୍ତ ହୋଇଛନ୍ତି। ଏଥିରେ ଭଞ୍ଜନଗର ନିର୍ବାଚନମଣ୍ଡଳୀର ନେତାମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ଜଣାପଡିଛି। ପୂର୍ବତନ ବିଧାୟକ ପ୍ରାର୍ଥୀ ବିନାୟକ ତ୍ରିପାଠୀଙ୍କୁ ପୋଲସରା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଉପସଭାପତି ସନ୍ତୋଷ ଦାସଙ୍କୁ ଭଞ୍ଜନଗର ନିର୍ବାଚନମଣ୍ଡଳୀର ପ୍ରଭାରୀ ଏବଂ ସାଧାରଣ ସମ୍ପାଦକ ନୀଳ ମାଧବ ପାତ୍ରଙ୍କୁ ଭଞ୍ଜନଗର ନିର୍ବାଚନମଣ୍ଡଳୀ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରବୀନ୍ଦ୍ର କୁମାର ଗୌଡ଼, ସତ୍ୟବାନ ନାୟକ, ମାନସ ଜେନା, ଶିବ ପ୍ରସାଦ ମହାପାତ୍ର, ସତ୍ୟ ଶୋଭନ ରଥ, ଅମୂଲ୍ୟ ପ୍ରଧାନ, ବାସୁଦେବ ନାୟକ, ପ୍ରତିମା କୁମାରୀ ମହାପାତ୍ର ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ବରିଷ୍ଠ ନେତା ସନ୍ତୋଷ ତିଆଡ଼ି ଏବଂ ଅଞ୍ଚଳର ଯୁବ ନେତା ଅଯୋଧ୍ୟା ନାଥ ମହାପାତ୍ର ମନୋନୀତ ହୋଇଛନ୍ତି। ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ପୂର୍ବରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳ ଛାଡ଼ି ଭାଜପାରେ ଯୋଗଦେଇଥିବା ଅଯୋଧ୍ୟା ନାଥ ମହାପାତ୍ରଙ୍କ ସାଂଗଠନିକ ଦକ୍ଷତା ଏବଂ ଦଳପ୍ରତି ଆନୁଗତ୍ୟ ଦେଖି ତାଙ୍କୁ ଉପସଭାପତି ମନୋନୀତ କରାଯାଇଛି। ଉପସଭାପତି ଭାବେ ମନୋନୀତ ହେବା ପରେ ଅଯୋଧ୍ୟା ନାଥଙ୍କୁ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଓ ବହୁ ଦଳୀୟ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି ତାହାକୁ ସୁଚାରୁରୂପେ ତୁଲାଇବା ସହ ଆଗାମୀ ଦିନରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ କରାଯିବ ବୋଲି ଅଯୋଧ୍ୟା ପ୍ରକାଶ କରିଛନ୍ତି।

ବୋମା ମାଡ଼ ଘଟଣାରେ ପୋଲିସ ହାତ ଖାଲି

ଗଞ୍ଜାମ,୨୪।୭(ଡି.ଏନ.ଏ.)

ଗଞ୍ଜାମ ଥାନା ଅଧିନସ୍ଥ ନୂଆଗାଁ ସ୍ଥିତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଦୋକାନ ଉପରକୁ ଶନିବାର ସନ୍ଧ୍ୟାରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିଲେ ହେଁ ଏଯାବତ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲିଅଛି। ଏହି ବୋମା ମାଡ଼ରେ ଦୋକାନ ମାଲିକ ରାମ ଗୌଡ଼ଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ପ୍ରକାଶ ଯେ, ଦୋକାନରେ ରାମ ଓ ମୁନା ତରାଇ ଶୋଇଥିବା ବେଳେ ତିନି ଜଣ ଯୁବକ ବୋମାମାଡ଼ କରିଥିଲେ। ଗୋଟିଏ ବୋମା ରାମଙ୍କ ଦେହରେ ବାଜିବାରୁ ରାମ ସାମାନ୍ୟ ଆଘାତ ପାଇଥିଲେ। ଘଟଣା ସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରେ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, ଥାନା ଅଧିକାରୀ ଅଜିତ କୁମାର ପରିଡା ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସଆଇ ସୀମାଞ୍ଚଳ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଛତ୍ରପୁର ମେଡିକାଲ ନେଇ ଚିକିତ୍ସିତ କରାଇଥିଲେ। ତେବେ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରିବାକୁ ଟୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି।

କାଠ ବୋଝେଇ ଟ୍ରାକ୍ଟର ଜବତ, ୪ ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୪।୭(ଡି.ଏନ.ଏ.)

ଦିଗପହଣ୍ଡି ବନ ବିଭାଗ ରବିବାର ସନ୍ଧ୍ୟାରେ ଶାଗୁଆନ କାଠ ଚୋରା ଚାଲାଣ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୀଷ୍ମଗିରି ଗ୍ରାମର ଟ୍ରାକ୍ଟର ଚାଳକ ସୀମାଞ୍ଚଳ ଗୌଡ଼, ବ୍ୟବସାୟୀ ବସନ୍ତ ବାଡତ୍ୟା, ସୀମାଞ୍ଚଳ ମହାନ୍ତି ଏବଂ ନୃସିଂହ ପ୍ରସାଦ ଦୀକ୍ଷିତ। ବନ ବିଭାଗ ମାମଲା ନଂ.୧୦୩/୨୨-୨୩ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଭୀଷ୍ମଗିରି ଗ୍ରାମ ଅଭିମୁଖେ ଏକ ଶାଗୁଆନ କାଠ ବୋଝେଇ ଟ୍ରାକ୍ଟର ଯାଉଥିବା ନେଇ ପ୍ରାପ୍ତ ସୂଚନାକୁ ଭିତ୍ତିକରି ଦିଗପହଣ୍ଡି ବନ ବିଭାଗ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ଫରେଷ୍ଟର ସୋମନାଥ ମଲ୍ଲିକ, ଫରେଷ୍ଟ ଗାର୍ଡ ରାକେଶ ବେହେରା, ଉର୍ମିଳା ବେହେରା, ପାରା ବନ କର୍ମଚାରୀ ମୁରାରି ପ୍ରସାଦ ରଥ, ନୀଳମାଧବ ପାଢ଼ୀ ପ୍ରମୁଖ ଶନିବାର ରାତିରେ ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ଜଗି ରହିଥିଲେ। ଦିଗପହଣ୍ଡି ବସଷ୍ଟାଣ୍ଡ ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରାକ୍ଟର (ନଂ.ଓ ଆର୍ ୦୭ ଏକ୍ସ - ୨୫୬୦)କୁ ବନ କର୍ମଚାରୀମାନେ ଅଟକାଇଥିଲେ। ଟ୍ରାକ୍ଟରକୁ ଖାନତଲାସ କରାଯିବାରୁ ସେଥିରେ ଥିବା ୫୦.୫୭ ଘନଫୁଟ ଶାଗୁଆନ କାଠ ଗଣ୍ଠି ଜବତ କରାଯାଇଥିଲା। ଟ୍ରାକ୍ଟରକୁ ଜବତ କରାଯାଇ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଥିଲା।

ବରିଷ୍ଠ ନାଗରିକ ଅତିଥିଙ୍କୁ ସମ୍ବର୍ଦ୍ଧନା

ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପୁରୁଷୋତ୍ତମପୁର,୨୪।୭(ଡି.ଏନ.ଏ.)

ଭୁବନେଶ୍ୱରରୁ ଅତିଥି ଭାବେ ରବିବାର ଗଞ୍ଜାମ ଜିଲାକୁ ଆସିଥିବା ବରିଷ୍ଠ ନାଗରିକମାନଙ୍କୁ ପୁରୁଷୋତ୍ତମପୁର ପୋଲିସ ଏସ୍‌ଡିପିଓ ଅଫିସ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ସଂଯୋଜନାରେ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପୁରୁଷୋତ୍ତମପୁର ବରିଷ୍ଠ ନାଗରିକ ସଂଘର ସଭାପତି ଅରୁଣ କୁମାର ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ଟୁନା ମହାପାତ୍ର, ଏ ରାଜୁଗୋପାଳ ରାଓ, ନରସିଂହ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଡିଏସପି ବାମନ ଚରଣ ପଣ୍ଡା, ରୁଦ୍ର ଚରଣ ସାମଲ, ଡା ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ସମେତ ୧୫ ମହିଳା ଓ ୪୦ ପୁରୁଷ ବରିଷ୍ଠ ନାଗରିକ ଗଞ୍ଜାମ ଗସ୍ତରେ ଆସି ପ୍ରସିଦ୍ଧ ଇଷ୍ଟ ଦେବୀ ମା' ତାରା ତାରିଣୀଙ୍କ ଦର୍ଶନ କରିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳ ମାନ ଭ୍ରମଣ କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ପରାମର୍ଶ ମାନ ଦେବାସହ ନିଃସ୍ୱାର୍ଥପର ଭାବେ ସଂଘ ପାଇଁ କାର୍ଯ୍ୟ କରିବା ସହ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପୋଲିସର ନଜରକୁ ଆଣିବା ଲାଗି କହିଥିଲେ। ଏହାକୁ ଏସ୍‌ଡିପିଓ ଅଫିସ କର୍ମଚାରୀ କୈଳାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ କୁମାର ଗୌଡ, ସ୍ୱପ୍ନା ସେଠୀ, ସରୋଜ କୁମାର ଖୁଣ୍ଟିଆ, ଅଶୋକ ଗୌଡ଼, ଦୀପ୍ତି ପ୍ରସାଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

୧୦ ପଞ୍ଚାୟତରେ ଚାଷ କାମ ବାଧାପ୍ରାପ୍ତ

ଶେରଗଡ଼, ୨୪।୭ (ଡି.ଏନ.ଏ)

ବର୍ଷାର ଲୁଚକାଳି ଖେଳ

ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଥିଲେ ହେଁ ଶେରଗଡ଼ ବ୍ଲକରେ ଆଶାନୁରୂପ ବର୍ଷା ହୋଇନାହିଁ। ଯାହାବି ବର୍ଷା ହୋଇଛି ସେଥିରେ ଜମିର ଆଦ୍ରତା ମଧ୍ୟ ଆସିପାରିନାହିଁ। ବ୍ଲକ କୃଷି ବିଭାଗ କହିବା ଅନୁଯାୟୀ ମୋଟ ୭ହଜାରରୁ ଅଧିକ ହେକ୍ଟର ଜମିରେ ଧାନ ଫସଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୬୦ ଭାଗ ଜମିରେ ଏଯାବତ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଶେରଗଡ଼ ବ୍ଲକରେ ୧୦ ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଗ୍ରାମରେ ଚାଷୀମାନେ ବର୍ଷାକୁ ଚାହିଁ ବସିଛି। ଉକ୍ତ ଗ୍ରାମମାନଙ୍କ ମଧ୍ୟରେ ବରମୁଣ୍ଡଳୀ, ଖିରିଡା, ହାଡିଚିରା, ଧନନ୍ତର, କୁରୁଳା, ହରିକୃଷ୍ଣପୁର, ବିଜୟରଘୁନାଥପୁର, ପଟାପାବୁଲି, ଭେଟିସିଙ୍ଗ, ଶେରଗଡ ସମେତ ବହୁ ଗ୍ରାମରେ ଜଳସେଚନ ସୁବିଧା ନଥିବା

ସଂକ୍ଷେପରେ

ପୋଲିସ ପକ୍ଷରୁ ହେଲମେଟ୍ ଚେକିଂ

ଦଶପଲ୍ଲା୨୪।୭(ଡି.ଏନ.ଏ.): ଦଶପଲ୍ଲା ପୋଲିସ ପକ୍ଷରୁ ତ୍ରିନାଥ ବଜାର, ଜଗାପୁର ରୋଡ ଛକ, ଭୋଗରା ଛକ ଆଦି ସ୍ଥାନରେ ହେଲମେଟ୍ ଚେକିଂ କରାଯାଇଥିଲା । ବିନା ହେଲମେଟ୍‌ରେ ଗାଡ଼ି ଚଲାଉଥିବା ଚାଳକମାନଙ୍କଠାରୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବା ସହ ଏଥିପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ଡେଙ୍ଗୁ ରୋଗୀ ଚିହ୍ନଟ

ଭାପୁର,୨୪।୭(ଡି.ଏନ.ଏ.): ନୟାଗଡ଼ା ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତ ଅଧିନ ଦୁବପଲ୍ଲୀ ଗ୍ରାମରେ ଜଣେ ୨୫ ବର୍ଷୀୟ ଯୁବକ ଡେଙ୍ଗୁରେ ଆକ୍ରାନ୍ତରେ ହୋଇଥିବା ସୂଚନା ମିଳିଛି । ସମ୍ପୃକ୍ତ ଯୁବକ କିଛିଦିନ ହେବ ଅସୁସ୍ଥ ହୋଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିଲେ । ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟ ପ୍ରିୟ ସାହୁ ରକ୍ତ ନମୁନା ପରୀକ୍ଷା କରିବା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା ।

୩୦କେଜି ହରିଣ ମାଂସ ଜବତ, ଜଣେ ଗିରଫ

ନୟାଗଡ଼ ଅଫିସ/ଓଡ଼ଗାଁ,୨୪।୭(ସ୍ୱ.ପ୍ର.): ଓଡ଼ଗାଁ ବନାଞ୍ଚଳ କଦମଝର ବିଟ୍ ହାଉସ୍ ଅନ୍ତର୍ଗତ କୁରାଳ ଗ୍ରାମ ଗୋଲାସାହିରୁ ଓଡ଼ଗାଁ ପୋଲିସ ସ୍ଥାନୀୟ ଲୋକଙ୍କ ସହଯୋଗରେ ୩୦କେଜି ହରିଣ ମାଂସ ଏବଂ ସାଇକେଲ ଜବତ କରିଛି । ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ବନବିଭାଗକୁ ହସ୍ତାନ୍ତର କରାଯାଇଛି । ସମ୍ପୃକ୍ତ ବ୍ୟକ୍ତି ହେଲେ କୋମଣ୍ଡ ହରିଜନ ସାହିର କାଳୁ ନାୟକ(୫୨) । ରବିବାର ପୂର୍ବାହ୍ନରେ କାଳୁ ମାଂସ ବିକ୍ରୀ କରୁଥିବା ସମୟରେ ସ୍ଥାନୀୟ ଲୋକେ କୁରାଳ ଫାଣ୍ଡିକୁ ଖବର ଦେଇଥିଲେ । କୁରାଳ ଫାଣ୍ଡି ପୋଲିସଠାରୁ ଖବର ପାଇ ଓଡ଼ଗାଁ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ନିର୍ଦ୍ଦେଶ କ୍ରମେ ଏସ୍ ଆଇ ଚକ୍ରଧର ସିଂ, ଏଏସ ଆଇ ମନୋଜ ପାତ୍ର ଘଟଣାସ୍ଥଳରେ ପହଞ୍ଚି କଟାମାଂସ ସହତ ସାଇକେଲ ଜବତ କରିଥିଲେ । ଏହାପରେ କାଳୁଙ୍କୁ ଅଟକ ରଖିଥିଲେ । ବନପାଳ ସନ୍ଧ୍ୟାରାଣୀ ନାୟକ ଘଟଣାସ୍ଥଳରେ ପହଞ୍ଚିଲା ପରେ ପୋଲିସ ଜବତ କରିଥିବା ମାଂସ ଏବଂ ସାଇକେଲ ସହିତ କାଳୁଙ୍କୁ ହସ୍ତାନ୍ତର କରିଥିଲେ ।

ବ୍ୟବସାୟୀଙ୍କ ପରଲୋକ

ଭାପୁର,୨୪।୭(ଡି.ଏନ.ଏ.): ଭାପୁର ବ୍ଲକ ସଦର ମହକୁମାରେ ଥିବା ମା'ବ୍ରାହ୍ମଣୀଦେବୀ ବଣିକ ସଂଘ ବ୍ୟବସାୟୀ ବୈକୁଣ୍ଠ ନାଥ ବେହେରାଙ୍କ ଶନିବାର ୫୧ବର୍ଷ ବୟସରେ ପରଲୋକ ହୋଇଯାଇଛି । ବୈକୁଣ୍ଠ ଭାପୁର ବ୍ଲକ ସାମ୍ନାରେ ଏକ ଚା ,ପାନ ଦୋକାନ କରି ନିଜ ପରିବାର ଚଳାଉ ଥିଲେ । ସେ ଜଣେ ମେଳାପୀ ପରୋପକାରୀ ବ୍ୟକ୍ତି ଥିଲେ । କିଛି ଦିନ ହେବ ସେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିଲେ । ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ତାଙ୍କ ଶବଧାରକୁ ବଜାର ପରିକ୍ରମା କରାଇବା ପରେ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ଏକମାତ୍ର ପୁଅ ରାଜେଶ କୁମାର ବେହେରା ମୁଖାଗ୍ନି ଦେଇଥିଲେ । ବଜାର କମିଟି ତରଫରୁ ରବିବାର ଦିନ ସକାଳ ୬ଟାରୁ ୧୧ ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହିଥିଲା ।



ବନ୍ଧୁକକୁ ଖେଳଣା କରିଛନ୍ତି ଅପରାଧୀ

ନୟାଗଡ଼ ଅଫିସ,୨୪।୭

- ■ବନ୍ଧୁକ, ଗୁଳି କେଉଁଠୁ ଆସୁଛି ତଦନ୍ତ ନାହିଁ
- ■ଜବତ କରି ବାହାବା ନେଉଛି ପୋଲିସ

ନୟାଗଡ଼ ଜିଲାର ବିଭିନ୍ନ ଥାନା ପୋଲିସ ବନ୍ଧୁକ ଓ ଗୁଳି ଜବତ କରି ବାହାବା ନେଉଛି । ହେଲେ ଜବତ ବନ୍ଧୁକ ଓ ଗୁଳି କେଉଁଠୁ ଆସିଲା, ଅପରାଧୀମାନଙ୍କୁ କିଏ ଏହି ସାମଗ୍ରୀ ଯୋଗାଉଛି, ଏହାପଛରେ କେଉଁ ର୍ୟାକେଟ୍ କାମ କରୁଛି ତାର ତଦନ୍ତ କରାଯାଉନାହିଁ । ପୁଣି ଜିଲାରେ ବନ୍ଧୁକ ତିଆରି ହେଉଛି ନା ଅନ୍ୟ କେଉଁ ଜିଲାରୁ ଆସୁଛି ଏ ସଂକ୍ରାନ୍ତରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଛି । ଜବତ ବନ୍ଧୁକ ଓ ଗୁଳିର ତଦନ୍ତ କରିବାକୁ ପୋଲିସ ପ୍ରଧାନ୍ୟ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସର ଏପରି ଅନୁକମ୍ପାର ସୁଯୋଗ ନେଇ ଅପରାଧୀମାନେ ବନ୍ଧୁକକୁ ଖେଳନା କରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଥିବା ଅଭିଯୋଗ ହୋଇଛି।

ଜିଲାସ୍ତରରେ ଲୋକଙ୍କୁ ଅସ୍ତ୍ରଶସ୍ତ୍ର ରଖିବାକୁ ଲାଇସେନ୍ସ ଦିଆଯାଉଛି । ଲାଇସେନ୍ସ ପାଇଥିବା ବ୍ୟକ୍ତିମାନେ ଗୁଳି କିଣିବା ଓ ଫୁଟାଇବା ସମ୍ପର୍କରେ କୌଣସି ସୂଚନା ପ୍ରଶାସନ ନିକଟରେ ନାହିଁ । ପୁଣି ଗାଁ ଗହଳିରେ କେତେଜଣ କମାର ଦେଶୀ ବନ୍ଧୁକ ତିଆରି କରୁଛନ୍ତି । କିଛିବର୍ଷ ତଳେ ରଣପୁରର ଏକ କମାରଶାଳରେ ବନ୍ଧୁକ ତିଆରି କରାଯାଉଥିବା ଜଣା ପଡିଥିଲା । ପୋଲିସ ଖୋଳତାଡ କରି ଉପରୋକ୍ତ ସାମଗ୍ରୀ ଜବତ କରି ଅପରାଧୀଙ୍କୁ ଗିରଫ କରିଥିଲା । ଅନ୍ୟପକ୍ଷେ ଗୋଚାଲାଣକାରୀ ର୍ୟାକେଟ, ଗଞ୍ଜେଇ ଚାଲାଣ ବେଳେ ବନ୍ଧୁକ ଜବତ ହେଉଛି ।ପୁଣି ଲୁଟ୍, ଚୋରି, ରାହାଜାନୀ ବେଳେ ବନ୍ଧୁକ ଓ ଗୁଳି ଜବତ ହେଉଛି । ଜିଲାର ଅଧିକାଂଶ ଗାଁରେ ଚୋରା ବନ୍ଧୁକ ଲୋକମାନେ ରଖୁଛନ୍ତି । ଗତ ୨୧ ତାରିଖରେ ଦଶପଲ୍ଲା ଥାନା ପୋଲିସ ଘୋଳାହାଣ୍ଡି ନିକଟ ଭୂଇଁଆଣି ମନ୍ଦିର ନିକଟରୁ ପାଟ୍ରୋଲିଂ କରୁଥିବା ସମୟରେ ୨୨ କେଜି ୫୦୦ ଗ୍ରାମ ଗଞ୍ଜେଇ ସହ ଏକ ଦେଶୀ ବନ୍ଧୁକ ଜବତ କରି ୭ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କୁ ଦାଶ କୁହନ୍ତି, ଗୁଳି ଓ ବନ୍ଧୁକ ଜବତ ଘଟଣାରେ ପୋଲିସ କେବଳ ବାହାବା ନେଉଛି । ହେଲେ ଏହା କେଉଁଠୁ ଆସିଲା ତଦନ୍ତ କରୁନି କି ସ୍ୱତନ୍ତ୍ର ପଦକ୍ଷେପ ନେଉ ନାହିଁ । ଏଣୁ ଏନେଇ ରାଜ୍ୟ ସରକାରଙ୍କ କୋର୍ଟ ଚାଲାଣ କରାଯାଇଛି। ତେବେ ଅଭିଯୁକ୍ତମାନେ ବନ୍ଧୁକ କେଉଁଠୁ ଆଣିଲେ ତାର ତଦନ୍ତ ହେଲା ନାହିଁ । ସେହିଭଳି ଅଧିକାଂଶ ସମୟରେ ପୋଲିସ ଭିନ୍ନ ଭିନ୍ନ କ୍ଷେତ୍ରରୁ ଚୋରା ବନ୍ଧୁକ ସହ ଗୁଳି ଜବତ କରୁଛି । ହେଲେ ବନ୍ଧୁକ ଓ ଗୁଳି ନେଇ ଖୋଳତାଡ କରାଯାଉ ନାହିଁ । ପୋଲିସ ବନ୍ଧୁକ ଓ ଗୁଳି ଜବତ କରି ତଦନ୍ତ ନ କରି ବାହାବା ନେବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ଗଣମାଧ୍ୟମ ପ୍ରତିନିଧିମାନେ ବି ଏ ସଂକ୍ରାନ୍ତରେ କିଛି ନ ପଚାରି ପୋଲିସର ବାହାବାକୁ ପ୍ରଚାର କରିବାରେ ଲାଗି ପଡିଥିବା ବେଲି ଅଭିଯୋଗ ହେଉଛି।

ଏନେଇ ମାନବାଧିକାର କର୍ମୀ ଜୟନ୍ତ ଜନ ଶୁଣାଣୀ ପୋର୍ଟାଲରେ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି । ପୋଲିସ ଜବତ କରୁଥିବା ବନ୍ଧୁକ ଓ ଗୁଳି ଅପରାଧୀମାନେ କେଉଁଠୁ ଆଣିଲେ ତାର ତଦନ୍ତ କରାଗଲେ ବହୁ ଅପରାଧ କମି ଯାଅନ୍ତା । ପରିସ୍ଥିତି ଏମିତି ହୋଇଛି ଯେ, ଛୋଟ ଛୋଟ ଘଟଣାରେ ଗୁଳି ଫୁଟୁଛି । କେତେବେଳେ କିଏ ନିହତ ହେବେ କହିବା ମୁସ୍କିଲ ହୋଇଛି । ଆଇନଜୀବୀ ଅମୀୟ ପଟ୍ଟନାୟକ କୁହନ୍ତି, ପୋଲିସ ଜବତ ବନ୍ଧୁକ ଓ ଗୁଳିର ଖୋଳତାଡ କରୁ ନ ଥିବାରୁ ଏହାର ନିର୍ମାଣକାରୀ ଓ ବେପାରୀ ଖସି ଯାଉଛନ୍ତି । ପୋଲିସ ଯଦି ଏ ଦିଗରେ ଅଧିକ ଗୁରୁତ୍ୱ ଦିଅନ୍ତା ତେବେ ଅପରାଧୀମାନେ ଭୟ କରନ୍ତେ । ବନ୍ଧୁକ, ଗୁଳି ବିକ୍ରୀ ଓ ପ୍ରସ୍ତୁତ ଉପରେ ରୋକ୍ ଲାଗି ପାରନ୍ତା । ଏ ନେଇ ଖୋଳତାଡ ନ ଥିବାରୁ ପୋଲିସ ଅପରାଧ ବଢିବାକୁ ପ୍ରୋତ୍ସାହନ ଯୋଗାଉଛି ବୋଲି ସେ କହିଛନ୍ତି।

ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍, ଜଣେ ଗିରଫ

ବଡ଼ବିଲ, ୨୪।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ମୁଖ୍ୟ ରାସ୍ତାରେ ଏକ ବାଇକ୍ ଡିକି ତାଡ଼ି ଟଙ୍କା ଲୁଟ୍ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନଗଦ ୨ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ଼ବିଲ ନ୍ୟୁ ମାର୍କେଟ ପାତ୍ର ହଟିଂ ଅଞ୍ଚଳର ମିଲୁ ପାତ୍ର। ରବିବାର ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ବଡ଼ବିଲ ଆଜାଦ ବସ୍ତି ଅଞ୍ଚଳରେ ରହୁଥିବା ହିମାଂଶୁ ଶେଖର ସିଂହ ନାମକ ବ୍ୟକ୍ତି ଗତ ଶୁକ୍ରବାର ଷ୍ଟେଟ ବ୍ୟାଙ୍କ୍ ଏଟିଏମରୁ ୧୦ ହଜାର ଟଙ୍କା ଉଠାଇ ବାଇକରେ ରଖିଥିଲେ। ବାଇକ୍‌ଟିକୁ ରାସ୍ତା କଡ଼ରେ ରଖି ପାଉଁରୁଟି ଦୋକାନକୁ ଯାଇଥିଲେ। ଦୋକାନରୁ ଫେରି ବାଇକ୍ ଡିକି ଭଙ୍ଗାଯାଇଥିବା ଓ ସେଠାରେ ଥିବା ଟଙ୍କା ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ହିମାଂଶୁ ବଡବିଲ ଥାନାରେ ଏତଲା ଦେଇଥିବାବେଳେ ପୋଲିସ ଏନେଇ ଏକ ମାମଲା (ନଂ.୧୬୨/୨୦୨୨) ରୁଜୁ କରିଛି।

ଶ୍ରାବଣମାସର ଦ୍ୱିତୀୟ ସୋମବାରରେ ଜଳଲାଗି ପାଇଁ ମହାନଦୀରୁ ପାଣି ନେବାକୁ କଟକ ଗଡ଼ଗଡ଼ିଆ ଘାଟରେ ବୋଲବମ୍ ଯାତ୍ରୀଙ୍କ ଭିଡ଼।

ଜେଲ ଗଲେ ୩ ଲୁଟେରା

ଗଣିଆ,୨୪।୭(ଡି.ଏନ୍.ଏ.)

ପର୍ଯ୍ୟଟଙ୍କଠାରୁ ସୁନା ଚେନ୍ ଲୁଟ୍ ଘଟଣା

ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ବଡ଼ମୂଳ-ଗଣିଆ ପୂର୍ତ୍ତ ବିଭାଗ ରାସ୍ତାର କେନ୍ଦୁପଲ୍ଲୀ ଛକ ନିକଟରୁ ଗତ ଶୁକ୍ରବାର ୨ ପର୍ଯ୍ୟଟକଙ୍କୁ ମାଡମାରି ସୁନାଚେନ ଲୁଟ୍ ଘଟଣାରେ ଗିରଫ ୩ ଅଭିଯୁକ୍ତଙ୍କୁ ଗଣିଆ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ସାଇଲୋ ଅଞ୍ଚଳର ନରସିଂହ ପଟ୍ଟନାୟକ(୨୨), ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ପୋଇଝାରି ଗ୍ରାମର ଯଶୋବନ୍ତ ଜେନା(୨୬) ଓ ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ କାଦୁଆ ଗ୍ରାମର ସର୍ବେଶ୍ୱର ସ୍ୱାଇଁ(୨୭)। ଦଶପଲ୍ଲା କୋର୍ଟରେ ୩ଜଣଙ୍କ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଲୁଟେରାମାନେ ବ୍ୟବହାର କରିଥିବା ବାଇକ୍‌କୁ ପୋଲିସ ଜବତ କରିଛି। ଏଥି ସହ ଲୁଟ ହୋଇଥିବା ସୁନାଚେନ୍‌କୁ ପୋଲିସ ଜବତ କରିଛି ବୋଲି ଗଣିଆ ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ମଧ୍ୟାହ୍ନରେ ପୁରୀ ଜିଲା ସାତକୋଶିଆରୁ ଫେରୁଥିବା ୨ ପର୍ଯ୍ୟଟକ ନିଶାନ୍ତ କୁମାର ସାହୁ ଓ କାଜଲ ପାତ୍ରଙ୍କୁ ଏହି ଦୁର୍ବୃତ୍ତମାନେ ମାଡମାରିବା ସହ ସେମାନଙ୍କ କାରକୁ ଭଙ୍ଗାରୁଜା କରିଥିଲେ। ପରେ କାଜଲଙ୍କଠାରୁ ସୁନା ଚେନ ଲୁଟ୍ କରି ଦୁର୍ବୃତ୍ତମାନେ ବାଇକ୍‌ରେ ଦ୍ରୁତ ଗତିରେ ଫେରାର ହୋଇଯାଉଥିଲେ। ହେଲେ ଗଡ଼ିଆସାହି ନିକଟରେ ଖଣ୍ଡପଡ଼ା ଓ ଗଣିଆ ପୋଲିସ ମିଳିତ ଭାବେ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । ପୋଲିସକୁ ଦେଖି ଲୁଟେରାମାନେ ନିକଟସ୍ଥ ଜଙ୍ଗଲକୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଧରାପଡିଥିଲେ । ଏ ସଂକ୍ରାନ୍ତରେ ପର୍ଯ୍ୟଟକ ନିଶାନ୍ତ ଓ କାଜଲ ଗଣିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୫୯/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି ।

୩ ଲୁଟେରାଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି ।

ଶ୍ରେଣୀଗୃହ ନାହିଁ, ୫ ଶ୍ରେଣୀକୁ ୨ ଶିକ୍ଷକ

ଖଣ୍ଡପଡ଼ା,୨୪।୭(ସ୍ୱ.ପ୍ର.)

ଶିକ୍ଷାର ବିକାଶ ତଥା ଉନ୍ନତି ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଅନେକ କୋଟି ଟଙ୍କା ବ୍ୟୟ କରାଯାଉଛି । ମାତ୍ର କେତେକ ବିଦ୍ୟାଳୟ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ସ୍ଥାନୀୟ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଏଠାରେ ଉଦାହରଣ ଭାବେ ନିଆଯାଇଛି । ବିପଦସଙ୍କୁଳ ଶ୍ରେଣୀଗୃହ ଯୋଗୁ ଛାତ୍ରୀମାନଙ୍କୁ ଗୋଟିଏ ପ୍ରକୋଷ୍ଠରେ ବସାଇ ଶିକ୍ଷାଦାନ କରାଯାଉଛି। ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ଯୋଜନା ମୁତାବକ ଏହି ବିଦ୍ୟାଳୟରେ ମିଶ୍ରଣ କରାଯାଇଛି । ଏହାକୁ କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲର ମାନ୍ୟତା ଦିଆଯାଇଛି । ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪ ଶହ ଛାତ୍ରୀଛାତ୍ର ଏହି

କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ।

ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି । ସଂପୃକ୍ତ ବିଦ୍ୟାଳୟଟି ୧୯୯୪ରୁ ଟେକେନ ଓଭର ମାନ୍ୟତା ପାଇଛି। ୫୮ ବର୍ଷର ଏହି ବିଦ୍ୟାଳୟ ଶ୍ରେଣୀଗୃହ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନୁଦାନ ରାଶି ମଞ୍ଜୁର ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ଠିକାଦାର ପ୍ରୀତି ଯୋଗୁ କାମ ସରିବାର ୧ବର୍ଷ ମଧ୍ୟରେ ମରାମତି ଦରକାର ପଡୁଛି। ଅଧିକାଂଶ ସମୟରେ ଛାତରୁ ସିମେଣ୍ଟ ଖଣ୍ଡ ଖସି ବିପଦ ସୃଷ୍ଟି କରୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ୨ ମହଲା ବିଶିଷ୍ଟ ସଂପୃକ୍ତ ବିଦ୍ୟାଳୟର ଉପରେ ଥିବା ୨ଟି କୋଠରୀର ଛାତକୁ ମରାମତି କରାଯାଇଥିଲା । ୨ ବର୍ଷ ପରେ ଏବେ ସିମେଣ୍ଟ ଖଣ୍ଡ ଖସି ବିପଦସଙ୍କୁଳ ଅବସ୍ଥାରେ ରହିଛି । ବର୍ଷା ସମୟରେ ଛାତରୁ ପାଣି ଗଳୁଥିବା ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା ପ୍ରକାଶ କରିବା ସହ କହିଛନ୍ତି, ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିବା ସୂଚନା ଦେଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆ ଯାଇନାହିଁ । କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା ବିଦ୍ୟାଳୟ ପରିଦର୍ଶନରେ ଯାଇ ପଞ୍ଚାୟତ ପକ୍ଷରୁ ଅନୁଦାନ ଅର୍ଥ ମଞ୍ଜୁର କରିବାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

କଣ୍ଟିଲୋରେ ନାରୀ ଶିକ୍ଷାର ବିକାଶ ନିମନ୍ତେ ସ୍ଥାନୀୟ ଅଞ୍ଚଳର ବଦାନ୍ୟ ବ୍ୟକ୍ତି କୁଞ୍ଜ ବିହାରୀ ସାହୁ ୧୯୬୫ରେ କଣ୍ଟିଲୋ-ପାଟଣା ମଧ୍ୟସ୍ଥଳରେ ଥିବା ଏକ ପାହାଡକୁ କାଟି ଏହି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ତାହା ତାଙ୍କ ନାମ ଅନୁସାରେ ନାମିତ ହୋଇଛି ।

ହତ୍ୟା ଅଭିଯୁକ୍ତ ଗାଁ ସଭାପତି ଜେଲ ଗଲେ

ନୟାଗଡ଼ ଅଫିସ,୨୪।୭

ଦଣ୍ଡ ଶୋଭାଯାତ୍ରାରେ ଯୁବକଙ୍କୁ ହତ୍ୟା ଘଟଣା

ଦଣ୍ଡ ଶୋଭାଯାତ୍ରାକୁ ନେଇ ଘଟିଥିବା ହତ୍ୟା ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ଦେଉଳପଲ୍ଲୀ ଗାଁ ସଭାପତି ତଥା ମୁଖ୍ୟ ହତ୍ୟା ଅଭିଯୁକ୍ତ କୁହାଯାଉଥିବା ଶ୍ରୀନିବାସ ପ୍ରଧାନ(୫୩)ଙ୍କୁ ଶନିବାର ଗିରଫ କରିଛି । ଜାମିନ ନାମଞ୍ଜୁର ପରେ ଶ୍ରୀନିବାସଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପୋଲିସ କେନ୍ଦୁଝର ଜିଲା ସୀମାନ୍ତରୁ ଶ୍ରୀନିବାସଙ୍କୁ ଗିରଫ କରିଛି ବୋଲି ରବିବାର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିହ୍ନା କହିଛନ୍ତି । ଦରକାର ପଡିଲେ ଶ୍ରୀନିବାସଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି ।

ଏସ୍‌ଡିପିଓଙ୍କ ସୂଚନା ଅନୁଯାୟୀ, ୨୦୨୨ ଏପ୍ରିଲ ୧୩ ରାତିରେ ଦଣ୍ଡ ଶୋଭାଯାତ୍ରାକୁ ନେଇ ସୃଷ୍ଟ ବିବାଦ ଘଟଣାରେ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁର ଯୁବ ଇଞ୍ଜିନିୟର

ଗିରଫ ଅଭିଯୁକ୍ତ ଶ୍ରୀନିବାସ ପ୍ରଧାନ।

ନବୀନ ପରିଡା(୨୬)ଙ୍କୁ ହତ୍ୟା କରାଯାଇଥିଲା। ଦେଉଳପଲ୍ଲୀ ଗାଁଲୋକ ନବୀନଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ସେହିପରି ସିନ୍ଦୁରିଆ ଲୋକନାଥ ମନ୍ଦିରରେ ଦୁର୍ଗାପ୍ରସାଦର ଦଣ୍ଡୁଆମାନଙ୍କୁ ତାଲା ପକାଇ ପ୍ରାୟ ଅଧ ଘଣ୍ଟା ଧରି ଟେକାପଥର ମାଡ କରାଯାଇଥିଲା । ଭଉଣୀ ସସ୍ମିତା ଦାସ ଓ ଆହତଙ୍କ ଅଭିଯୋଗ ଅନୁସାରେ ପୋଲିସ ସିନି ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ଆରତ ପ୍ରଧାନ, ଅରୁଣ ପ୍ରଧାନ, ବିରଞ୍ଚି ପ୍ରଧାନ, ଆନନ୍ଦ ପ୍ରଧାନ, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ଏକାଧିକ ଲୋକଙ୍କ ନାମରେ ୩୦୨, ୩୦୭, ୩୩୭, ୩୩୮, ୩୨୩, ୩୨୫, ୧୪୭, ୧୪୮, ୧୪୯ ଦଫାରେ ୪୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସେହିପରି ପୋଲିସକୁ ଆକ୍ରମଣ ଘଟଣାରେ ୪୪/୨୨ରେ ଅନ୍ୟ ଏକ ମାମଲା ହୋଇଥିଲା । ଏତଲା ଅନୁସାରେ ୮ଜଣଙ୍କ ସମେତ ଏକାଧିକ ଲୋକଙ୍କ ନାଁରେ ଅଭିଯୋଗ ଥିବାବେଳେ ପୋଲିସ ୧୬ ଅଭିଯୁକ୍ତ ଓ ୨ ସହଯୋଗଙ୍କୁ ଗିରଫ କରି କୋ